READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୬ ସଂଖ୍ୟା-୪୦ ୧୭ - ୨୩ ଅକ୍ଟୋବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-40 17th - 23rd OCTOBER, 2022 BHUBANESWAR ₹ 5/- (8 Pages)

# ମୁକୁଳିବା ବାଟ ଖୋଜୁଛି ନାଗ

**ଭୁବନେଶ୍ୱର :** ଷୋହଳ ଷୋହଳଟି ଦଫାରେ ଛନ୍ଦି ହୋଇଥିବା ମାୟାବିନୀ ଅର୍ଚ୍ଚନା ନାଗ୍ ଏବେ ଆଇନଜାଲରେ ପଡ଼ି ଛଟପଟ ହେବା ଆରମ୍ଭ କରିଛନ୍ତି। ହନିଟ୍ରାପ୍, ବ୍ଲାକମେଲ୍ ଓ ହତ୍ୟା ଧମକ ଭଳି ସଂଗୀନ ଦଫା ତାଙ୍କ ନାଁରେ ଲାଗିଛି। ଏଥିରୁ ଖସିବା ଓ ଜେଲରୁ ମୁକୁଳିବା ପାଇଁ ଅର୍ଚ୍ଚନା ଛାଟିପିଟି ହେଉଛନ୍ତି। ହେଲେ ତାଙ୍କୁ ଆଜି କୌଣସି ପ୍ରକାରର ଆଶ୍ୱସ୍ତି ମିଳିନି। ତାଙ୍କୁ ସଂପୂର୍ଣ୍ଣ ଭାବେ ନିରାଶ ହେବାକୁ ପଡ଼ିଛି। କାରଣ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ସେ ଜାମିନ ପାଇଁ ଆବେଦନ କରିଥିଲେ ମଧ୍ୟ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଅର୍ଥାତ ଅର୍ଚ୍ଚନାଙ୍କୁ ଜାମିନ ମିଳିନି। ଏସବୁ ଭିତରେ ଅର୍ଚ୍ଚନାଙ୍କର କଳାଧନ ଅର୍ଜିବାର ପନ୍ଥା ଓ ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଓଡ଼ିଶା ପୁଲିସ୍ ନୁହେଁ, ବରଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ତଦନ୍ତ ଦାୟିତ୍ୱ ଦେବାକୁ ଆବେଦନକାରୀ ଦାବି କରିଛନ୍ତି। ରାଜଧାନୀର ଛାତି ଉପରେ ରହି ହନିଟ୍ରାପ, ବ୍ଲାକମେଲ୍, ହତ୍ୟା ଧମକ, ସମ୍ପତ୍ତି ଅର୍ଜିବା ପାଇଁ ଯୁବତୀଙ୍କୁ ମୋହରା ସଜାଇ ବଡ଼ବଡ଼ଇାଙ୍କୁ ଚୂନା ଲଗାଇବା କାମରେ ସାମିଲ ଥିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଅଛନ୍ତି ଅର୍ଚ୍ଚନା ନାଗ। ସେଠାରୁ ତାଙ୍କୁ ମୁକ୍ତି ମିଳିବ ନା ତାଙ୍କୁ ସେହି ଜେଲରେ ରହିବାକୁ ପଡ଼ିବ, ସେନେଇ ଆରମ୍ଭ ହୋଇଛି ଆଇନଗତ ଲଢ଼େଇ। ଅର୍ଚ୍ଚନା ଜେଲରୁ ବାହାରିବା ପାଇଁ ପ୍ରଥମେ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହାର ଶୁଣାଣି କରିଥିଲେ ମଧ୍ୟ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଜାମିନ ଆବେଦନର କରି ଅର୍ଚ୍ଚନାଙ୍କ ଓକିଲଙ୍କ କହିଥିଲେ ଯେ ଅର୍ଚ୍ଚନାଙ୍କ ବିରୋଧରେ ଯେଉଁ ସବୁ ଅଭିଯୋଗ ଓ ଦଫା ଲାଗିଛି ତାହା ଯୁକ୍ତିଯୁକ୍ତ ନୁହେଁ। ତେଣୁ ତାଙ୍କୁ ଜାମିନରେ ଛଡ଼ାଯାଉ। ➤ ପୃ-୬



## ହାଇକୋର୍ଟରେ ଅର୍ଚ୍ଚନା ପ୍ରସଙ୍ଗ

# ଇଡି ଦ୍ୱାରା ତଦନ୍ତ ପାଇଁ ନିବେଦନ

**କଟକ :** ବହୁର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ମାମଲାକୁ ନେଇ ରାଜ୍ୟ ଉଠୁଥିବା, ପଡୁଥିବା ବେଳେ ତାଙ୍କୁ ବାନ୍ଧି ଦେଇ ଚୁପ୍ ବସିରହିଛି ପୁଲିସ୍। ଅର୍ଚ୍ଚନାଙ୍କ ଗିରଫଦାରୀଙ୍କୁ ୧୦ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ବି ତାଙ୍କୁ ରିମାଣ୍ଡରେ ଆଣିବା ନାଁ ଧରୁନି ପୁଲିସ୍। ଏହି ମାମଲାରେ ବହୁ ବଡ଼ବଡ଼ିଆ ସମ୍ପୃକ୍ତ ଥିବା ଅଭିଯୋଗ ହେବା ପରେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ପଛଘୁଞ୍ଚା ଦେଉଛି ପୁଲିସ୍। ପୁଲିସ୍ ତଦନ୍ତରେ ଶିଥିଳତା ପରିଲକ୍ଷିତ ହେବାରୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ପରିଷଦର ଜଗତସିଂହପୁର ଜିଲ୍ଲା ସଭାପତିଙ୍କ ପକ୍ଷରୁ ଏନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏପରିକି କମିଶନରେଟ ପୁଲିସ୍ ଏହି ହାଇ ପ୍ରୋଫାଇଲ ସେକ୍ସ ସ୍କାଣ୍ଡାଲର ତଦନ୍ତ ଦିଗକୁ ବାଟବଣା କରୁଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯିବାକୁ ଆବେଦନରେ ଉଲ୍ଲେଖ ହୋଇଛି। ବ୍ଲାକମେଲ୍ କୁଇନ୍ ଅର୍ଚ୍ଚନାଙ୍କ ସେକ୍ସ ରାକେଟ୍ ଘଟଣା ପଦାକୁ ଆସିବା ପରେ ତାଙ୍କ ଅଜସ୍ର ସମ୍ପତ୍ତି ଠାବ ହୋଇଛି। ଅର୍ଚ୍ଚନାର ଆଖି ଝଲସିବା ପରି ବଡ଼ ବଡ଼ ବଙ୍ଗଳା, ଦାମୀ କାର୍ ତଥା କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି। ମନି ଲଣ୍ଡରିଂ ଘଟଣା ବି ସାମନାକୁ ଆସିଛି। ଏଥିରେ କେନ୍ଦ୍ର, ରାଜ୍ୟ ସରକାର, ଇଡି, ମୁଖ୍ୟ, ଡିଜି ପୁଲିସ୍, ଭୁବନେଶ୍ୱରର ଖଣ୍ଡଗିରି ଥାନାର ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏଥିରେ ୨୫ ନେତା ସାମିଲ ଥିବା କୁହାଯାଉଥିବା ବେଳେ ସେଥିରେ ୧୮ ବିଧାୟକ ସାମିଲ ଥିବା ଜଣାଯାଇଛି। ଏଥିରେ ଉଭୟ ବିଜେଡି, ବିଜେପିର ତୁଙ୍ଗ ନେତା ତଥା ବଡ଼ ବଡ଼ିଆ ପୁଲିସ୍ ଅଧିକାରୀ ସାମିଲ ଥିବାରୁ ରାଜ୍ୟ ପୁଲିସ୍ ଏହାର ନିରପେକ୍ଷ ତଦନ୍ତ କରିବା ସନ୍ଦେହଘେରରେ ରହିଛି। ତେଣୁ ଏହି ସବୁକୁ ଇଡି ତଦନ୍ତ ପରସରଭୁକ୍ତ କରିବାକୁ ହାଇକୋର୍ଟରେ ଦାଏର ହୋଇଛି ମାମଲା। କଳାହାଣ୍ଡିର କେସିଙ୍ଗାର ଏକ ➤ ପୃ-୬

# ପ୍ରତ୍ୟେକ ଆଇଆଇଟି ହେଉଛି ରତ୍ନଭଣ୍ଡାର : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଆଇବି) :** ଦେଶର ପ୍ରତ୍ୟେକ ଆଇଆଇଟି ହେଉଛି ରତ୍ନଭଣ୍ଡାର। ଜ୍ଞାନ ଏବଂ ଅଭିଜ୍ଞତାର ଗନ୍ତାଘର ଆଇଆଇଟି ଦେଶର ଭବିଷ୍ୟତ ପାଇଁ ରାସ୍ତା ସୁଗମ କରିବ ବୋଲି ଶୁକ୍ରବାର ଆଇଆଇଟି ଦିଲ୍ଲୀରେ ଦେଶରେ ପ୍ରଥମ ଥର ପାଇଁ ଆୟୋଜିତ ସବୁ ଆଇଆଇଟି- ଆର୍ ଆଣ୍ଡ୍ ଡି ପ୍ରଦର୍ଶନୀ 'ଇନଭେନଟିଭ୍ ୨୦୨୨'କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଶ୍ୱର ଅନେକ ଦେଶ ଆଇଆଇଟି କ୍ୟାମ୍ପସ ସ୍ଥାପନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ହିଁ ଆମ ଆଇଆଇଟିର ଜ୍ଞାନ ଓ



ଗୁଣବତ୍ତାକୁ ପରିଚୟ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଜୟ ଅନୁସନ୍ଧାନ'ର ନାରା ଦେଇଛନ୍ତି। ଆଇଆଇଟି ଦିଲ୍ଲୀରେ ଅନୁଷ୍ଠିତ ଇନଭେନଟିଭ୍ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ଆଗକୁ ନେଉଛି। ସେହିପରି ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ଅନେକ ଟେକ୍ନୋଲୋଜି ଉଦ୍ଭାବନ କରାଯାଉଛି । ବିଶେଷ ଭାବରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ନୂତନ ଟେକ୍ନୋଲୋଜି ଉଦ୍ଭାବନ ହେଉଅଛି। ➤ ପୃ-୬

# ବବି ଦାସ ଓସିଏର ପରବର୍ତ୍ତୀ ସଭାପତି

**ଭୁବନେଶ୍ୱର :** ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ହେବେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ପରବର୍ତ୍ତୀ ସଭାପତି। ବର୍ତ୍ତମାନର ସଭାପତି ପଙ୍କଜ ଲୋଚନ ମହାନ୍ତି ତାଙ୍କ ପଦରୁ ତଳକୁ ଖସି ଉପସଭାପତି ପଦରେ ବସିବାକୁ ରାଜି ହୋଇଛନ୍ତି। ପ୍ରଣବ ନିକଟରେ ଯାଜପୁର ଜିଲ୍ଲା ଆସୋସିଏସନରୁ ଓସିଏକୁ ପ୍ରତିନିଧିତ୍ୱ କରିଥିଲେ। ସୂଚନା ଅନୁସାରେ, ପୁରୀରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓସିଏର ବିଭିନ୍ନ ଜିଲ୍ଲା ପ୍ରତିନିଧିମାନେ ସାମିଲ ହୋଇଥିଲେ। ପ୍ରଣବ ପ୍ରକାଶଙ୍କ ନାଁ ଓସିଏ ସଭାପତି ପଦ ନିମନ୍ତେ ଯାଜପୁର ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯିବା ପରେ ସେଠାରେ ଥିବା ଅନ୍ୟ



ସଂଘର ସଦସ୍ୟମାନେ ଏହାକୁ ସମର୍ଥନ କରିଛନ୍ତି। ସେହିପରି ପଙ୍କଜ ଲୋଚନ ମହାନ୍ତି ଉପସଭାପତି ପଦ ନିମନ୍ତେ ଓ ସଞ୍ଜୟ ବେହେରା ସମ୍ପାଦକ ପଦ ପାଇଁ ପ୍ରାର୍ଥୀ ହେବେ। ଅନ୍ୟ ୩ଟି ପଦ ଯଥା- ଯୁଗ୍ମ ସମ୍ପାଦକ, ➤ ପୃ-୬

# ବିଶ୍ୱରେ ୭.୧ କୋଟି ଲୋକ ଦରିଦ୍ର

**ନୂଆଦିଲ୍ଲୀ :** ଗରିବ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି କରୋନା ମହାମାରୀ। କାମଧନ୍ଦା ହରାଇଥିବା କୋଟି କୋଟି ଲୋକ ଦାରିଦ୍ର୍ୟ କବଳରେ ପଡ଼ିଛନ୍ତି। ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ମହାମାରୀ ଯୋଗୁଁ ସାରା ବିଶ୍ୱରେ ୭.୧ କୋଟି ଲୋକ ଦାରିଦ୍ର୍ୟ ଭିତରକୁ ଚାଲି ଆସିଥିବା ବେଳେ ସେଥିରୁ ପ୍ରାୟ ୮୦ ପ୍ରତିଶତ ଅର୍ଥାତ ୫.୬ କୋଟି ଲୋକ ହେଉଛନ୍ତି ଭାରତର। ବିଶ୍ୱବ୍ୟାଙ୍କର ରିପୋର୍ଟ 'ପଭର୍ଟି ଆଣ୍ଡ୍ ସେୟାରଡ୍ ପ୍ରସ୍ପରିଟି ୨୦୨୨' ଅନୁଯାୟୀ, ଦାରିଦ୍ର୍ୟ ବିରୋଧରେ ସାରା ବିଶ୍ୱରେ ଯେଉଁ ଲଢ଼େଇ ଜାରି ରହିଛି ସେଥିପ୍ରତି ବଡ଼ ଧକ୍କା ସାବ୍ୟସ୍ତ



ହୋଇଛି କରୋନା ମହାମାରୀ। ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥିବା ଲୋକମାନଙ୍କ ସଂଖ୍ୟାରେ ବୃଦ୍ଧି ହୋଇଛି। ବିଶ୍ୱର ଉତ୍କଟ ଦାରିଦ୍ର୍ୟ ହାର ଯାହା ୨୦୧୯ରେ ୮.୪ ପ୍ରତିଶତ ଥିଲା ତାହା ୨୦୨୦ରେ ୯.୩ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୨୦ରେ କରୋନା ମହାମାରୀ ବ୍ୟାପିବାରୁ ଲକ୍ଷ ଲକ୍ଷ ଲୋକ ଜୀବନ ହରାଇଥିଲେ। ➤ ପୃ-୬

## ବକ୍ରବାଣୀ



ସତିଅବିହାରେ ଲାଗିଛି ମେଳା
ରାତିରେ ଯାଆନ୍ତି ସାପୁଆ କେଳା
ଚାକର ବୁଢ଼ାର ନଖରା ଦେଖ
ଘୁରି ବୁଲୁଥୁଲା ଅର୍ଚ୍ଚୁର ପାଖ
ଦେହ ହାତେ ମାଟି ବୋଲି ହେଇକି
ଫିତା କାଟୁଥେଲା ସେଠି ଯାଇକି
ନେତା ଅଫିସର ଚୌଷଠି ଯୋଗୀ
ଏକକୁ ଆରେକ ବଳିକି ରୋଗୀ
କଳାବତୀ କଳା କିମିଆଁ କଳା
ବାଘ ଛେଳି ମିଶି ହେଲେ ଘାଇଲା।

—— ଟୁଟୁ

## ହିଜାବ ବ୍ୟାନ ପ୍ରସଙ୍ଗରେ ଦୁଇ ବିଚାରପତିଙ୍କ ଭିନ୍ନଭିନ୍ନ ରାୟ

# ବୃହତ୍ତର ବେଞ୍ଚରେ ହେବ ଶୁଣାଣି

**ନୂଆଦିଲ୍ଲୀ :** ଶିକ୍ଷାନୁଷ୍ଠାନର ଶ୍ରେଣୀ ଗୃହରେ ହିଜାବ ପରିଧାନ ଉପରେ କର୍ଣ୍ଣାଟକ ସରକାର ଲଗାଇଥିବା ବ୍ୟାନ ଠିକ୍ ନା ଭୁଲ? ଏହାର ନିଷ୍ପତ୍ତି ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ନେଇ ପାରି ନାହାନ୍ତି। ଦୁଇ ଜଣିଆ ଖଣ୍ଡପୀଠଙ୍କ ରାୟ ଭିନ୍ନଭିନ୍ନ ହେବାରୁ ଏବେ ମାମଲାର ଶୁଣାଣି ବୃହତ୍ତର ବେଞ୍ଚରେ ହେବ। ମାମଲାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ପାଖକୁ ପଠାଇ ଦିଆଯାଇଛି। ସେ ବେଞ୍ଚ ଗଠନ କରିବା ସହ ମାମଲାକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିବେ। ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠରେ ଥିବା ଜଷ୍ଟିସ ହେମନ୍ତ ଗୁପ୍ତା ହିଜାବ ବ୍ୟାନକୁ ସମର୍ଥନ କରିଥିବା ବେଳେ ଜଷ୍ଟିସ ସୁଧାଂଶୁ ଧୁଲିଆ କହିଥିଲେ ଯେ ସେ ବେଶ ସମ୍ମାନର ସହ ଏଥିରେ ଏକମତ ନୁହନ୍ତି। ତାଙ୍କ ମତରେ ଝିଅଙ୍କ ଶିକ୍ଷା ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜଷ୍ଟିସ ଧୁଲିଆ ତାଙ୍କ



ରାୟରେ ଧର୍ମନିରପେକ୍ଷ, ସାମ୍ବିଧାନିକ ସ୍ୱାଧୀନତା ଓ ଝିଅଙ୍କ ଶିକ୍ଷାକୁ ଅଗ୍ରାଧିକାର ଦେଇଛନ୍ତି। ସେ କହିଛନ୍ତି, ଝିଅମାନଙ୍କ ଶିକ୍ଷାଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ଗ୍ରହଣ କରିବାରେ ଝିଅମାନଙ୍କୁ ଅନେକ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମସ୍ୟା ସେମାନଙ୍କ ସାମ୍ନାରେ ରହୁଛି। କିନ୍ତୁ ଆମେ ଏମିତି କିଛି ପ୍ରତିବନ୍ଧକ ଲଗାଇ ସେମାନଙ୍କ ଜୀବନକୁ ଅଧିକ ସୁନ୍ଦର କରିପାରୁଛେ? ଆମ ସମ୍ବିଧାନର ➤ ପୃ-୬

## ଧାମନଗର ବିଜେଡିରେ ବିସ୍ଫୋରକ ସ୍ଥିତି !

# ବିଭାଜନର ଆଭାସ ପରେ ସୁପ୍ରିମୋ କ୍ଷୁବ୍ଧ

**ଭୁବନେଶ୍ୱର :** ଧାମନଗର ଉପନିର୍ବାଚନରେ ବିଜେଡିର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ପରେ ବିଜେଡି ନେତୃତ୍ୱଙ୍କୁ ଶକ୍ତ ଧକ୍କା ଲାଗିଛି। ବିଜେଡି ରାଜ୍ୟରେ କ୍ଷମତାକୁ ଆସିବା ପରଠୁ ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ କୌଣସି ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ବିରୋଧରେ ଦଳର ଅସନ୍ତୁଷ୍ଟ ନେତା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡିର ସାଂଗଠନିକ ପରିଚାଳନା ଶୈଳୀକୁ ନେଇ ଦଳ ଭିତରେ ରହିଥିବା ଚାପା ଅସନ୍ତୋଷ ଏବେ ବିସ୍ଫୋରକ ପରିସ୍ଥିତି ଆଡ଼କୁ ମୁହାଁଇଛି ଓ ଯାହାର ଫଳସ୍ୱରୂପ ବିଜେଡିର କିଛି ବରିଷ୍ଠ ନେତାଙ୍କ ପରାମର୍ଶରେ ରାଜେନ୍ଦ୍ର ଦଳୀୟ ପ୍ରାର୍ଥୀଙ୍କୁ ଚ୍ୟାଲେଞ୍ଜ କରିବାକୁ ସକ୍ଷମ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ 'ସୁଚିନ୍ତିତ ନିର୍ବାଚନ ପରିଚାଳନା' ମାଧ୍ୟମରେ ନିର୍ବାଚନ ଜିତୁଥିବା ବିଜେଡି ଏବେ ରାଜେନ୍ଦ୍ର ଦାସଙ୍କ ପ୍ରାର୍ଥୀତ୍ୱକୁ ନେଇ ବ୍ୟାକଫୁଟରେ ଅଛି। ବିଦ୍ରୋହୀ ପ୍ରାର୍ଥୀ ଭାବେ



ରାଜେନ୍ଦ୍ର ନାମାଙ୍କନ ପତ୍ର ଦାଖଲ କରିବା ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପାଇଁ ମାମଲାତି କରୁଥିବା ଅନଭିଜ୍ଞ ନେତାମାନଙ୍କ ଉପରେ କ୍ଷୁବ୍ଧ ଥିବା ସୂଚନା ମିଳିଛି। ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନ ପରଠୁ ଦଳରେ ଗୋଷ୍ଠୀକନ୍ଦଳ ତୀବ୍ର ରୂପ ନେଉଥିବା ତଥା ବିଜେଡିର ବହୁ ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ କୋଣଠେସା କରି ରଖାଯାଇଥିବାର ଫଳ ଏବେ ଦଳକୁ ଭୋଗିବାକୁ ପଡ଼ୁଛି। କୌଣସି ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିରୁଦ୍ଧରେ ବିଦ୍ରୋହୀ ପ୍ରାର୍ଥୀ ହେବାର ସାହାସ ବିଜେଡିର କେହି ନେତା କରୁନଥିବାବେଳେ ପ୍ରଥମଥର ପାଇଁ ରାଜେନ୍ଦ୍ର ଦାସ ଧାମନଗର ଉପନିର୍ବାଚନରେ ଏହି ସାହାସ କରି ଦେଖାଇଛନ୍ତି। ରାଜେନ୍ଦ୍ରଙ୍କ ଏଭଳି ଆଭିମୁଖ୍ୟ ଓ ନିଷ୍ପତ୍ତି ପଛରେ ଦଳର ବହୁ ପୁରୁଖା ଓ ବରିଷ୍ଠ ନେତାଙ୍କ ନିରବ ସମର୍ଥନ ଥିବା ଜଣାପଡ଼ିଛି। ବିଜେଡିର ମାମଲାତକାରୀ ସାଜିଥିବା କିଛି ତୋଷାମଦକାରୀ ନେତାଙ୍କ ଚକ୍ରାନ୍ତରେ ନିଜସ୍ୱ ଦୃଢ଼ ସଂଗଠନ ଧାମନଗରରେ ଥାଇ ମଧ୍ୟ ରାଜେନ୍ଦ୍ର ଦଳୀୟ ପ୍ରାର୍ଥୀ ହେବାରୁ ବଂଚିତ ହେଲେ ବୋଲି ଖୋଲାଖୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଧାମନଗର ଉପନିର୍ବାଚନ ପରିଚାଳନାର ଦାୟିତ୍ୱ ଏବେ ବିଧାୟକ ପ୍ରଣବ ପ୍ରକାଶ ଦାସ (ସଂଗଠନ ସମ୍ପାଦକ), ବିଧାୟକ ପ୍ରଣବ ବଳବନ୍ତରାୟ (ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ)ଙ୍କ ସମେତ ବିଧାୟକ ବ୍ୟୋମକେଶ ରାୟ, ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

# ଦେଶକୁ ଉପଯୋଗୀ 'ଓଡ଼ିଶା ମଡେଲ'

## 'ମୁକ୍ତା', 'ମାଟି', 'ଛତା', 'ଅରୁଆ' ସମ୍ପର୍କରେ ତଥ୍ୟ ଲୋଡ଼ିଲା କେନ୍ଦ୍ର

## ବର୍ଷାଜଳ ସଂରକ୍ଷଣ ଲାଗି ଓଡ଼ିଶା ଗ୍ରହଣ କରିଛି ପ୍ରଭାବଶାଳୀ ପଦକ୍ଷେପ

**ଭୁବନେଶ୍ୱର :** ସାମ୍ପ୍ରତିକ ସମୟରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଦେଶର ଅନ୍ୟ ରାଜ୍ୟ ପାଇଁ ଉଦାହରଣୀୟ ହୋଇଛି। 'ଓଡ଼ିଶା ମଡେଲ'କୁ ବିଭିନ୍ନ ରାଜ୍ୟ ଅନୁସରଣ କରୁଛନ୍ତି। ପୂର୍ବରୁ 'କାଳିଆ' ଯୋଜନା ଅନୁରୂପ କାର୍ଯ୍ୟକ୍ରମ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଣୟନ କରିଛନ୍ତି। 'ମୋ ସ୍କୁଲ' କାର୍ଯ୍ୟକ୍ରମକୁ ଅନୁସରଣ କରି 'ପିଏମ୍-ଶ୍ରୀ', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନୁରୂପ ଆୟୁଷ୍ମାନ ଯୋଜନା କାର୍ଯ୍ୟକ୍ରମ ଗ୍ରହଣ କରିଛି କେନ୍ଦ୍ର। ଏହି ପରିପ୍ରେକ୍ଷୀରେ ଓଡ଼ିଶାର 'ମୁକ୍ତା', 'ମାଟି', 'ଛତା' ଓ 'ଅରୁଆ' ଆଦି କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କରିଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ, କାର୍ଯ୍ୟାନ୍ୱୟନ ପଦ୍ଧତି ପ୍ରଦାନ କରିବା ପାଇଁ ଓଡ଼ିଶା ସରକାରଙ୍କୁ ଚିଠି ଲେଖିଛି କେନ୍ଦ୍ର। ବର୍ଷା ଜଳ ଅମଳ ଏବଂ ଜଳ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ଦେଶବ୍ୟାପୀ ଜଳଶକ୍ତି ଅଭିଯାନ; କ୍ୟାଚ୍ ଦି ରେନ୍ ଯୋଜନାର କାର୍ଯ୍ୟନ୍ୱୟନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅଧିନରେ ବର୍ଷା ଜଳ ସଂରକ୍ଷଣ ପାଇଁ ରାଜ୍ୟ ସ୍ତରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ତେବେ ବର୍ଷାଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସରକାର ଗ୍ରହଣ କରିଥିବା ପଦକ୍ଷେପ କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କରିଛି। ଭୂପୃଷ୍ଠ ଜଳ ସଂରକ୍ଷଣ ପାଇଁ ଗ୍ରହଣ କରିଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏନେଇ ବିଶଦ୍ ବିବରଣୀ ଦେବାକୁ ଜାତୀୟ ଜଳ ମିଶନ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁକ୍ତା, ମୁଖ୍ୟମନ୍ତ୍ରୀ ଆଡିବନ୍ଧ, ଅରୁଆ ଏବଂ ଛତା ଭଳି ଯୋଜନାର କାର୍ଯ୍ୟନ୍ୱୟନ କରୁଥିବା ବେଳେ ଏହା ଅନ୍ୟରାଜ୍ୟଗୁଡ଼ିକ ପାଇଁ ଅନୁକରଣୀୟ ହୋଇପାରିବ ବୋଲି କେନ୍ଦ୍ର ସରକାର ବିଚାର କରୁଛନ୍ତି। କେନ୍ଦ୍ରୀୟ ଜଳଶକ୍ତି ମିଶନ ଦ୍ୱାରା କ୍ୟାଚ୍ ଦି ରେନ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ନିକଟରେ ଗତ ଜୁଲାଇରୁ ଅଗଷ୍ଟ ମାସରେ କ୍ୟାଚ ଦି ରେନ୍ ଅଭିଯାନ ପାଇଁ ରାଜ୍ୟସ୍ତରରେ ନିଯୁକ୍ତି ହୋଇଥିବା ନୋଡାଲ ଅଧିକାରୀମାନଙ୍କର ମୋଟ ୫ଟି ବୈଠକ ହୋଇଥିଲା। ବୈଠକରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନୋଡାଲ ଅଧିକାରୀ ଏବଂ ସେମାନଙ୍କର ପ୍ରତିନିଧିମାନେ ଭାଗ ନେଇ ନିଜ ନିଜ ରାଜ୍ୟରେ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ଜଳ ସଂରକ୍ଷଣ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ତନ୍ମଧ୍ୟରୁ ୨୧ଟି ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଥିବା ବେଳେ ଓଡ଼ିଶାର ଉପରୋକ୍ତ ୩ ପ୍ରକଳ୍ପ ସ୍ଥାନ ପାଇଛି। ସୂଚନାଯୋଗ୍ୟ ଯେ କ୍ୟାଚ ଦି ରେନ୍-୨୦୨୨ ଅଧିନରେ ରାଜ୍ୟର ସମସ୍ତ ପୌରାଞ୍ଚଳରେ ପ୍ରାୟ ୨୦ ହଜାର ବର୍ଷା ଜଳ ଅମଳ ପ୍ରକଳ୍ପକୁ ମାତ୍ର ୬୦ ଦିନରେ ନିର୍ମାଣ କରାଯାଇଛି। ଯାହା ବର୍ଷା ଜଳ ଅମଳ ଏବଂ ସଂରକ୍ଷଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିପାରୁଛି। ସେହିପରି ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା (ମାଟି) ଅଧିନରେ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ମାନସିକ ଶାନ୍ତି ରହିବ । ବଡ ନିଷ୍ପତ୍ତି ନେଇପାରନ୍ତି । ଛାତ୍ରମାନଙ୍କର ସମସ୍ତ ପ୍ରତିବନ୍ଧକ ଦୂର ହେବ । ପଦୋନ୍ନତି ହୋଇପାରେ । ଯାନବାହନ କ୍ରୟ କରିପାରନ୍ତି । ପ୍ରେମ ବିବାହ ଯୋଗ ଅଛି । ପ୍ରତିକାର : ଭଗବାନ ଗଣେଷଙ୍କୁ ପେଡା ଭୋଗ ଲଗାନ୍ତୁ ।

**ବୃଷ** — ଗଳା ଓ ପେଟ ଯନ୍ତ୍ରଣା କମ ହେବ । ନୂଆ ବ୍ୟବସାୟର ମାର୍ଗ ଖୋଲିବ । ଉଚ୍ଚ ଅଧିକାରୀଙ୍କ ସହ ସମ୍ପର୍କ ସୁଧାର ହେବ । ସନ୍ତାନଙ୍କୁ ସଫଳତା ମିଳିବ । ଦମ୍ପତିମାନଙ୍କ ସମ୍ପର୍କ ଦୃଢ଼ ହେବ । ପ୍ରତିକାର : ପ୍ରତିଦିନ ଭଗବାନଙ୍କୁ ଧଳା ଫଳ ଅର୍ପଣ କରନ୍ତୁ ।

**ମିଥୁନ** — ଧନପ୍ରାପ୍ତି ଯୋଗ ଅଛି । ବ୍ୟବସାୟରେ ଉନ୍ନତି ହେବ । ପରିବାରରେ ମତାନ୍ତର ରୋଗ ହେବ । ସଞ୍ଚୟ ବଢ଼ିବ । ବିବାହ ଯୋଗ ଅଛି । ରୋକିଥିବା ପଇସା ଫେରିପାଇବେ । ପ୍ରତିକାର : ପ୍ରତିଦିନ ଓଁ ଗଣପତେୟ ନମଃ ଜପ କରି ବାହାରକୁ ଯାଆନ୍ତୁ ।

**କର୍କଟ** — ରକ୍ତଚାପ ବଢ଼ିପାରେ । ବ୍ୟବସାୟରେ ବିଚାରର ଆବଶ୍ୟକ ରହିଛି । ମନକୁ ସ୍ଥିର ରଖନ୍ତୁ । ନିଜର ବାଣୀରେ ଲଗାମ ଦିଅନ୍ତୁ । ଅନେକ ନୂଆ ନୂଆ ପ୍ରସ୍ତାବ ପାଇପାରନ୍ତି । ପ୍ରତିକାର : ଭଗବାନଙ୍କୁ ଗୁଡ ଚଣା ଭୋଗ ଲଗାନ୍ତୁ ।

**ସିଂହ** — ପୁରୁଣା ରୋଗରୁ ମୁକ୍ତି ମିଳିବ । ଅନେକ ସ୍ରୋତରୁ ଧନପ୍ରାପ୍ତି ଯୋଗ ଅଛି । ମାଆଙ୍କ ଠାରୁ ସମ୍ପୂର୍ଣ୍ଣ ସହଯୋଗ ପାଇବେ । ଛାତ୍ରଙ୍କର ବିଦେଶ ଯାତ୍ରା ଯୋଗ ଅଛି । ପ୍ରତିକାର : ପ୍ରତିଦିନ ଭଗବାନ ସୂର୍ଯ୍ୟଙ୍କ ଜଳ ଅର୍ପଣ କରନ୍ତୁ ।

**କନ୍ୟା** — ପିତାମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ । ନୂଆ ଚାକିରି ପାଇପାରନ୍ତି । ଅଚାନକ ଧନପ୍ରାପ୍ତି ଯୋଗ ଅଛି । କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦୂର ହେବ । ପ୍ରତିକାର : ମାତା ଦୁର୍ଗାଙ୍କୁ ଲାଲ ଫୁଲ ଅର୍ପଣ କରନ୍ତୁ ।

**ତୁଳା** — ସ୍ୱାସ୍ଥ୍ୟରେ ଉନ୍ନତି ହେବ । ଆୟ ଓ ବ୍ୟୟରେ ବୃଦ୍ଧି ଯୋଗ ଅଛି । ପଦୋନ୍ନତି ଓ କାର୍ଯ୍ୟକ୍ଷେତ୍ରରେ ସମ୍ମାନ ଯୋଗ ଅଛି । ଘର ବା ଗାଡି କିଣିପାରନ୍ତି । ପ୍ରତିକାର : ପ୍ରତିଦିନ ଭଗବାନ ଗଣେଷଙ୍କୁ ପାନପତ୍ର ଅର୍ପଣ କରନ୍ତୁ ।

**ବିଛା** — ସପ୍ତାହର ପ୍ରଥମରେ ସତର୍କତା ଅବଲମ୍ବନ କରନ୍ତୁ । କିନ୍ତୁ ପରେ ଧନ ଓ ପଦୋନ୍ନତି ଯୋଗ ଅଛି । ଦୂରଯାତ୍ରା କରିପାରନ୍ତି । ବନ୍ଦ ପଡିଥିବା ଧନପ୍ରାପ୍ତି ଯୋଗ ଅଛି । ପ୍ରତିକାର : ପ୍ରତିଦିନ ଦହିଗୁଡ ଖାଇ ବାହାରକୁ ଯାଆନ୍ତୁ ।

**ଧନୁ** — ଭାଗିଦାରୀ ବ୍ୟବସାୟରେ ଲାଭ ହେବ । ପରିବାରରେ ସମ୍ପର୍କ ବଢ଼ିବ । ମକଦ୍ଦମାରେ ବିଜୟ ଆଶା ଅଛି । ହରାଇଥିବା ମନର ଦୃଢ଼ତା ପୁଣି ଫେରିପାଇବେ । ପ୍ରତିକାର : ଘରୁ ବାହାରିବା ବେଳେ ତୁଳସୀ ପତ୍ର ସେବନ କରନ୍ତୁ ।

**ମକର** — ଅଳସୁଆ ହେବେ । ଉଦ୍ଧାର ପରିଶୋଧ କରିପାରନ୍ତି । ଶତ୍ରୁମାନେ ଦୂରେଇ ଯିବେ । ପିତାଙ୍କର ସହଯୋଗ ପାଇଷବ । ସ୍ଥାନ ପରିବର୍ତ୍ତନ ଯୋଗ ଅଛି । ପ୍ରତିକାର : ଧଳା ଚନ୍ଦନର ଟିକା ମଥାରେ ଲଗାନ୍ତୁ ।

**କୁମ୍ଭ** — ମାନସିକ ଶାନ୍ତି ଫେରିପାଇବେ । ଆୟରେ ବୃଦ୍ଧି ହେବ । ମାଆଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ । ପାରିବାରିକ ବିବାଦ ଦୂର ହେବ । ଦମ୍ପତ୍ତିମାନଙ୍କ ମଧ୍ୟରେ ମତାନ୍ତର ଯୋଗ ଅଛି । ଦୁର୍ଘଟଣା ହୋଇପାରେ । ପ୍ରତିକାର : ଅଟାରେ ତିଆରି ମିଠା ମା'ଲକ୍ଷ୍ମୀଙ୍କୁ ଭୋଗ ଲଗାନ୍ତୁ ।

**ମୀନ** — ସାବଧାନ ରହନ୍ତୁ । ସନ୍ତାନ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି । ଜୀବନସାଥୀଙ୍କୁ ଭଲ ବ୍ୟବହାର କରନ୍ତୁ । କ୍ରୋଧ ଉପରେ ଲଗାମ ଲଗାନ୍ତୁ । ପ୍ରେମୀମାନେ ନିକଟତର ହେବେ । ପ୍ରତିକାର : ଭଗାବନ ବିଷ୍ଣୁଙ୍କୁ ଲଡୁ ଅର୍ପଣ କରନ୍ତୁ ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟବନ୍ଦୀ ଝଟ୍‌କା

# ନଭେମ୍ବର ୯ ସୁଦ୍ଧା ଜବାବ ଦିଅ

**ନୂଆଦିଲ୍ଲୀ, :** ୨୦୧୬ରେ ହୋଇଥିବା ନୋଟବନ୍ଦୀର ସାମ୍ବିଧାନିକ ବୈଧତାକୁ ନେଇ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଆବେଦନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର ଏବଂ ଆରବିଆଇକୁ ବିସ୍ତୃତ ଭାବେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି । ମାମଲାର ଶୁଣାଣି ବେଳେ ଅଦାଲତ ସ୍ପଷ୍ଟ ଭାବେ କହିଛନ୍ତି ଯେ, ନ୍ୟାୟପାଳିକା ନିଜର ଲକ୍ଷ୍ମଣରେଖା ବିଷୟରେ ବେଶ ଭଲଭାବେ ଅବଗତ ଅଛନ୍ତି । ୨୦୧୬ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିବାକୁ ଘୋଷଣା କରିଥିଲେ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଯାଚିକା ଦାଖଲ କରାଯାଇଥିଲା । ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରରେ କରିବାକୁ ଅଦାଲତ ସମୟ ଧାର୍ଯ୍ୟ



କରିଛନ୍ତି । ଉଚ୍ଚତମ ନ୍ୟାୟାଳୟ ମାମଲାର ଶୁଣାଣି ବେଳେ ବୁଧବାର କହିଛନ୍ତି, ସେ ସରକାରଙ୍କ ନୀତିଗତ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ ନିଜର ଲକ୍ଷ୍ମଣରେଖା ବିଷୟରେ ଅବଗତ ଅଛନ୍ତି । ଏସଏ ନଜିରଙ୍କ ନେତୃତ୍ୱାଧୀନ ପାଞ୍ଚ ଜଣିଆ ଖଣ୍ଡପୀଠ କହିଛନ୍ତି, ସାମ୍ବିଧାନିକ ପୀଠ ସାମ୍ନାରେ କୌଣସି ପ୍ରସଙ୍ଗ ଉଠିଲେ, ଏହାର ଜବାବ ଦେବା ପୀଠର କର୍ତ୍ତବ୍ୟ ଅଟେ । ଆମକୁ ନିଜର କାମ କରିବାକୁ ପଡିବ । ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି କହିଛନ୍ତି, ଯେ ପର୍ଯ୍ୟନ୍ତ ନୋଟବନ୍ଦୀ ଉପରେ ଆକ୍ଟକୁ ଉଚିତ୍ ପ୍ରକ୍ରିୟାରେ ଚ୍ୟାଲେଞ୍ଜ କରାଯାଇ ନାହିଁ ସେ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବାଧ୍ୟତାମୂଳକ ଭାବେ ବିଭାଗୀୟ ନିଷ୍ପତ୍ତି ଧରାଯାଉ । ବିମୁଦ୍ରୀକରଣ ଅଧିନିୟମ ୧୯୭୮ରେ କିଛି ମୂଲ୍ୟର ନୋଟ୍ର ବିମୁଦ୍ରୀକରଣ ଜନହିତକୁ ଦୃଷ୍ଟିରେ ରଖି ପାରିତ କରାଯାଇଥିଲା । ଯଦ୍ୱାରା ଅର୍ଥବ୍ୟବସ୍ଥା ପାଇଁ ହାନୀକାରକ ଅବୈଧ ନେଣଦେଣ ଉପରେ ରୋକ୍ ଲାଗିବ ଏବଂ ଏହାର ଯାଞ୍ଚ କରାଯାଇ ପାରିବ । ସୁପ୍ରିମକୋର୍ଟ କହିଛନ୍ତି ନୋବଟନ୍ଦୀ ଘୋଷଣା ଏକ ବିଭାଗୀୟ ନିଷ୍ପତ୍ତି ଥିଲା କି ନାହିଁ ମାମଲାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି । କାରଣ ଏଥିରେ ଦୁଇ ପକ୍ଷ ସହମତି ନାହାନ୍ତି । ପ୍ରସଙ୍ଗରେ ନିର୍ଯ୍ୟାସରେ ପହଞ୍ଚିବା ଲାଗି ଆମକୁ ଶୁଣାଣି କରିବାକୁ ପଡିବ । ପୀଠ ଏହା ମଧ୍ୟ କହିଛନ୍ତି, ଆମର ଲକ୍ଷ୍ମଣରେଖା ବିଷୟରେ ବେଶ ଭଲ ଭାବେ ଅବଗତ ଅଛୁ । ମାତ୍ର ଯେଉଁ ପ୍ରକ୍ରିୟାରେ ଦେଶରେ ନୋଟବନ୍ଦୀ ଲାଗୁ କରାଗଲା ଏହାର ଯାଞ୍ଚ ତ ହେବା ଉଚିତ୍ । ଆମକୁ ଆବେଦକାରୀଙ୍କ ପକ୍ଷ ଶୁଣିବାକୁ ପଡିବ । କେନ୍ଦ୍ର ସରକାରଙ୍କୁ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହଟ୍ଟା କହିଛନ୍ତି ଏମିତି ପ୍ରସଙ୍ଗରେ ଅଦାଲତଙ୍କ ସମୟ ବର୍ବାଦ କରିବା ଉଚିତ୍ ନୁହେଁ ।

## ୨୦୨୩ରେ ସର୍ବାଗ୍ରେ ରହିବ ଭାରତର ଅର୍ଥନୀତି

**ନୂଆଦିଲ୍ଲୀ :** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆଇ.ଏମ.ଏଫ.ର ଆକଳନ ଅନୁସାରେ ୨୦୨୩ରେ ଭାରତର ଅଭିବୃଦ୍ଧି ବିଶ୍ୱର ସବୁ ବଡ଼ ବଡ଼ ଦେଶକୁ ପଛରେ ପକାଇଦେବ । ଯେତେବେଳେକି ଆମେରିକାର ଅଭିବୃଦ୍ଧି ୧ ପ୍ରତିଶତ ଏବଂ ରୁଷର ଅଭିବୃଦ୍ଧି ମାଇନସ ୨. ୩ ପ୍ରତିଶତ ରହିବ । ହେଲେ ଭାରତର ଅଭିବୃଦ୍ଧି ସବୁଠାରୁ ଆଗରେ ୬ ,୧ ପ୍ରତିଶତ ରହିବ । ଭାରତ ପଛକୁ ଚୀନର ଅଭିବୃଦ୍ଧି ରହିବ ୪. ୪ ପ୍ରତିଶତ । ଭାରତ ଏକମାତ୍ର ଦେଶ ଯାହାର ଅଭିବୃଦ୍ଧି ୨୦୨୩ରେ ୫ ପ୍ରତିଶତ ଉପରକୁ ରହିବ । ଆଇ.ଏମ୍.ଏଫ.ର ଆକଳନ ଅନୁସାରେ ୨୦୨୩ରେ ବିଶ୍ୱ ଅର୍ଥନୀତି ସଙ୍କଟଜନକ ସ୍ଥିତି ଦେଇ ଗତି କରିବ । ଗ୍ଲୋବାଲ ଇନଫ୍ଲେସନ ୯. ୫ ପ୍ରତିଶତ ରହିବ । ତେବେ ୨୦୨୪ରେ ସ୍ଥିତିରେ ସୁଧାର ଆସିବ ବୋଲି ଆଇ.ଏମ.ଏଫ. କହିଛି । ଏହି ସଙ୍କଟଜନକ ସ୍ଥିତିରେ ଭାରତ ଏବଂ ଚୀନର ସ୍ଥିତି ଭଲ ରହିବ ବୋଲି ଆକଳନ କରିଛି ଆଇ.ଏମ.ଏଫ । ୨୦୨୧ରୁ ଭାରତ ଏମର୍ଜିଙ୍ଗ ଇକୋନୋମି ଭାବେ ଆଗକୁ ବଢ଼ିବ ।

## ଭାରତଠାରୁ ୬୦ ଲକ୍ଷ ମଶାରୀ କିଣିବ ପାକିସ୍ତାନ

**ଇସ୍‌ଲାମାବାଦ :** ବନ୍ୟା ପରେ ପାକିସ୍ତାନରେ ମ୍ୟାଲେରିଆ ବ୍ୟାପିଛି । ଏହାଯୋଗୁ ଦେଶରେ ସ୍ୱାସ୍ଥ୍ୟ ସଂକଟ ଦେଖାଦେଇଛି । ମ୍ୟାଲେରିଆର ମୁକାବିଲା ପାଇଁ ଭାରତଠାରୁ ଏହା ୬୦ ଲକ୍ଷରୁ ଅଧିକ ମଶାରି କିଣିବାକୁ ନିଷ୍ପତ୍ତି ନେଇଛି । ଏ ବାବଦ ଏକ ପ୍ରସ୍ତାବକୁ ପାକ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ଦିଆଯାଇଛି । ତେବେ ଏହି ମଶାରି କିଣିବା ପାଇଁ ପାକିସ୍ତାନ କୌଣସି ଅର୍ଥ ଖର୍ଚ୍ଚ କରିବ ନାହିଁ । ଅନ୍ତର୍ଜାତୀୟ ପାଣ୍ଠିରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅର୍ଥ ଯୋଗାଡ଼ କରି ଏହି ମଶାରି କିଣି ପାକିସ୍ତାନକୁ ଦେବ । ଯଥାଶୀଘ୍ର ଭାରତଠାରୁ ମଶାରି କିଣିବା ପାଇଁ ଯୋଜନା କରାଯାଉଥିବା ଡବ୍ଲ୍ୟୁଏଚ୍‌ଓ ଅଧିକାରୀମାନେ କହିଛନ୍ତି । ସେମାନଙ୍କ ମୁତବକ ୱାଘା ସୀମା ଦେଇ ଆସନ୍ତା ମାସରେ ଭାରତରୁ ମଶାରି ଅଣାଯିବ । ଉଲ୍ଲେଖଯୋଗ୍ୟ, ପାକିସ୍ତାନ



ଏ ବର୍ଷ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଥିଲା । ଏହାଯୋଗୁ ୩.୩ କୋଟି ଲୋକ ବିସ୍ଥାପିତ ହୋଇଥିଲା ବେଳେ ୧,୭୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ । ଦେଶର ଏକତୃତୀୟାଂଶ ଭାଗ ବନ୍ୟାଜଳରେ ବୁଡ଼ି ଯାଇଥିଲା । ବନ୍ୟାଜଳ ଦୀର୍ଘଦିନ ଧରି ଜମି ରହିବା ଯୋଗୁ ମଶାବଂଶ ବଢ଼ିଥିଲା, ଯାହା କି ମ୍ୟାଲେରିଆ ଓ ଅନ୍ୟ ସଂକ୍ରାମକ ରୋଗର କାରଣ ସାଜିଥିଲା ।

### ଆତଙ୍କବାଦ ଉପରେ ପାକିସ୍ତାନକୁ ଦୃଢ ଜବାବ

## ମୁମ୍ବାଇର ତାଜ ହୋଟେଲ୍‌ରେ ହେବ ୟୁଏନ୍‌ଏସ୍‌ସି ବୈଠକ

**ମୁମ୍ବାଇ :** ଆତଙ୍କବାଦକୁ ନେଇ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଦୁଇଟି ବୈଠକ ଆୟୋଜନ କରିବ ଭାରତ । ଚଳିତ ମାସ ଶେଷ ଆଡକୁ ଏହି ବୈଠକ ଅନୁଷ୍ଠିତ ହେବ । ଖାସ୍ କଥା ଏଥିରୁ ଗୋଟିଏ ବୈଠକ ମୁମ୍ବାଇର ସେହି ତାଜ୍ ହୋଟେଲ୍ରେ ହେବ, ଯେଉଁଠି ୨୦୦୮ରେ ଆତଙ୍କବାଦୀ ଆକ୍ରମଣ ଘଟିଥିଲା । ମିଳିତ ଜାତିସଂଘ ସୁରକ୍ଷା ପରିଷଦର ବୈଠକ ନିଜ ମୁଖ୍ୟାଳୟ ବାହାରେ ଆୟୋଜିତ ହେବା ବହୁତ ବିରଳ ଘଟଣା । ଭାରତରେ ନୂଆଦିଲ୍ଲୀ ଏବଂ ମୁମ୍ବାଇରେ ଏହି ଦୁଇ ବୈଠକ ଆୟୋଜିତ ହେବ । ୨୦୧୫ ପରେ ପ୍ରଥମ ଥର ନ୍ୟୁୟର୍କ ବାହାରେ ୟୁଏନଏସସିର ପ୍ରଥମ ବୈଠକ



ହେବାକୁ ଯାଉଛି । ମିଳିତ ଜାତସଂଘର ଆତଙ୍କ ନିରୋଧୀ କମିଟିରେ ୧୫ ସ୍ଥାୟୀ ଏବଂ ଅସ୍ଥାୟୀ ସଦସ୍ୟ ଅଛନ୍ତି । ୨୦୨୨ରେ ଭାରତ ଏହି କମିଟିର ଅଧକ୍ଷତା କରୁଛି । ଆତଙ୍କବାଦ ବିରୋଧରେ ଭାରତର ପଦକ୍ଷେପକୁ ଦୃଷ୍ଟିରେ ରଖି ୟୁଏନଏସସି ନିଜର ବୈଠକ ଭାରତରେ କରିବାକୁ ନିଷ୍ପତ୍ତି ନେଇଛି । ବୈଠକର ଅଧିକାଂଶ ଔପଚାରିକତା ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ପୂରା କରାଯିବ । ବୈଠକରେ ସମସ୍ତ ୧୫ ସଦସ୍ୟ ଦେଶ ଯୋଗ ଦେବେ । ସୂଚନାଯୋଗ୍ୟ, ୨୦୦୮ରେ ଘଟିଥିବା ଆତଙ୍କୀ ଆକ୍ରମଣରେ ୧୬୬ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଏଥିପାଇଁ ବୈଠକରୁ ପାକିସ୍ତାନକୁ ବହୁତ ବଡ ସନ୍ଦେଶ ମିଳିବ । ଏପରିକି ବୈଠକରେ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇପାରେ । ମୃତକଙ୍କ ମଧ୍ୟରେ ୩୦ ଜଣ ବିଦେଶୀ ଥିଲେ । ବୈଠକ ଜରିଆରେ ୟୁଏନଏସସିର ସ୍ଥାୟୀ ସଦସ୍ୟ ଚୀନକୁ ବି ଦୃଢ ସନ୍ଦେଶ ଦିଆଯାଇପାରେ ।

### ଇସିଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ନିର୍ବାଚନ ପ୍ରଚାର ସମୟରେ ଶାଢ଼ି, ସାର୍ଟ ବାଣ୍ଟିବା ମନା

**ନୂଆଦିଲ୍ଲୀ :** ନିର୍ବାଚନ ସମୟରେ ଏ ସମ୍ବନ୍ଧୀୟ ବିଜ୍ଞାପନ ପାଇଁ ସମସ୍ତ ରାଜନୈତିକ ଦଳ ସମାନ ସୁଯୋଗ ପାଆନ୍ତୁ ବୋଲି ଦୃଷ୍ଟିରେ ରଖି ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ନିର୍ବାଚନ ଆୟୋଗ (ଇସି) । ପ୍ରଚାର ସମୟରେ ଉପହାର ଆକାରରେ ରାଜୈତିକ ଦଳଗୁଡ଼ିକୁ ଶାଢ଼ି ଓ ସାର୍ଟ ଦେବା ପାଇଁ ମନା କରିଛନ୍ତି ଇସି । ଏହାଛଡ଼ା ନିର୍ବାଚନ ଆୟୋଗ ଆହୁରି ବି କହିଛନ୍ତି ଯେ ରାଜନୈତିକ ପ୍ରଚାର ପାଇଁ କୌଣସି ସରକାରୀ ବା ବେସରକାରୀ ଶିକ୍ଷାନୁଷ୍ଠାନ ପଡ଼ିଆକୁ ବ୍ୟବହାର କରାଯିବ ନାହିଁ । ଏହା ବ୍ୟତୀତ ଯଦି କୌଣସି ସାର୍ବଜନୀନ ସ୍ଥାନକୁ ବିଜ୍ଞାପନ ପ୍ରଦର୍ଶନ କରିବାକୁ ଉପଲବ୍ଧ କରାଯାଏ, ସେହି ସ୍ଥାନକୁ ଯଦି ପୂର୍ବରୁ କୌଣସି ବ୍ୟକ୍ତି କିମ୍ବା ଏଜେନ୍ସିକୁ ଆବଣ୍ଟନ କରାଯାଇଛି ତେବେ ନଗରପାଳିକା କର୍ତ୍ତୃପକ୍ଷଙ୍କ ଜରିଆରେ ଜିଲ୍ଲା ନିର୍ବାଚନ ଅଧିକାରୀ ନିଶ୍ଚିତ କରିବା ଉଚିତ ଯେ ସମସ୍ତ ରାଜନୈତିକ ଦଳକୁ ବିଜ୍ଞାପନ ପ୍ରଦର୍ଶନ ପାଇଁ ସମାନ ସୁଯୋଗ ମିଳିବା ଉଚିତ । କୌଣସି ବେସରକାରୀ ସ୍ଥାନରେ ଯଦି ସ୍ଥାନୀୟ ଆଇନ୍ କାନୁନରେ ଲେଖିବା, ସ୍ଥାୟୀ ପୋଷ୍ଟର୍ ଲଗାଇବା କିମ୍ବା ସହଜରେ ଛଡ଼ାଇ ହେଉନଥିବା ପରି ବିଜ୍ଞାପନକୁ ଅନୁମତି ପ୍ରଦାନ କରୁନାହିଁ ତ ରାଜନୈତିକ ଦଳଗୁଡ଼ିକ ଜୋର୍ଜବରଦସ୍ତ ଏପରି କାର୍ଯ୍ୟ କରିପାରିବେ ନାହିଁ । ଏଥିପାଇଁ ସଂପତ୍ତିର ମାଲିକଙ୍କ ଅନୁମତି ବାଧ୍ୟତାମୂଳକ । ଏହାଛଡ଼ା ଆୟୋଗ ଆହୁରି ସ୍ପଷ୍ଟ କରି କହିଛନ୍ତି ଯେ ବିଜ୍ଞାପନ ଜରିଆରେ କୌଣସି ପ୍ରକାରର ଉସୁକାଇବା କିମ୍ବା କୌଣସି ସଂପ୍ରଦାୟ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା ଆଦୌ ଗ୍ରହଣୀୟ ନୁହେଁ । ପ୍ରଚାର ସମୟରେ କୌଣସି ଦଳ ଦ୍ୱାରା ମିଳିଥିବା ଟୋପି, ଫେସ୍ମାସ୍କ, ପନ୍ଧିବାର ଅନୁମତି ରହିଛି । ମାତ୍ର କୌଣସି ରାଜନୈତିକ ଦଳ ଶାଢ଼ି ଓ ସାର୍ଟ ଦେଇପାରିବେ ନାହିଁ ।

## ଜୀବନ ଥିଲା ଯାଏଁ ବିଜେପିରେ ମିଶିବିନି: ନୀତୀଶ

**ପାଟନା :** ବିଜେପିର ହାତ ଛାଡିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିଶାନା । ସିଧା ସିଧା କହିଛନ୍ତି ନୀତୀଶ, ଜୀବନ ଥିଲା ଯାଏଁ ବିଜେପିରେ ଆଉ ମିଶିବେନି । ବିହାର ସମସ୍ତିପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୀତୀଶ କହିଛନ୍ତି, ବର୍ତ୍ତମାନ ଥିବା ସରକାର ନା କାହା ସହ ଆଲୋଚନା କରୁଛନ୍ତି ନା କାହା କଥା ଶୁଣୁଛନ୍ତି । କେଉଁ ରାଜ୍ୟର ବିକାଶ ବି କରୁନାହାନ୍ତି । ଏହାପୂର୍ବରୁ ଯେଉଁମାନେ ଥିଲେ ସେମାନେ କେତେ କାମ କରୁଥିଲେ ବୋଲି କହିଛନ୍ତି ନୀତୀଶ । ନୀତୀଶ କହିଛନ୍ତି, ଅଟଳ ବିହାରୀ ବାଜପେୟୀ, ଆଡଭାନୀ, ଯୋଶୀ ଭଳି ନେତା କାମ କରୁଥିଲେ । ଏହି ଦଳର ଅସଲ ନେତା ସେମାନେ ଥିଲେ, ସେମାନେ ଦଳକୁ ଗଢିଥିଲେ । ଏବେ ସେ ଦଳ ଛାଡିଛନ୍ତି ଏବଂ ସାରା ଜୀବନ ଆଉ ସାଥ୍ ଦେବେନି ବୋଲି ପରୋକ୍ଷରେ ବିଜେପିକୁ କଟାକ୍ଷ କରି କହିଛନ୍ତି ନୀତୀଶ କୁମାର । ଏପରିକି ସମାଜସେବା ଓ ଦେଶର ବିକାଶ ଚାହୁଁଥିବା ସମସ୍ତ ଦଳ ଏକାଠି ହୋଇ ଦେଶର ଉନ୍ନତି ପାଇଁ କାମ କରିବେ ବୋଲି କହିଛନ୍ତି । ବିଜେପିକୁ ଟାର୍ଗେଟ କରିବା ସହ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି ବିହାର ମୁଖ୍ୟମନ୍ତ୍ରୀ । କହିଛନ୍ତି, ଲାଲୁଙ୍କ ବିରୋଧରେ ଲଗାଯାଇଥିବା ସମସ୍ତ ଅଭିଯୋଗ ମିଥ୍ୟା । ସେ ଯେତେଦିନ ଯାଏଁ ବିଜେପି ସହ ଥିଲେ ଲାଲୁଙ୍କ ବିରୋଧରେ କୌଣସି ମାମଲା ହେଉନଥିଲା ।

### ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ପାକିସ୍ତାନ

# ବର୍ଷିଲା ଭାରତ

**ନୂଆଦିଲ୍ଲୀ :** ମିଳିତ ଜାତିସଂଘ ସାଧାରଣ ପରିଷଦ ବୈଠକରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଛି ପାକସ୍ତାନ । ତେବେ ଭାରତ ପାକିସ୍ତାନଙ୍କୁ କଡା ଜବାବ ଦେଇ ମୁହଁ ବନ୍ଦ କରିଦେଇଛି । ମିଳିତ ଜାତିସଂଘର ସାଧରଣ ପରିଷଦ ବୈଠକରେ ରୁଷ-ୟୁକ୍ରେନ୍ ଯୁଦ୍ଧ ବିଷୟରେ ଆଲୋଚନା ଚାଲିଥିଲା । ଏହି ସମୟରେ କଶ୍ମୀର ପ୍ରସଙ୍ଗ ଉଠାଇଥିଲା ପାକିସ୍ତାନ । ପାକିସ୍ତାନୀ କୂଟନୀତିଜ୍ଞ ମୁନିର ଅକ୍ରମ ଲାଗାତର ଭାବେ ରୁଷ-ୟୁକ୍ରେନ୍ର ଯୁଦ୍ଧକୁ କଶ୍ମୀରର ସ୍ଥିତି ସହ ତୁଳନା କରିଥିଲେ । ଏଥିରେ ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ ପାକିସ୍ତାନ ଉପରେ ପ୍ରବଳ ବର୍ଷିଥିଲେ । ଏଥିସହ ତାକୁ କଡା ଭାଷାରେ ନିନ୍ଦା ମଧ୍ୟ କରିଥିଲେ । ସେ କହିଥିଲେ 'ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ରୁଷ-ୟୁକ୍ରେନ ଯୁଦ୍ଧ ଭଳି ଗୁରୁତର ପ୍ରସଙ୍ଗ ଉପରେ ଆଲୋଚନା ଚାଲିଛି । ତେବେ ପୁର୍ନବାର ଜଣେ ପ୍ରତିନିଧିମଣ୍ଡଳ ଦ୍ୱାରା ଏହି ମଞ୍ଚର ଅପବ୍ୟବହାର କରାଯାଇଛି । ମୋ ଦେଶ ବିରୋଧରେ ଅର୍ଥହୀନ ଓ ତୁଚ୍ଛ ମନ୍ତବ୍ୟ ଦିଆଯାଇଛି ।' ସେ ଆହୁରି କହିଥିଲେ, 'ବାରମ୍ବାର ମିଛ କହି ସହାନୁଭୂତି ପାଇବାକୁ ଚେଷ୍ଟା କରାଯାଇଛି । କିନ୍ତୁ କୌଣସି ଲାଭ ନାହିଁ । ଜମ୍ମୁ-କଶ୍ମୀରର ସମଗ୍ର ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଭାରତଠାରୁ




କେବେବି ଭିନ୍ନ ହୋଇପାରିବ ନାହିଁ । ଆମେ ପାକିସ୍ତାନକୁ ଆତଙ୍କବାଦ ରୋକିବାକୁ ଆହ୍ୱାନ କରୁଛୁ । କିନ୍ତୁ ଏକ୍ଷେତ୍ରରେ ପଡୋଶୀ ଦେଶ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ।' ଉଲ୍ଲେଖଯୋଗ୍ୟ, ରୁଷ ଦ୍ୱାରା ୟୁକ୍ରେନର ୪ଟି ଅଞ୍ଚଳ ଦଖଲ ପରେ ଜାତିସଂଘରେ ଏକ ନିନ୍ଦା ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଏହି ପ୍ରସ୍ତାବ ସପକ୍ଷରେ ୧୪୩ ସଦସ୍ୟ ମତଦାନ କରିଥିଲେ । ମାତ୍ର ୫ଟି ଭୋଟ ବିପକ୍ଷରେ ପଡିଥିଲା । ଭାରତ ସମେତ ୩୫ଟି ଦେଶ ଏହି ମତଦାନରେ ସାମିଲ ହୋଇନଥିଲା ।

## ସଫଳ ହେଲା ନାସାର ଡାର୍ଟ ମିଶନ



**ନୂଆଦିଲ୍ଲୀ :** ନାସାର ଐତିହାସିକ ମିଶନ ଡାର୍ଟ ସଫଳ ହୋଇଛି । ପୃଥିବୀ ଆଡକୁ ମାଡିଆସୁଥିବା ଏକ ଗ୍ରହାଣୁର ଗତିପଥକୁ ବଦଳାଇ ଦିଆଯାଇଛି । ନାସା ପକ୍ଷରୁ ଏହି ମିଶନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା । ପ୍ରଥମ ଥର ପାଇଁ ନାସା ପକ୍ଷରୁ ମହାଜାଗତିକ ବସ୍ତୁର ଗତିପଥକୁ ବଦଳାଇ ଦିଆଯାଇଛି । ସାରା ବିଶ୍ୱକୁ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ । ତେଣୁ ପୃଥିବୀ ପ୍ରତି ଯେତେବେଳେ ବିପଦ ଦେଖାଦେଇଛି ସେତେବେଳେ ଏହାର ସମାଧାନ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ନାସା ପକ୍ଷରୁ କୁହାଯାଇଛି । ପୃଥିବୀ ଆଡକୁ ଆସୁଥିବା ଉଲ୍‌କାପିଣ୍ଡର ଦିଗ ବଦଳାଇବା ପାଇଁ ଦୁଇ ସପ୍ତାହ ପୂର୍ବେ ନାସା ତା'ର ପ୍ରଥମ ପରୀକ୍ଷଣ ଆରମ୍ଭ କରିଥିଲା । ଆଉ ଏହାକୁ ନାସା ପକ୍ଷରୁ 'ଡାର୍ଟ ମିଶନ' ନାଁ ଦିଆଯାଇଥିଲା । ଡବଲ୍ ଆଷ୍ଟେରଏଡ୍ ରିଡାଇରେକ୍ସନ ଟେଷ୍ଟର (ଡାର୍ଟ)ର ମହାକାଶଯାନ ୨୬ ସେପ୍ଟେମ୍ବରରେ ଡାଇମୋରଫୋସ୍ ନାମକ ଏକ ଉଲ୍‌କାପିଣ୍ଡକୁ ଧକ୍କା ଦେଇଥିଲା । ଅଭିଯାନର ଫଳାଫଳ ଘୋଷଣା କରିବା ବେଳେ 'ନାସା'ର ମୁଖ୍ୟ ବିଲ୍ ନେଲ୍ସନ୍ କହିଛନ୍ତି, ଏହା ଆମ ଗ୍ରହର ପ୍ରତିରକ୍ଷା କ୍ଷେତ୍ରରେ ଯେତିକି ମହତ୍ତ୍ୱପୂର୍ଣ୍ଣ ମାନବତା ପାଇଁ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ । ୩୩୦ ନିୟୁତ ଡଲାର୍ ବ୍ୟୟରେ ଦୀର୍ଘ ୭ ବର୍ଷ ଧରି ନିର୍ମାଣ ହୋଇଥିବା 'ପ୍ରଫ୍-ଅଫ୍-କନସେପ୍ଟ' 'ଡାର୍ଟ ମିଶନ୍'ର ସଫଳତା ଭବିଷ୍ୟତରେ ପୃଥିବୀକୁ ଗ୍ରହାଣୁ ଧକ୍କାରୁ ରକ୍ଷା କରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି ।

# କ୍ଷତିଭରଣା ପାଇଁ ତୈଳ କମ୍ପାନୀଙ୍କୁ ମିଳିବ ୨୨ ହଜାର କୋଟି

**ନୂଆଦିଲ୍ଲୀ :** ଗତ ୨ ବର୍ଷ ହେଲା କମ୍ ମୂଲ୍ୟରେ ରୋଷେଇ ଗ୍ୟାସ୍ ବିକ୍ରି ଯୋଗୁ ସରକାରୀ ମାଲିକାନାଧୀନ ୩ ତୈଳ କମ୍ପାନୀଙ୍କ ହୋଇଥିବା କ୍ଷତି ଭରଣା ନିମନ୍ତେ କେନ୍ଦ୍ର ସରକାର ଏକକାଳୀନ ୨୨ ହଜାର ଟଙ୍କା ଅନୁଦାନ ଦେବେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏକ ସମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ମନ୍ତ୍ରୀମଣ୍ଡଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ୩ଟି ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେସନ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ (ଏଚପିସିଏଲ)ଙ୍କୁ ଏକକାଳୀନ ଅନୁଦାନ ଲାଗି ଏହି ମଞ୍ଜୁରୀ ମିଳିଛି ବୋଲି ଠାକୁର କହିଛନ୍ତି । ଏହି ସଂସ୍ଥାମାନେ ଘରୋଇ ଏଲପିଜି ଗ୍ୟାସ୍ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିଥାନ୍ତି । ଜୁନ୍ ୨୦୨୦ରୁ ଜୁନ୍ ୨୦୨୨ ପର୍ଯ୍ୟନ୍ତ ମୂଲ୍ୟରୁ କମ୍ ଦରରେ ଗ୍ୟାସ୍ ବିକିବା ଯୋଗୁ କମ୍ପାନୀଙ୍କର ହୋଇଥିବା କ୍ଷତି ଏହି ମଞ୍ଜୁରୀରେ ଭରଣା ହେବ । ଜୁନ୍ ୨୦୨୦ରୁ ଜୁନ ୨୦୨୨ ମଧ୍ୟରେ



ଅନ୍ତର୍ଜାତୀୟ ବଜାରରେ ଘରୋଇ ରୋଷେଇ ଗ୍ୟାସ ମୂଲ୍ୟରେ ୩୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଅନ୍ତର୍ଜାତୀୟ ବଜାରରେ ଦେଖା ଦେଇଥିବା ଅସ୍ଥିରତାର ପ୍ରଭାବରୁ ଗ୍ରାହକଙ୍କୁ ମୁକ୍ତ ରଖିବା ଲାଗି ଗ୍ରାହକଙ୍କ ଉପରେ ମୂଲ୍ୟ ବୃଦ୍ଧିକୁ ସମ୍ପୂର୍ଣ୍ଣ ଲଦି ଦିଆଯାଇନଥିଲା ବୋଲି ଏକ ଅଧିକାରୀକ ବୟାନରେ କୁହାଯାଇଛି । ତେବେ ଏହି ଅବଧିରେ ଘରୋଇ ଗ୍ୟାସ୍ ମୂଲ୍ୟରେ ୭୨ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଛି, ଯେଉଁଥି ପାଇଁ ସରକାରୀ ଆୟତ୍ତାଧିନ ତୈଳ କମ୍ପାନୀଙ୍କୁ ବିପୁଳ କ୍ଷତିର ସମ୍ମୁଖୀନ ହେବାକୁ ପଡିଛି । କ୍ଷତି ସତ୍ତ୍ୱେ ୩ ସାର୍ବଜନିକ ତୈଳ ବିପଣନ କମ୍ପାନୀ ଦେଶରେ ଅତ୍ୟାବଶକୀୟ ରୋଷେଇ ଗ୍ୟାସର ଯୋଗାଣ ନିରନ୍ତର ରଖିଥିଲେ । ଏଣୁ ସରକାର ସାର୍ବଜନିକ ତୈଳ ବିପଣନକାରୀ କମ୍ପାନୀଙ୍କୁ ଘରୋଇ ଗ୍ୟାସ୍ରେ ହୋଇଥିବା କ୍ଷତିର ଏକକାଳୀନ ଭରଣା କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ସାର୍ବଜନିକ ତୈଳ ବିପଣନକାରୀ କମ୍ପାନୀଙ୍କୁ ଆତ୍ମନିର୍ଭର ଭାରତ ଅଭିଯାନ ଲାଗି ସେମାନଙ୍କର ପ୍ରତିଶ୍ରୁତି ଜାରି ରଖିବାରେ ସହାୟତା କରିବ । ଏହା ଦ୍ୱାରା ଘରୋଇ ଏଲପିଜିର ନିର୍ବାଧ ଯୋଗାଣ ମଧ୍ୟ ସୁନିଶ୍ଚିତ ହେବା ସହ ମେକ-ଇନ-ଇଣ୍ଡିଆ ଉତ୍ପାଦ କ୍ରୟରେ ମଧ୍ୟ ସହାୟତା କରିବ ।





# ତାଳଗଛ ଯାଉଛି ତାମିଲନାଡୁ, ବଜ୍ରାଘାତ ଖାଉଛି ଓଡ଼ିଶା !



**ଭୁବନେଶ୍ୱର :** ଓଡ଼ିଶାରେ କଟୁଛି ତାଳଗଛ, ଯାଉଛି ତାମିଲନାଡୁ, କିନ୍ତୁ ପରିଣାମ ଭୋଗୁଛି ଓଡ଼ିଶା। ପ୍ରତି ବର୍ଷ ବଜ୍ରାଘାତରେ ଯାଉଛି ୩୦୦ରୁ ୪୦୦ ଜଣଙ୍କ ଜୀବନ। ଗତ ୫ ବର୍ଷରେ ବଜ୍ରଘାତରେ ୧,୬୬୭ ଜଣଙ୍କ ଜୀବନ ଯାଇଛି। ବଜ୍ରାଘାତ ଜନିତ ମୃତ୍ୟୁରେ ମଧ୍ୟପ୍ରଦେଶ ପରେ ଓଡ଼ିଶାର ସ୍ଥାନ ରହିଛି। ଢେଙ୍କାନାଳ ଓ ଅନୁଗୁଳ ଅଞ୍ଚଳରେ ବ୍ୟାପକ ଭାବେ କଟାଯାଉଛି ତାଳଗଛ। ଆଉ ଏ ସବୁ ଟ୍ରକରେ ବୁହାହୋଇ ତାମିଲନାଡୁ ଯାଉଥିବା କୁହାଯାଉଛି। ରାଜ୍ୟରେ ବ୍ୟାପକ ଭାବେ ତାଳଗଛ କଟିବା କାରଣରୁ କ୍ରମାଗତ ଭାବେ ବଜ୍ରାଘାତ ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବା କହୁଛନ୍ତି ବିଶେଷଜ୍ଞ। ତାଳଗଛ, କରେଣ୍ଟର ଏକ ସୁପରିବାହୀ ଭାବେ କାମ କରୁଥିବାରୁ ଉଚ୍ଚ ଶକ୍ତି ବିଶିଷ୍ଟ ବିଜୁଳି କରେଣ୍ଟ ତାଳଗଛରେ ମାଡ଼ ହୋଇ ତୁରନ୍ତ ମାଟି ତଳକୁ ଚାଲିଯାଏ। ଯାହାଫଳରେ ବିଦ୍ୟୁତ ଆଘାତର ଆଶଙ୍କା କମିଯାଏ। ହେଲେ ତାଳଗଛ ସଂଖ୍ୟା କମିବା କାରଣରୁ ବଜ୍ରାଘାତର ଆଶଙ୍କା ବଢ଼ିଯାଉଛି। ଏପଟେ, ତାଳଗଛ ଚାଲାଣରେ କୌଣସି ପ୍ରତିବନ୍ଧକ ନଥିବାରୁ, ବ୍ୟାପକ ଭାବେ ତାଳଗଛ କଟାଯାଇ ବାହାର ରାଜ୍ୟକୁ ମଧ୍ୟ ଚାଲାଣ କରାଯାଉଥିବା ଦେଖାଯାଉଛି। ତାଳଗଛ କଟିଯିବାରୁ ହାତୀମାନେ ବର୍ଷାଦିନେ ପାଚିଲା ତାଳ ଖାଇବାକୁ ନପାଇ ଜନବସତି ଆଡ଼କୁ ମାଡି ଆସୁଛନ୍ତି ଓ ଅଧିକ ଧନଜୀବନ ହାନୀ ହେଉଛି ବୋଲି କହିଛନ୍ତି ପରିବେଶବିତ୍ ଡ. ବିଶ୍ୱଜିତ୍ ମହାନ୍ତି। ସେ କହିବା କଥା ତାମିଲନାଡୁରେ ତାଳ ଗଛା କଟା ବ୍ୟାନ୍ କରାଯାଇଛି। ହେଲେ ଓଡ଼ିଶା ଖୁଲମଖୁଲା ତାଳ ଗଛ କଟା ଚାଲିଛି। ଓଡ଼ିଶାର ଢେଙ୍କାନାଳ ଓ ଅନୁଗୁଳ ଅଞ୍ଚଳରୁ ବ୍ୟାପକ ତାଳ ଗଛ କଟାଯାଇ ଟ୍ରକରେ ଚାଲାଣ ହେଉଛି। ନୂଆ ଗଛ ଲଗାଇବା ସମୟ ସାପେକ୍ଷ ହୋଇଥିବା ବେଳେ ପୁରୁଣା ଗଛର ସୁରକ୍ଷା କରାଯାଉନାହିଁ। ଏ ନେଇ ବନ ବିଭାଗକୁ ସେମାନେ ବାରମ୍ବାର ଜଣାଇଛନ୍ତି। ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ବାଂଲାଦେଶ ଭଳି ଓଡ଼ିଶାରେ ବ୍ୟାପକ ତାଳ ଗଛ ପୋତାଯିବ ବୋଲି ଓଡ଼ିଶା ସରକାରଙ୍କ ଅଧିକାରୀମାନେ ୪ ବର୍ଷ ତଳେ ଘୋଷଣା କରିଥିଲେ। ବନ ବିଭାଗ ଓ ପ୍ରାକୃତିକ ଦୁର୍ବିପାକ କର୍ତ୍ତୃପକ୍ଷ ତାଳଗଛ ଲଗାଇବୁ ବୋଲି କହିଥିଲେ। ଗତ ୫ ବର୍ଷରେ କେଉଁ ରାଜ୍ୟରେ କେତେ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି ତାର ହିସାବ ଲୋକସଭାରେ ମାର୍ଚ୍ଚ ୧୬ ତାରିଖରେ ଆର୍ଥ ସାଇନ୍ସ ବା ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଦେଇଥିଲେ। ଯେଉଁଥିରେ ୨୦୧୬ରୁ ୨୦୨୦ ମଧ୍ୟରେ ମଧ୍ୟପ୍ରଦେଶରେ ପରେ ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ବଜ୍ରପାତରେ ଘଟିଥିବା ଦର୍ଶାଇଥିଲେ। ୫ ବର୍ଷରେ ମଧ୍ୟପ୍ରଦେଶରେ ୨,୩୦୧ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ଓଡ଼ିଶାରେ ଦ୍ୱିତୀୟ ସର୍ବାଧିକ ୧,୬୬୭ ଲୋକଙ୍କର ମୃତ୍ୟୁ ଘଟିଛି। ଖୋଲା ଖଣି ଅଞ୍ଚଳରେ ଅଧିକ ବଜ୍ରପାତ ହେଉଥିବା ଲକ୍ଷ୍ୟ କରାଯାଇଛି। ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ତାଳଗଛ ଡେଙ୍ଗା ହୋଇଥିବାରୁ ବଜ୍ରପାତର ଏକ ସୁପରିବାହୀ ଭଳି କାମ କରେ ଓ ଆସୁଥିବା ଅତ୍ୟଧିକ କରେଣ୍ଟ ତୁରନ୍ତ ମାଟିକୁ ଚାଲିଯାଏ। ଫଳରେ ପ୍ରଚୁର ତାଳଗଛ ଥିବା ଅଞ୍ଚଳର କୃଷକମାନେ ବଜ୍ରାଘାତରୁ ରକ୍ଷା ପାଆନ୍ତି। ପୂର୍ବରୁ ସେଥିପାଇଁ ଅଧିକ ତାଳଗଛ ପୋତାଯାଉଥିଲା। ମାତ୍ର ଏବେ ବିକାଶ ଆଳରେ ଅବିଚାରିତ ଭାବରେ ତାଳ ଗଛ କଟାଯାଉଛି। ସରକାର ୪ ବର୍ଷ ତଳେ ନୂଆ ତାଳ ଗଛ ପୋତିବା କାର୍ଯ୍ୟକ୍ରମ ହାତକୁ ନେବେ କହିଥିଲେ ବି ବିଶେଷକିଛି ହୋଇନାହିଁ।

# ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ମାଗଣା ପେଟ୍ ସିଟିସ୍କାନ୍ ସୁବିଧା



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ସ୍ନାତକୋତ୍ତର ପ୍ରତିଷ୍ଠାନରେ ଏଣିକି ମାଗଣାରେ ବ୍ୟୟବହୁଳ ଟେଷ୍ଟିଂ ସୁବିଧା ଉପଲବ୍ଧ ହେବ। କ୍ୟାନସର ରୋଗୀମାନଙ୍କ ପାଇଁ ଏଠାରେ ଅଧିକ ସଂଖ୍ୟକ ବେଡ୍ ବ୍ୟବସ୍ଥା ହେବା ସହ ମାଗଣାରେ ବ୍ୟୟବହୁଳ ପେଟ୍ ସିଟି ସ୍କାନ, ଏମଆରଆଇ ଓ ସିଟି ସ୍କାନ ଟେଷ୍ଟିଂ ସୁବିଧା ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବ୍ୟୟବହୁଳ ପେଟ୍ ସିଟି ସ୍କାନ ସୁବିଧାକୁ ଉଦଘାଟନ କରିଛନ୍ତି। କ୍ୟାନସର ଚିକିତ୍ସା କ୍ଷେତ୍ରରେ କୌଣସି ସରକାରୀ ହସ୍ପିଟାଲରେ ମାଗଣା ପେଟ୍ ସିଟିସ୍କାନ ବ୍ୟବସ୍ଥା ଉପଲବ୍ଧ କରାଇବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ। ମୁଖ୍ୟମନ୍ତ୍ରୀ ଏହି କ୍ୟାନସର ପ୍ରତିଷ୍ଠାନର ନୂଆ ଆଇପିଡି ଓ ଆଇସିୟୁ ସୁବିଧାର ଉଦଘାଟନ କରିଛନ୍ତି। ଆଇପିଡି ବେଡ୍ ସଂଖ୍ୟା ୨୮୧ରୁ ୫୦୭କୁ ବୃଦ୍ଧି ପାଇଥିବାବେଳେ ୨୦ଟି ନୂଆ ଆଇସିୟୁ ବେଡ୍ ସ୍ଥାପନ କରାଯାଇଛି। ଏସବୁ ସୁବିଧା ଦ୍ୱାରା ଆଚାର୍ଯ୍ୟ ହରିହର କ୍ୟାନସର ପ୍ରତିଷ୍ଠାନରେ ଚିକିତ୍ସା ଯୋଗାଇବା ଅଧିକ ସହାୟକ ହେବ ଓ ରୋଗୀଙ୍କୁ ଆଶ୍ୱସ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏସସିବି ମେଡିକାଲ କଲେଜ ପୁନଃବିକାଶ ଓ ସମ୍ପ୍ରସାରଣ ଯୋଜନା ଅନ୍ତର୍ଗତ ଆଚାର୍ଯ୍ୟ ହରିହର କ୍ୟାନସର ପ୍ରତିଷ୍ଠାନର ମଧ୍ୟ ନବକଳେବର ହେବ। କ୍ୟାନସର ପ୍ରତିଷ୍ଠାନ ପାଇଁ ନୂଆ ଓଟି କମ୍ପ୍ଲେକ୍ସ, ଓପିଡି, ପାଥୋଲୋଜି, ଏକାଡେମିକ ଅଞ୍ଚଳ ଓ ହଷ୍ଟେଲ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ରାଜ୍ୟରେ କ୍ୟାନସର ଚିକିତ୍ସାକୁ ଅଧିକ ସୁଲଭ କରିବା ନିମନ୍ତେ ୧୦ଟି ଜିଲ୍ଲାରେ କ୍ୟାନସର କେୟାର ୟୁନିଟ୍ ସ୍ଥାପନକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ୨ଟି ଉନ୍ନତ କ୍ୟାନସର ହସ୍ପିଟାଲ ସ୍ଥାପନ ହେବାକୁ ପଦକ୍ଷେପ ନିଆଯାଇଛି। ଏସବୁ ଦ୍ୱାରା ପୂର୍ବ ଭାରତରେ ଓଡ଼ିଶା କ୍ୟାନସର ଚିକିତ୍ସାର ହବ୍ ପାଲଟିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ନୂଆ ପେଟ୍ ସିଟି ସ୍କାନ ନିମନ୍ତେ ୨ଟି ଲିନାକ୍ ମେସିନ୍ ୬୦କୋଟି ଟଙ୍କା ବ୍ୟୟରେ ସେଠାରେ ଉପଲବ୍ଧ କରାଯାଇଛି। ପେଟ୍ ସିଟି ସ୍କାନ ନିମନ୍ତେ ରୋଗୀଙ୍କୁ ବାହାରେ ୨୫ରୁ ୩୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଆଚାର୍ଯ୍ୟ ହରିହର କ୍ୟାନସର ପ୍ରତିଷ୍ଠାନରେ ୬ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ବେଡ୍ ସଂଖ୍ୟାକୁ ୫୦୭କୁ ବୃଦ୍ଧି କରାଯାଇଛି। ପ୍ରଥମ ମହଲରେ ପେଟ୍ ସିଟି ସ୍କାନ, ଦ୍ୱିତୀୟ ମହଲରେ ସିଟି ସ୍କାନ ଓ ଏମଆରଆଇ ସୁବିଧା ରହିଛି। ତୃତୀୟ ମହଲାରେ ଆଇସିୟୁ ୱାର୍ଡ ରହିଥିବା ଜଣାପଡ଼ିଛି।

# ଅପରାଜିତା ଆଇପିୟୁ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ



**ଭୁବନେଶ୍ୱର :** ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ମାନଜନକ ଇଂଟର ପାର୍ଲାମେଂଟାରୀ ୟୁନିଅନ(ଆଇପିୟୁ) କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଇପିୟୁର ୧୫ଜଣିଆ କାର୍ଯ୍ୟନିର୍ବାହୀ କମିଟିକୁ ଶ୍ରୀମତୀ ଷଡ଼ଙ୍ଗୀ ଭାରତର ପ୍ରତିନିଧିତ୍ୱ କରିବେ। ରାୱାଣ୍ଡାର କିଗାଲିଠାରେ ହୋଇଥିବା ଏହି ନିର୍ବାଚନରେ ଅପରାଜିତାଙ୍କ ସପକ୍ଷରେ ୧୮ରୁ ୧୨ଟି ଭୋଟ୍ ପଡ଼ିଥିଲା। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ନିର୍ବାଚନରେ ବିଜୟୀ ହେବା ନେଇ ଅପରାଜିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଷ୍ଠିତ ସଂସ୍ଥାର ସଦସ୍ୟ ଭାବେ ଅପରାଜିତା ସଫଳତାର ସହ କାର୍ଯ୍ୟ କରିବେ ବୋଲି ସେ କାମନା କରିଛନ୍ତି। ସେହିପରି ଏହି ସମ୍ମାନଜନକ ପଦବୀ ନିମନ୍ତେ ତାଙ୍କୁ ମନୋନୀତ କରି ପଠାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିର୍ବାଚନରେ ବିଜୟ ହେଉଛି ସମଗ୍ର ଭାରତର ବିଜୟ। ଆଉ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଗର୍ବର କଥା। ସୂଚନାଯୋଗ୍ୟ, ଗତ ୨୦ବର୍ଷ ଧରି ଏହି କମିଟିରେ କୌଣସି ଭାରତୀୟଙ୍କ ପ୍ରତିନିଧିତ୍ୱ ନଥିଲା। କମିଟିରେ ଶେଷ ଭାରତୀୟ ଭାବେ ନଜମା ହେପତୁଲ୍ଲା କାର୍ଯ୍ୟ କରିବେ। ବିଶ୍ୱର ୧୯୦ଟି ସଂସଦ ମଧ୍ୟରୁ ଆଇପିୟୁରେ ୧୭୮ଟି ସଂସଦର ସଦସ୍ୟ ଅଛନ୍ତି। ଏହାର ସ୍ଥାପନା ୧୮୮୭ ମସିହାରେ ହୋଇଥିଲା। ସଂସଦ ଓ ସାଂସଦଙ୍କ ମଧ୍ୟରେ ସମଗ୍ର ବିଶ୍ୱରେ ଶାନ୍ତି, ଗଣତନ୍ତ୍ର ଓ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହାର ଗଠନ ହୋଇଥିଲା।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପ୍ଲଟ୍ କିଣିଥିବା ତୃତୀୟ ପକ୍ଷଙ୍କ ସପକ୍ଷରେ ଲିଜ୍ ଡିଡ୍ ପାଇଁ ବିଡିଏକୁ ନିର୍ଦ୍ଦେଶ

**କଟକ :** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପ୍ଲଟ ତୃତୀୟ ପକ୍ଷ ଭାବେ ନେଇଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର। ବିଡିଏ ଠାରୁ ଲଟେରି ମାଧ୍ୟମରେ ଜମି ନେଇଥିବା ବ୍ୟକ୍ତିଙ୍କ ଠାରୁ ଜମି କିଣିଥିବା ବ୍ୟକ୍ତିମାନଙ୍କ ସପକ୍ଷରେ ଲିଜ୍ ଡିଡ୍ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି କ୍ରେତା ସେତେବେଳର ରେଜିଷ୍ଟ୍ରେସନ ମୂଲ୍ୟ ସହିତ ସାନି ଦେୟ ପଇଠ କରିବା ପରେ ବିଡିଏ ସେମାନଙ୍କ ସପକ୍ଷରେ ଲିଜ୍ ଡିଡ କାର୍ଯ୍ୟକାରୀ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏ ଓ ସିଡିଏ ଜମି ଦୁର୍ନୀତିର ତଦନ୍ତ କରି ଟାସ୍କଫୋର୍ସ ଦେଇଥିବା ରିପୋର୍ଟ ପରେ ତୃତୀୟ ପକ୍ଷଙ୍କ ସପକ୍ଷରେ ଲିଜ୍ ଡିଡ କରିବା ପାଇଁ ବିଡିଏ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିଲା। ଏହି ପ୍ରସଂଗ ଟାସ୍କଫୋର୍ସ ରିପୋର୍ଟ ପରିସର ବାହାରେ ବୋଲି ହାଇକୋର୍ଟ ମତ ଦେଇ ଏଭଳି କ୍ରେତାଙ୍କ ସପକ୍ଷରେ ଲିଜ୍ ଡିଡ କରିବା ପାଇଁ ବିଡିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ.ମହାପାତ୍ରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ବିଡିଏର କଳିଙ୍ଗନଗର ଠାରେ ଥିବା ପ୍ଲଟ ଜଣେ ବ୍ୟକ୍ତିଙ୍କ ଠାରୁ କିଣିଥିଲେ। ତୃତୀୟ ପକ୍ଷ ଭାବେ ପ୍ଲଟ କିଣିବା ପରେ ଆବେଦନକାରୀ ଲିଜ ଡିଡ ପାଇଁ ବିଡିଏ ନିକଟରେ ଆବେଦନ କରିଥିଲେ। କିନ୍ତୁ ତାରା ଦତ୍ତ କମିଟି ରିପୋର୍ଟ ଆସିବା ପରେ ସଂପୃକ୍ତ ପ୍ଲଟର ଲିଜ ଡିଡ୍ କାର୍ଯ୍ୟକାରୀ ପାଇଁ ବିଡିଏ କିଛି ପଦକ୍ଷେପ ନେଇ ନଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଡିଏ ପକ୍ଷରୁ ଆଇନଜୀବୀ ଦୟାନନ୍ଦ ମହାପାତ୍ର ମାମଲା ପରିଚଳନା କରୁଥିଲେ।

# ଜଗତସିଂହପୁରରୁ କୁଆଡ଼େ ଗଲେ ବାଂଲାଦେଶୀ ?



**ଭୁବନେଶ୍ୱର :** ଜଗତସିଂହପୁରରୁ କୁଆଡ଼େ ଗଲେ ୧,୧୧୨ ଅନୁପ୍ରବେଶକାରୀ ବାଂଲାଦେଶୀ ? ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବରଗଡ଼, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାରେ ମୋଟ ୩,୭୪୦ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଛନ୍ତି ବୋଲି ନିକଟରେ ଜୁଲାଇ ୪ ତାରିଖରେ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ଦେଇଥିଲେ। ଏଥିରୁ ୧,୭୧୧ଜଣଙ୍କୁ ଦେଶାନ୍ତର ନୋଟିସ୍ ହେବା ପରେ ୨୧ଜଣଙ୍କୁ ଦେଶାନ୍ତର କରାଯାଇଛି ବୋଲି ସୂଚନା ଦେଇଥିଲେ। ନିକଟରେ ପୁଣି ଥରେ ବିଧାନସଭା ପାଇଁ ସରକାର ଉତ୍ତର ଦେବାକୁ ଯାଉଥିବା ବେଳେ ଜଗତସିଂହପୁର ଏଡିଏମ ସେପଟେମ୍ବର ୧୫ ତାରିଖରେ ଜଗତସିଂହରପୁର ଜିଲ୍ଲାରେ କୌଣସି ବାଂଲାଦେଶୀ ଅନୁପ୍ରେବଶକାରୀ ବେଆଇନ ଭାବେ ରହୁନାହାନ୍ତି ବୋଲି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଏଭଳି ସନ୍ଦେହଜନକ ଉତ୍ତରକୁ ରାଜ୍ୟ ସରକାରଙ୍କ ସ୍ପେଶାଲ ବ୍ରାଞ୍ଚ ଧରିବା ସହ ଜଗତସିଂହପୁର ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ସ୍ପଷ୍ଟୀକରଣ ଦେବାକୁ ଜଗତସିଂହପୁର ଏସପିଙ୍କୁ ଜଣାଇଛି। ଅନୁପ୍ରବେଶକାରୀଙ୍କ ଯୋଗୁ ଭାରତୀୟ ନାଗରିକଙ୍କର କ୍ଷତି ନହେବା ପାଇଁ ଭାରତ ସରକାର ରାଜ୍ୟ ସରକାରଗୁଡ଼ିକୁ ବାରମ୍ବାର ମାର୍ଗଦର୍ଶିକା ଜାରି କରିଛନ୍ତି। ବେଆଇନ ଅନୁପ୍ରବେଶକାରୀଙ୍କ ବିରୋଧରେ ଫରେନର୍ସ ଆକ୍ଟ, ୧୯୪୬ ଓ ପାସପୋର୍ଟ ଆକ୍ଟ, ୧୯୨୦ରେ ମାମଲା ରୁଜୁ କରି ଦେଶାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ଓଡ଼ିଶାର ୪୭୬ କିମି ବେଳାଭୂମି ସୁରକ୍ଷା ପାଇଁ କେନ୍ଦ୍ର ସରକାର ଉପକୂଳ ପୋଲିସ ଷ୍ଟେସନ ପ୍ରତିଷ୍ଠା ସହ ବୋଟ, ଗାଡ଼ି ଭଳି କେତେକ ସହାୟତା ଯୋଗାଇ ଦେଇଛନ୍ତି।

# 'ୱାର୍ଲ୍ଡ ସ୍କିଲ ସେଣ୍ଟରର ପାଠ୍ୟକ୍ରମ ଆଇଟିଇଏସ୍, ସିଙ୍ଗାପୁର ଶୈଳୀରେ ପରିଚାଳିତ'



**ଭୁବନେଶ୍ୱର :** ଓଡିଶାର ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ କୌଶଳ ତାଲିମ ପ୍ରଦାନ କରି ରାଜ୍ୟକୁ ଆଗେଇ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-'ଟି' ସଚିବ ଭି. କେ. ପାଣ୍ଡିଆନ କହିଛନ୍ତି। ଶ୍ରୀ ପାଣ୍ଡିଆନ ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନରେ ଆସି ଏହାର ପରିଚାଳନା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ୱାର୍ଲ୍ଡ ସ୍କିଲ ସେଣ୍ଟରରେ ଏକ ବର୍ଷିଆ ଅତ୍ୟାଧୁନିକ କୌଶଳ ତାଲିମ ଦିଆଯାଉଛି। ଆଗାମୀ ଦିନରେ ଏହା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଉଭା ହେବ ବୋଲି ସେ କହିଛନ୍ତି। ଏଠାରୁ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀମାନେ ବିଶ୍ୱସ୍ତରର ପ୍ରମୁଖ ସଂସ୍ଥାମାନଙ୍କରେ ନିଯୁକ୍ତି ପାଇବେ। ଆଗାମୀ ଦିନରେ ରାଜ୍ୟର ସରକାରୀ ଆଇଟିଆଇମାନଙ୍କରେ ମଧ୍ୟ ଏହିଭଳି ଉନ୍ନତ ମାନର ଭିତ୍ତିଭୂମି ତିଆରି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପ୍ରଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କର ଆକାଂକ୍ଷା ସ୍ତର ଅଧିକ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ୱାର୍ଲ୍ଡ ସ୍କିଲ ସେଣ୍ଟରର ପାଠ୍ୟକ୍ରମ ଆଇଟିଇଏସ୍, ସିଙ୍ଗାପୁର ଶୈଳୀରେ ପରିଚାଳିତ ହେଉଛି। ତେଣୁ ଶ୍ରୀ ପାଣ୍ଡିଆନ ଏଠାରେ ମୁତୟନ ହୋଇଥିବା ଆଇଟିଇଏସ୍, ସିଙ୍ଗାପୁରର ଅଧିକାରୀମାନଙ୍କ ସହ ସେମାନଙ୍କର ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ୱାର୍ଲ୍ଡ ସ୍କିଲ ସେଣ୍ଟରରୁ ଉତ୍ତୀର୍ଣ୍ଣ ହେଉଥିବା ପ୍ରଶିକ୍ଷାର୍ଥୀଙ୍କ ନିଯୁକ୍ତି ନିମନ୍ତେ ବିଭିନ୍ନ ଏଜେନ୍ସି ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକର ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଉଛି। ୫-'ଟି' ସଚିବ ଶ୍ରୀ ପାଣ୍ଡିଆନ ବିୟୁଟି ୱେଲ୍ନେସ୍ ସ୍ପା, ଫେସିଆଲ ଓ ବଡି ଥେରାପି ଷ୍ଟୁଡିଓ, ହେୟାର ଫେସନ ଡିଜାଇନ, କଟିଙ୍ଗ ଓ ଷ୍ଟାଇଲିଙ୍ଗ ଷ୍ଟୁଡିଓ, ମେକାଟ୍ରନିକ୍ସ, ନିଉମାଟିକ, ଅଟୋମେସନ ଓ ବେସିକ ରୋବୋଟିକ୍ସ, ମେକାନିକାଲ ଓ ଇଲେକ୍ଟ୍ରିକାଲ ସର୍ଭିସେସ, ଫାୟାର ଡିଟେକ୍ସନ ଓ ପ୍ରୋଟେକ୍ସନ, ପାଇପିଂ ଓ ପ୍ଲମ୍ବିଂ, ଏୟାରକଣ୍ଡିସନିଙ୍ଗ ଓ ରେଫ୍ରିଜେରେସନ ଲ୍ୟାବ ପରିଦର୍ଶନ କରି ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ୨୦୨୩ ସୁଦ୍ଧା ୱାର୍ଲ୍ଡ ସ୍କିଲ ସେଣ୍ଟରରେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ ଏବଂ ୨୦୨୪ ମସିହା ଭିତରେ ପ୍ରେସିସନ ଇଞ୍ଜିନିୟରିଂ ବ୍ୟବସ୍ଥା କରାଯିବ। ଏତଦ୍ବ୍ୟତୀତ ଏଠାରେ ଡିଜିଟାଲ ସ୍କିଲିଂ ହବ୍ ପ୍ରତିଷ୍ଠା ହେବ ଏବଂ ଏହା ସ୍କିଲ ପ୍ରତିଯୋଗିତାର ହବ୍ ରୂପେ କାର୍ଯ୍ୟ କରିବ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଲ୍ଡ ସ୍କିଲ ସେଣ୍ଟରର ସିଇଓ ରେଘୁ ଜି ଓ ୱାର୍ଲ୍ଡ ସ୍କିଲ ସେଣ୍ଟରର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାତ୍ୟା-ଋତୁ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରୁହ: ମୁଖ୍ୟ ସଚିବ



**ଭୁବନେଶ୍ୱର :** ଓଡ଼ିଶାର ଭୌଗଳିକ ସ୍ଥିତି ଓ ଜଳବାୟୁ ସର୍ବଦା ବନ୍ୟା, ବାତ୍ୟା ପ୍ରବଣ ହୋଇ ରହିଛି। ଚଳିତ ମାସ ଠାରୁ ଫେରନ୍ତା ଦକ୍ଷିଣ ପଶ୍ଚିମ ମୌସୁମୀ-ବାୟୁ ପ୍ରଭାବରେ (ବିଶେଷତଃ ଅକ୍ଟୋବର ଓ ନଭେମ୍ବର ମାସରେ) ଓଡ଼ିଶାରେ ଭୀଷଣ ବାତ୍ୟା ଅନୁଭୁତ ହୁଏ। ବେଳେବେଳେ ଏହି ସମୟ ଅବଧି ଡିସେମ୍ବର ୧୫ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ଏସବୁକୁ ବିଚାରକରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର 'ବାତ୍ୟା-ଋତୁ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି'। ନିର୍ଦ୍ଧାରିତ ଏସ୍.ଓ.ପି. ଅନୁସାରେ ଆବଶ୍ୟକୀୟ ପଦାର୍ଥ, ଯନ୍ତ୍ରପାତି, ଉପକରଣ ଏବଂ ମାନବ ସମ୍ବଳ ଆଦିର ମାନଚିତ୍ର ପ୍ରସ୍ତୁତ ସହ ସେସବୁକୁ ପୂର୍ଣ୍ଣ କର୍ମକ୍ଷମ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତିର ବିଭିନ୍ନ ଦିଗ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଭାରତୀୟ ପାଣିପାଗ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଆର.ବିଶ୍ୱାସ ଜଣାଇଥିଲେ ଯେ ଓଡ଼ିଶାର ବର୍ତ୍ତମାନ ଜଳବାୟୁସ୍ଥିତି ବାତ୍ୟା ଅନୁକୂଳ ରହିଛି। ହେଲେ ଆସନ୍ତା ୧୫ ଦିନ ଭିତରେ ବାତ୍ୟାର ସୂଚନା ମିଳିନାହିଁ। ବୈଠକର ଆଲୋଚନାରୁ ଜଣାପଡ଼ିଥିଲା ଯେ ଇତିମଧ୍ୟରେ ଓଡ଼ିଶାରେ ବାତ୍ୟାର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ପ୍ରସାରଣ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଜିଲ୍ଲା ଓ ଅଞ୍ଚଳଭିତ୍ତିକ ପାଣିପାଗ ସୂଚନା ଦିଆଯାଉଛି। ଏକ ବାତ୍ୟାର ପ୍ରଭାବ ଭିତ୍ତିକ ପୂର୍ବାନୁମାନ ବ୍ୟବସ୍ଥା କରାଯାଇଛି। ଗୋପାଳପୁର ଓ ପାରାଦ୍ୱୀପଠାରେ ଡପଲର ପାଣିପାଗ ରାଡାର ଷ୍ଟେସନ ସହ ବାଲେଶ୍ୱର, ଚାନ୍ଦବାଲି, ପୁରୀ, ଭୁବନେଶ୍ୱର, ଗୋପାଳପୁର ଏବଂ ପାରାଦ୍ୱୀପ ଆଦି ସ୍ଥାନରେ ଉଚ୍ଚକ୍ଷମତା ସମ୍ପନ୍ନ ବାୟୁଗତି ପରିମାପକ ଯନ୍ତ୍ରମାନ (ହାଇ ୱିଣ୍ଡ୍ ସ୍ପିଡ୍ ରେକର୍ଡର) ସ୍ଥାପନ କରାଯାଇଛି। ଏହି ଯନ୍ତ୍ର ଘଣ୍ଟା ପ୍ରତି ପ୍ରାୟ ୩୦୦ କି.ମି. ପବନ ସ୍ଥିତିରେ ମଧ୍ୟ କାର୍ଯ୍ୟକରିପାରିବ। ଏସବୁ ଆଧୁନିକ ଭିତ୍ତିଭୂମି ସ୍ଥିତିର ପର୍ଯ୍ୟବେକ୍ଷଣ କରିବାସହ ପାଗ ପୂର୍ବାନୁମାନ ଅନୁଶୀଳନରେ ସହାୟକ ହେଉଛି। ବତ୍ୟାରେ ଟେଲିଫୋନ୍ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଅଧିକ କ୍ଷତିଗ୍ରସ୍ତ ହେଉଥିବାରୁ ମୋବାଇଲ୍ ଟେଲିକମ୍-ଟାୱାର,ସାଟେଲାଇଟ୍ ଫୋନ୍ ଜେନେରେଟର, ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର, ସବ୍ଷ୍ଟେସନ୍, ଏବଂ ଯଥେଷ୍ଟ ସଂଙ୍ଖ୍ୟକ ମାନବ ସମ୍ବଳ ଆଦିର ଆକଳନ ଏବଂ ଆବଶ୍ୟକ ବେଳେ ତୁରନ୍ତ ନିୟୋଜିତ ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ପାନୀୟ ଜଳ ପାଇଁ ଗ୍ରାମ ଓ ସହରାଞ୍ଚଳରେ ଥିବା ହ୍ୟାଣ୍ଡ ପମ୍ପ ଗୁଡିକୁ କର୍ମକ୍ଷମ ରଖିବା ସହ ବାତ୍ୟା ଅତିକ୍ରାନ୍ତ ହେବା ସଂଙ୍ଗେ ସଂଙ୍ଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କର୍ମକ୍ଷମ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଯଥେଷ୍ଟ ପରିମାଣର ବ୍ଲିଚିଂ, ହେଲୋଜେନ୍ ବଟିକା, ଔଷଧ, ଆମ୍ବୁଲାନ୍ସ ଏବଂ ଡ଼ାକ୍ତରୀ ଟିମ୍ ଆଦି ବିଷୟରେ ପୂର୍ବ ପ୍ରସ୍ତୁତି କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଓଡ୍ରାଫ୍ ଏବଂ ଅଗ୍ନିଶ୍ରମ ସଂସ୍ଥା ଟିମ୍ମାନଙ୍କର ସବୁ ଉପକରଣକୁ ସଠିକ୍ ଭାବେ ଯାଞ୍ଚ୍ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ପ୍ରବଣ ଉପକୂଳବର୍ତ୍ତୀ ଗ୍ରାମମାନଙ୍କରେ ବାତ୍ୟା ପ୍ରସ୍ତୁତି ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ସହ ଆସନ୍ନ ପ୍ରସବ, ବୟସ୍କ, ଦିବ୍ୟାଙ୍ଗ, ଅସହାୟମାନଙ୍କର ତାଲିକା ପ୍ରସ୍ତୁତ ରଖିବାକୁ ମହିଳା ଏବଂ ଶିଶୁ ବିକାଶ ବିଭାଗଙ୍କୁ କୁହାଯାଇଥିଲା। ଆବଶ୍ୟକ ବେଳେ ନିରାପଦ ସ୍ଥାନକୁ ସହାୟତା-ଭିତ୍ତିକ ସ୍ଥାନାନ୍ତର କରିବାରେ ଏହି ତାଲିକା ବହୁ ପରିମାଣରେ ଫଳପ୍ରଦ ହେବ। ତୁରନ୍ତ ଗମନା ଗମନ ସୁବିଧାର ପୁନଃ ସ୍ଥାପନ, ରାସ୍ତା ଓ ନଦୀବନ୍ଧ ମରାମତି, ବାତ୍ୟା ସମୟରେ ଲୁଣାଘେରି ବନ୍ଧର ସୁରକ୍ଷା, ପାନୀୟ ଜଳ, ସହରାଞ୍ଚଳରେ ଉଦ୍‌ବୃତ ବର୍ଷା ଜଳ ନିଷ୍କାସନ, ହସ୍ପିଟାଲ୍ ଗୁଡିକରେ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା, ଗୋ ଖାଦ୍ୟ ଯୋଗାଣ, ପରିମଳ ବ୍ୟବସ୍ଥା ପାଇଁ କଣ୍ଟିଜେଣ୍ଟ୍ ପ୍ଲାନ୍ ସହ ଆବଶ୍ୟକୀୟ ସାମଗ୍ରୀ ଓ ମାନବ ସମ୍ବଳ, କୃଷକମାନଙ୍କୁ ଉପଯୁକ୍ତ ପରାମର୍ଶ ଓ ସୂଚନା ପ୍ରଦାନ, ଧାନ-କିଣା ମଣ୍ଡିରେ ସଂଗୃହିତ ଧାନର ସୁରକ୍ଷା ଓ ପରିବହନ ଆଦି କାମ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ କ୍ଷେତ୍ରସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସଜାଗ ରଖିବା ପାଇଁ ମଧ୍ୟ ବିଭାଗମାନଙ୍କୁ କୁହାଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବାତ୍ୟା ପରିଚାଳନା ସହ ସଂପୃକ୍ତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ। ନାଭାଲ୍, ଆର୍ମି, କୋଷ୍ଟଗାର୍ଡ଼ ଓ ଭାରତୀୟ ପାଣିପାଗ ବିଭାଗ ଆଦିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ନିଜ ନିଜ ବିଭାଗର ପ୍ରସ୍ତୁତି ଓ ଆବଶ୍ୟକତା ସଂପର୍କିତ ସୂଚନା ଦେଇଥିଲେ।



ସୁଖ ପାଖରେ ଜ୍ଞାନ
ନଥାଏ। ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ଅକ୍ଟୋବର, ୨୦୨୨

# ୨୦୨୪ ପୂର୍ବରୁ ସତର୍କ ଘଣ୍ଟି

ଧାମନଗର ଉପନିର୍ବାଚନରେ ବିଜେଡି ଜଣେ ମହିଳାଙ୍କୁ ବିଧାୟକ ପ୍ରାର୍ଥୀ କରିଛି।ପୂର୍ବରୁ ଏହି ଆସନରେ ବିଜେପିର ବିଧାୟକ ଥିଲେ ବିଷ୍ଣୁ ସେଠୀ। ବିଜେପି ସେଠାରେ ଦିବଂଗତ ନେତା ବିଷ୍ଣୁଙ୍କ ପୁତ୍ର ସୂର୍ଯ୍ୟବଂଶୀଙ୍କୁ ଟିକଟ ଦେଇଥିଲାବେଳେ କଂଗ୍ରେସ ଏଠାରେ ଜଣେ ଯୁବ ଆଇନଜୀବୀଙ୍କୁ ପ୍ରାର୍ଥୀ କରିଛି। ଧାମନଗର ବିଧାନସଭା ଆସନ ପାଇଁ ପ୍ରଥମେ ବିଜେପି ନିଜର ପ୍ରାର୍ଥୀ ଭାବେ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ଘୋଷଣା କରିଥିଲା। ସୂର୍ଯ୍ୟବଂଶୀ ମଧ୍ୟ ନାମାଙ୍କନ ଦାଖଲ କରିସାରିଛନ୍ତି। ସମସ୍ତଙ୍କର ନଜର କିନ୍ତୁ ଥିଲା ବିଜେଡି ପ୍ରାର୍ଥୀ ଘୋଷଣା ଉପରେ। ଧାମନଗର ପାଇଁ ବିଜେଡି କାହାକୁ ପ୍ରାର୍ଥୀ କରିବ ଏ ନେଇ ଅନେକ ଚର୍ଚ୍ଚା ମଧ୍ୟ ହେଉଥିଲା। ହେଲେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବନ୍ତୀ ଦାସଙ୍କ ପ୍ରାର୍ଥୀତ୍ୱ ଉପରେ ମୋହର ମାରି ମହିଳା କାର୍ଡ଼ ଖେଳିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଜଣେ ଯୁବ ଆଇନଜୀବୀ ବାବା ହରେକୃଷ୍ଣ ସେଠୀଙ୍କୁ ଏଠାରେ ପ୍ରାର୍ଥୀ କରି ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାର ଯୋଜନା କରିଥିବା ଆଲୋଚନା ହେଉଛି। ବାବା ହରେକୃଷ୍ଣଙ୍କ ପ୍ରାର୍ଥୀତ୍ୱ ଉପରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ମୋହର ମାରିବା ପରେ କେନ୍ଦ୍ରୀୟ ନିର୍ବାଚନ କମିଟିର ସାଧାରଣ ସମ୍ପାଦକ ମୁକୁଲ ୱାସନିକ ଏ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ବିଜେଡି ଏଠାରେ ମହିଳା କାର୍ଡ଼ ଖେଳି ସମସ୍ତଙ୍କୁ ଚକିତ କରୁଥିଲାବେଳେ ତିନି ଜଣ ପ୍ରାର୍ଥୀଙ୍କ ରାଜନୈତିକ ଅଭିଜ୍ଞତା ଉପରେ ଚର୍ଚ୍ଚା ଜୋର ଧରିଛି। ଏହି ତିନିଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ ଜଣ ରାଜନୀତିରେ ସମ୍ପୂର୍ଣ୍ଣ ନବାଗତ ହୋଇଥିଲା ବେଳେ ବି ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ଚଳିତ ବର୍ଷ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ପ୍ରଥମ କରି ରାଜନୀତିରେ ପାଦ ଥାପିଛନ୍ତି। ପୂର୍ବତନ ବିଜେଡି ବିଧାୟକ ରାଜେନ୍ଦ୍ର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ ବୋଲି ଆଲୋଚନା ଜୋର ଧରିଥିଲା ବେଳେ ତାଙ୍କୁ ମନାଇବା ପାଇଁ ବିଜେଡି ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ଖୋଦ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବା ବବି ବାବୁ ଏହି ଦାୟିତ୍ୱରେ ଥିବା ଜଣାପଡିଛି। ଦଳ ଭିତରୁ ବିଦ୍ରୋହ ହେଲେ ଧାମନଗର ଉପନିର୍ବାଚନ ଫଳାଫଳ ବଦଳି ଯିବାର ଆଶଙ୍କା କରୁଛି ବିଜେଡି। ତେଣୁ ଶ୍ରୀ ଦାସଙ୍କୁ ଅନେକ ଲୋଭନୀୟ ଅଫର ବିଜେଡି ପକ୍ଷରୁ ଦିଆଯାଉଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏଥିରେ ତାଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭଳି ପଦବୀ ସହ କ୍ୟାବିନେଟ ପାହ୍ୟା ଦିଆଯିବ ବୋଲି ମଧ୍ୟ ବିଜେଡି ଅଫର ଦେଇଥିବା ସୂଚନା ମିଳିଛି। ଇତିମଧ୍ୟରେ କଂଗ୍ରେସ ପ୍ରାର୍ଥୀ ନିଜର ନାମାଙ୍କନ ଭରି ସାରିଥିଲା ବେଳେ ବିଜେଡି ପ୍ରାର୍ଥୀ ଶ୍ରୀମତୀ ଦାସ ନାମାଙ୍କନ ଦାଖଲ କରିବେ। କିନ୍ତୁ ରାଜୁ ଦାସଙ୍କ ପ୍ରାର୍ଥୀତ୍ୱ ଉପରେ ସମସ୍ତଙ୍କ ନଜର ରହିଛି। କେହି କେହି କହୁଛନ୍ତି, ଶ୍ରୀ ଦାସ ଆପ ମୁଖ୍ୟାଳୟ ସହ ଯୋଗାଯୋଗରେ ରହିଥିଲେ ବୋଲି ଶୁଣାଯାଉଥିଲା। କିନ୍ତୁ ପରିଶେଷରେ ଶ୍ରୀ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ଫଳରେ ଏହାର ପ୍ରଭାବ ବିଜେଡି ଭୋଟ ଉପରେ ପଡିବ। ଶ୍ରୀମତୀ ଦାସଙ୍କ ତୁଳନାରେ ରାଜୁ ଦାସ ବେଶୀ ଲୋକପ୍ରିୟ ବା ନିର୍ବାଚନମଣ୍ଡଳୀର ଲୋକଙ୍କ ପସନ୍ଦ ଶୁଣା ଯାଉଥିଲେ ବି ବିଜେଡିର ରଣନୀତି ଆଗରେ ବିରୋଧୀଙ୍କ ରଣନୀତି ଫେଲ

ସମ୍ପାଦକୀୟ
ତାରକ ମହାନ୍ତି



ମାରୁଥିବା ପୂର୍ବରୁ ସ୍ପଷ୍ଟ ହୋଇସାରିଛି। ନବୀନଙ୍କ ଲୋକପ୍ରିୟତା ଆଗରେ ଅନ୍ୟ ଦଳର ନେତା ଏଯାଏ ନିଜକୁ ପ୍ରମାଣିତ କରିପାରୁନଥିବାରୁ ବିଜେଡି ବାରମ୍ବାର ବାଜିମାତ କରୁଛି। ତେବେ ବିଜେପି ବିଧାୟକ ବିଷ୍ଣୁ ସେଠୀଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ଏଠାରେ ତାଙ୍କ ପୁଅକୁ ବିଜେପି ସୁଯୋଗ ଦେଇଛି। ତେଣୁ ସୂର୍ଯ୍ୟବଂଶୀଙ୍କ ପ୍ରତି ନିର୍ବାଚନମଣ୍ଡଳୀର ଲୋକଙ୍କ ଅନୁକମ୍ପା ଅଧିକ ଥିବା ଚର୍ଚ୍ଚା ହେଉଛି। ରାଜୁ ଦାସ ଯଦି ବିଜେଡି ଭୋଟ ଭାଗ କରନ୍ତି ତେବେ ସୂର୍ଯ୍ୟବଂଶୀଙ୍କ ଜିତିବା ସହଜ ହୋଇଯିବ। ହେଲେ ଆଜିପର୍ଯ୍ୟନ୍ତ ବିଜେଡିର ରଣ କୌଶଳ ବୁଝିବା ବିରୋଧୀଙ୍କ ପାଇଁ ଅବୁଝା ରହିଛି। ସ୍ୱର୍ଗତଃ ପ୍ୟାରୀ ମହାପାତ୍ର ଦଳର ପରାମର୍ଶଦାତା ଥିଲାବେଳେ ବିରୋଧୀ ଯେଭଳି ଅଡୁଆରେ ପଡୁଥିଲେ ବର୍ତ୍ତମାନ ତାଠାରୁ ଅଧିକ ଅସୁବିଧା ଭୋଗୁଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନ ଫଳାଫଳ ଦେଖିଲେ ଓଡ଼ିଶାରେ ବିରୋଧୀଙ୍କ ଭୂମିକା ଗୌଣ ହେଉଥିବା ଜଣାପଡୁଛି। ପ୍ରଣବ ପ୍ରକାଶ ଦାସ ସଂଗଠନ ଦାୟିତ୍ୱ ନେବା ପରଠାରୁ ବିଜେଡି ଅଧିକ ଆକ୍ରମକ ହୋଇଛି। ପ୍ରତି କ୍ଷେତ୍ରରେ ବିରୋଧୀଙ୍କ ମୁହଁ ଚୁପ୍ କରାଯାଉଛି।

ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେପି ଓ କଂଗ୍ରେସ ବିଜେଡିକୁ ଯେତେ ଅଡୁଆରେ ପକାଇଲେ ମଧ୍ୟ କୌଣସି ଗୋଟିଏ ଘଟଣାରେ ଦଳ ହାର ମାନିନାହିଁ। ପରୀ,ମମିତା ଘଟଣା ହେଉ କି ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ବିରୋଧୀଙ୍କ ଆନ୍ଦୋଳନ ବିଜେଡିକୁ ଅଡୁଆ କରିପାରିନାହିଁ। ବିରୋଧୀ ଯେତେ ଚାଲ ଚଳାଉଥିଲେ ମଧ୍ୟ ତାହାକୁ ଅକ୍ଳେଶରେ ପ୍ରତିହତ କରିଦେଉଛି ବିଜେଡି। ବିଜେଡି ଗୋଷ୍ଠୀ କନ୍ଦଳ ଥିବା ସତ୍ତ୍ୱେ ଦଳ ବିରୋଧରେ ସ୍ୱର ଉଠାଇବାକୁ କୌଣସି ନେତା ସାହସ କରୁନାହାନ୍ତି। ଅନ୍ୟପକ୍ଷେ ରାଜ୍ୟ ବିଜେପିରେ ନେତୃତ୍ୱ ସଙ୍କଟ ଦଳର ପତିଆରା କ୍ଷୁର୍ଣ୍ଣ କରିଚାଲିଛି। ଦଳ ଭିତରେ ରହୁଥିବା ଫାଟ ପଦାରେ ପଡୁଛି। ଯାହାକୁ ନେଇ ଓଡିଶା ବିଜେପିର କିଏ ଅସଲ ନେତା ତାକୁ ନେଇ ଭୋଟର ସନ୍ଦେହରେ ପଡୁଛନ୍ତି। କିନ୍ତୁ ଧାମନଗର ଉପନିର୍ବାଚନରେ ବିଜେପିର ୩ ଷ୍ଟାର ପ୍ରଚାରକ ଭାବେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ବିଶେଶ୍ୱର ଟୁଡୁ ପ୍ରଚାର ମଇଦାନକୁ ଓହ୍ଲାଇବା ନେଇ ଘୋଷଣା ହେବା ପରେ ଏଠାରେ ରାଜନୈତିକ ଉଷ୍ମତା ବଢ଼ିଯାଇଛି। ପୂର୍ବତନ ବିଜେଡି ବିଧାୟକ ରାଜେନ୍ଦ୍ର ଦାସ ଦଳୀୟ ଟିକଟରୁ ବଞ୍ଚିତ ହେବା ପରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ ପରେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଏହାକୁ ନେଇ ଧାମନଗର ବିଜେଡିରେ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଯାଇଛି। ଶ୍ରୀ ଦାସଙ୍କୁ ମନାଇବା ପାଇଁ ବିଜେଡି ପକ୍ଷରୁ ସମସ୍ତ ଉଦ୍ୟମ ଫେଲ୍ ମାରିଥିବା ଜଣାପଡିଛି। ଯାହାକି ବିଜେଡି ନିର୍ବାଚନୀ ଇତିହାସରେ ପ୍ରଥମଥର ଘଟିଛି। ପୂର୍ବରୁ ବିଜେଡି ବିପକ୍ଷରେ ଯେକୌଣସି ଦଳୀୟ ନେତା ପ୍ରାର୍ଥୀ ହେବାକୁ ମୁଣ୍ଡ ଟେକିଥିଲେ ସେମାନଙ୍କୁ କଳେ, ବଳେ, କୌଶଳେ ଆୟତ୍ତ କରାଯାଉଥିଲା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଲା। ଯାହାକୁ ନେଇ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱରେ ଥିବା ନେତାମାନଙ୍କ ଉପରେ କ୍ଷୁବ୍ଧ ବୋଲି ସୂଚନା ମିଳିଛି। ରାଜନୈତିକ ସମୀକ୍ଷକ କହୁଛନ୍ତି ଯେ, ବିଜେଡିର କିଛି ଅନଭିଜ୍ଞ ନେତାଙ୍କ ମାମଲାତି ଯୋଗୁ ଧାମନଗରରେ ବିଜେଡିର ଏଭଳି ପରିସ୍ଥିତି ହୋଇଛି। ଅନ୍ୟପକ୍ଷରେ ବିଜେପିର ପ୍ରଚାରରେ ତିନି କେନ୍ଦ୍ର ମନ୍ତ୍ରୀଙ୍କ ଆବିର୍ଭାବ ଭୋଟ ଫଳାଫଳକୁ ସୂର୍ଯ୍ୟବଂଶୀଙ୍କ ସପକ୍ଷରେ ନେଇପାରେ ବୋଲି ଚର୍ଚ୍ଚା ଜୋର ଧରୁଛି। କାରଣ ବିଜେଡିର ଭୋଟ ଭାଗ ହେଲେ ଏହାର ସିଧା ଫାଇଦା ବିଜେପିକୁ ଯିବ। ତେଣୁ ବିଜେଡି ଭୋଟ ପୂର୍ବରୁ ଶ୍ରୀ ଦାସଙ୍କୁ ମନାଇବାକୁ ପୁଣିଥରେ ନିଶ୍ଚିତ ପ୍ରୟାସ ଜାରି ରଖିବ ବୋଲି ଜଣାପଡୁଛି। ତେଣୁ ଯାହାବି ହେଉ ଚଳିତଥର ଧାମନଗର ଉପନିର୍ବାଚନ ଫଳାଫଳ ବିଜେଡି ଓ ବିଜେପି ପାଇଁ ୨୦୨୪ ନିର୍ବାଚନର ସତର୍କ ଘଣ୍ଟି ଭାବିବାକୁ ହେବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ପରେ କିଏ ?



ଅସିତ ମହାନ୍ତି

ସେପ୍ଟେମ୍ବର ୨୨ରେ ଦେଶର ଅନୁସନ୍ଧାନକାରୀ ସଂସ୍ଥା (ଏନଆଇଏ) ଏବଂ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ନେତା ତଥା କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିବା ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ) ଉପରେ କେନ୍ଦ୍ର ସରକାର ନିଷେଧାଦେଶ ଜାରି କରିଛନ୍ତି। ସେପ୍ଟେମ୍ବର ୨୭ ରେ ଦ୍ୱିତୀୟ ଦେଶବ୍ୟାପୀ କଟକଣା ଜାରି କରାଯାଇଥିଲା, ଯେଉଁଥିରେ ସାତୋଟି ରାଜ୍ୟରେ ପୋଲିସ୍ ୨୭୦ରୁ ଅଧିକ ଲୋକଙ୍କୁ ଗିରଫ କରିଥିଲା। ଯେଉଁମାନଙ୍କର ପିଏଫଆଇ ସହିତ ଲିଙ୍କ ଥିଲା। ଆତଙ୍କବାଦ ଶିବିର ଆୟୋଜନ ତଥା ମୁସଲମାନ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଯୋଗଦେବାକୁ ପିଏଫ୍ଆଇର ସଦସ୍ୟମାନେ ଜଡିତ ଥିବା ଅଭିଯୋଗ ଉପରେ ଆଧାର କରି ଏହି କାର୍ଯ୍ୟାନୁଷ୍ଠାନ ପରେ ଆତଙ୍କବାଦ ବିରୋଧୀ ଆଇନ ଅନୁଯାୟୀ ସଂଗଠନ ଉପରେ ଏକ ନିଷେଧାଦେଶ ଲାଗିବ ବୋଲି ଆଶା କରାଯାଉଥିଲା। ଏହି ନିଷେଧାଦେଶକୁ ସେପ୍ଟେମ୍ବର ୨୭ରେ ସୂଚିତ କରାଯାଇଥିଲା ଏବଂ ବୁଧବାର (ସେପ୍ଟେମ୍ବର ୨୮) ସକାଳେ ଗେଜେଟରେ ପ୍ରକାଶିତ ହୋଇଥିଲା। ଗୃହ ମନ୍ତ୍ରଣାଳୟ (ଏମ୍ଏଚ୍ଏ) ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିରେ ରିହାବ ଇଣ୍ଡିଆ ଫାଉଣ୍ଡେସନ (ଆରଆଇଏଫ୍) ଏବଂ କ୍ୟାମ୍ପସ ଫ୍ରଣ୍ଟ ଅଫ୍ ଇଣ୍ଡିଆ ସମେତ ପିଏଫ୍ଆଇ ଏବଂ ଏହାର ସହଯୋଗୀ ସଂଗଠନ ଉପରେ ପାଞ୍ଚ ବର୍ଷ ପାଇଁ ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ (ୟୁଏପିଏ),୧୯୬୭ ଅନୁସାରେ ପ୍ରତିବନ୍ଧକ ଲଗାଯାଇଛି। ବିଜ୍ଞପ୍ତିରେ ଅନେକ କାରଣ ଦର୍ଶାଯାଇଥିଲା, ଯେଉଁଥିରେ "ପିଏଫଆଇ ଏବଂ ଏହାର ସହଯୋଗୀ କିମ୍ବା ସହଯୋଗୀ କିମ୍ବା ଫ୍ରଣ୍ଟଗୁଡିକ ସାମାଜିକ-ଅର୍ଥନୈତିକ, ଶିକ୍ଷାଗତ ତଥା ରାଜନୈତିକ ସଂଗଠନ ଭାବରେ ଖୋଲାଖୋଲି ଭାବରେ କାର୍ଯ୍ୟ କରନ୍ତି କିନ୍ତୁ ସେମାନେ ସମାଜର ଏକ ନିର୍ଦ୍ଦିଷ୍ଟ ବିଭାଗକୁ ମୂଳୋତ୍ପାଟନ କରିବା ପାଇଁ ଏକ ଗୁପ୍ତ ଏଜେଣ୍ଡା ଅନୁସରଣ କରୁଛନ୍ତି। ଗଣତନ୍ତ୍ରର ଧାରଣାକୁ ଦୁର୍ବଳ କରିବା ଏବଂ ଦେଶର ସାମ୍ବିଧାନିକ ପ୍ରାଧିକରଣ ତଥା ସାମ୍ବିଧାନିକ ପ୍ରତିଷ୍ଠା ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା"। ସରକାର ଦାବି କରିଛନ୍ତି ଯେ ଆଇଏସଆଇଏସ ସହିତ ଆତଙ୍କବାଦୀ ସମ୍ପର୍କ ଥିବା ସହିତ ଏହି ଅର୍ଗାନାଇଜେସନକୁ ୫ ବର୍ଷ ପାଇଁ ନିଷେଧାଦେଶ ଦେବା ପାଇଁ ଏହାର ଯଥେଷ୍ଟ ପ୍ରମାଣ ଅଛି। ଅନ୍ୟ ଦଳ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ କିନ୍ତୁ ଆରଏସଏସ / ବଜରଙ୍ଗ ଦଳକୁ ମଧ୍ୟ ନିଷେଧ କରାଯିବା ଉଚିତ ନୁହେଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି ? ସରକାର କୋର୍ଟକୁ ଯାଇ ମାମଲା ପ୍ରମାଣ କରିବାକୁ ସମର୍ଥ ହେବେ ଏବଂ ପରବର୍ତ୍ତୀ କିଏ ନିଷେଧ ହେବ? ମନେରଖିବାକୁ ହେବ ଯେ ୨୦୧୮ ରେ ସିଆଇଏ ବଜରଙ୍ଗ ଦଳ ଏବଂ ଭିଏଚପିକୁ ଧାର୍ମିକ ସନ୍ତ୍ରାସବାଦୀ ଭାବରେ ନାମିତ କରିଥିଲା। ଆଇରନ୍ ମ୍ୟାନ୍ ଅଫ୍ ଇଣ୍ଡିଆ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦ୍ୱାରା ୪ ଫେବୃଆରୀ ୧୯୪୮ରେ ଆରଏସ୍ଏସ୍‌କୁ ନିଷେଧ କରାଯାଇଥିଲା। ସାମ୍ପ୍ରଦାୟିକତା ବିସ୍ତାର କରୁଥିବା ଯେକୌଣସି ସଂଗଠନ ଯଥାଶୀଘ୍ର ନିଷିଦ୍ଧ ହେବା ଉଚିତ, ସେମାନେ ସଂଖ୍ୟାଲଘୁ ସମ୍ପ୍ରଦାୟର ହୁଅନ୍ତୁ କିମ୍ବା ସଂଖ୍ୟାଗରିଷ୍ଠ। ସର୍ଦ୍ଦାର ପଟେଲ ସ୍ୱାଧୀନତା ଆନ୍ଦୋଳନର ଏକ ବଡ଼ ଚେହେରା ଥିଲେ। ଦେଶକୁ ଏକତ୍ର କରିବାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ସେ ଆରଏସଏସର ଦେଶପ୍ରେମକୁ ପସନ୍ଦ କରୁନଥିଲେ। ସେ ସଂଘ ବିରୋଧୀ ନଥିଲେ, କିନ୍ତୁ ତାଙ୍କର ହିନ୍ଦୁ ରାଷ୍ଟ୍ର ବା ମୁସଲମାନ ବିରୋଧୀ ଚିନ୍ତାଧାରା ମଧ୍ୟ ପଟେଲଙ୍କୁ ଆକର୍ଷିତ କରିନଥିଲା। ଅନେକ ସମୟରେ ଏହି ବିଷୟରେ ତାଙ୍କର ମତାମତ ମଧ୍ୟ ପୁରା ବିଶ୍ୱ ଦେଖିଥିଲା। ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସର୍ଦ୍ଦାର ପଟେଲ ୪ ଫେବୃଆରୀ ୧୯୪୮ରେ ଆରଏସଏସକୁ ନିଷିଦ୍ଧ କରିଥିଲେ। ସେତେବେଳେ ସେ ଦେଶର ଗୃହମନ୍ତ୍ରୀ ଥିଲେ। ଏହି ପ୍ରତିବନ୍ଧକକୁ ସେ ଚିଠିରେ ଲେଖିଥିଲେ, "ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆରଏସଏସ ହିନ୍ଦୁ ସମାଜର ସେବା କରିଛି। ସମାଜ ଯେଉଁଠାରେ ଆବଶ୍ୟକତା ଅନୁଭବ କଲା, ସେଠାରେ ସଙ୍ଘ ବହୁତ ଉତ୍ସାହର ସହିତ ସେବା କଲା। ଏହି ସତ୍ୟକୁ ଗ୍ରହଣ କରିବାରେ କୌଣସି କ୍ଷତି ନାହିଁ। କିନ୍ତୁ ଏହାର ଆଉ ଏକ ଚେହେରା ଅଛି, ଯାହା ମୁସଲମାନମାନଙ୍କଠାରୁ ପ୍ରତିଶୋଧ ନେବାକୁ ଆକ୍ରମଣ କରେ। ହିନ୍ଦୁମାନଙ୍କୁ ସାହାଯ୍ୟ କରିବା ଗୋଟିଏ କଥା, କିନ୍ତୁ ଗରିବ, ଅସହାୟ, ମହିଳା ଏବଂ ଶିଶୁଙ୍କ ଉପରେ ଆକ୍ରମଣ ଅସହ୍ୟ ଅଟେ। ଏହି ଐତିହାସିକ ତଥ୍ୟକୁ କଣ କିଏ ମାନିବ ନାହିଁ! ଆଜି ଭାରତୀୟ ଜନତା ପାର୍ଟି ସର୍ଦ୍ଦାର ପଟେଲଙ୍କୁ ସମ୍ମାନ କରୁଛି, ଏହା ଏକ ସକାରାତ୍ମକ ପକ୍ଷ। ଯଦି ପିଏଫଆଇର ଇତିହାସକୁ ଦେଖାଯାଏ, ତାହେଲେ କିଛି ମହତ୍ୱପୂର୍ଣ୍ଣ ତଥ୍ୟ ଆମେ ପାଇଁ ପାରିବା। ବାସ୍ତବରେ, ଯେତେବେଳେ ୧୯୯୨ରେ ବାବ୍ରି ମସଜିଦ ଭାଙ୍ଗି ଦିଆଗଲା, ସେତେବେଳେ ତିନିଟି ସଂଗଠନ- କେରଳର ଜାତୀୟ ବିକାଶ ଫ୍ରଣ୍ଟ, କର୍ଣ୍ଣାଟକ ଫୋରମ୍ ଅଫ ଡିଗନିଟି, ମନିଥା ନିଥି ପାସାରୀ ଅଫ ତାମିଲନାଡୁ ଏକତ୍ରିତ ହୋଇ ୨୦୦୬ରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ଗଠନ କରିଥିଲେ ଏବଂ ଏହି ସଂଗଠନ ୨୭ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ଭାରତରେ କାର୍ଯ୍ୟ କରୁଥିଲା। କିନ୍ତୁ ବର୍ତ୍ତମାନ ଏହି ସଂଗଠନକୁ ୟୁଏପିଏ ଅଧୀନରେ ୫ ବର୍ଷ ଧରି ସରକାର ନିଷିଦ୍ଧ କରିଛନ୍ତି। ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ କରିବା ଜରୁରୀ - କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ ଯାହା ପିଏଫ୍ଆଇର ଛାତ୍ର ସଂଗଠନ ଯାହା କର୍ଣ୍ଣାଟକରେ ହିଜାବ ପ୍ରସଙ୍ଗକୁ ବିରୋଧ କରି ଅତ୍ୟନ୍ତ ସକ୍ରିୟ ଥିଲା। ଅର୍ଥାତ୍ ରାଜନୀତିକୁ ବୁଝନ୍ତୁ, କେଉଁ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି। ବିରୋଧ କରିବାକୁ ଯିଏ କେହି ଆଗକୁ ଆସିବ ତାକୁ ପିଏଫ୍ଆଇ ସହିତ ସମ୍ପର୍କ ଆଧାରରେ ତାକୁ ଗିରଫ କରାଯିବ। ଜଣାଶୁଣା ଓକିଲ ମେହମୁଦ ରାଜା କୁହନ୍ତି, ସେତେବେଳେ କୌଣସି ବ୍ୟକ୍ତି ବା ସଂଗଠନ ବିରୁଦ୍ଧରେ ନିଷିଦ୍ଧ ଭଳି ପଦକ୍ଷେପ ନେବାକୁ ପଡେ, ଯେତେବେଳେ ସାଧାରଣ ଭାବେ ଆଇନ ଏବଂ ଶୃଙ୍ଖଳା ସେମାନଙ୍କ ବିରୁଦ୍ଧରେ ବିଫଳ ହୁଏ ।

ଅର୍ଥାତ୍ ବର୍ତ୍ତମାନ ନିଆଯାଇଥିବା ନିଷିଦ୍ଧ ପଦକ୍ଷେପରୁ ଏହା ପ୍ରତୀତ ହୁଏ ଯେ ବର୍ତ୍ତମାନର ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଫଳ ହୋଇଛି ବୋଲି ଧରିନେବାକୁ ହେବ। ସେଥିପାଇଁ ଏହି ଅତିରିକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପଡିଲା। ସମ୍ବିଧାନର ଧାରା ୧୪ କହେ - ଆଇନ ଅନୁଯାୟୀ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର ହେବା ଉଚିତ୍।ସମାନତା ଅଧିକାର, ଆଇନ ସାମନାରେ ସମସ୍ତଙ୍କ ସମାନ ବ୍ୟବହାର ପାଇଁ ବ୍ୟବସ୍ଥା କରିଥାଏ, ଏହା ବିଭିନ୍ନ କାରଣରୁ ଭେଦଭାବକୁ ରୋକିଥାଏ। କିନ୍ତୁ ଏହା ପୂର୍ବରୁ ଭାରତରେ ଅନେକ ସଂଗଠନ ଅନେକ ପ୍ରକାର ଦେଶ ବିରୋଧୀ , ସାମ୍ପ୍ରଦାୟିକ ସମସ୍ୟା ସୃଷ୍ଟି କରିଛନ୍ତି, କିନ୍ତୁ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନେକ ହିନ୍ଦୁ ସଂଗଠନ ସ୍ପଷ୍ଟ ରୂପେ ଖୋଲାଖୋଲି ଭାବେ ପ୍ରଚାର କରୁଛନ୍ତି ଯେ ଆମେ ହିନ୍ଦୁ ରାଷ୍ଟ୍ର ତିଆରି କରିବାକୁ ଜୀବନ ଦେଇପାରୁ ଏବଂ ଜୀବନ ନେଇପାରୁ। ଆମେ ସମ୍ବିଧାନକୁ ମଧ୍ୟ ପରିବର୍ତ୍ତନ କରିବୁ। ଏପ୍ରକାର ଉକ୍ତି କଣ ଦେଶାତ୍ମବୋଧତା ନା ଦେଶବିରୋଧୀ? ଏପ୍ରକାର ପରିବେଶ ଯେଉଁମାନେ ଦେଶରେ ସୃଷ୍ଟି କରିଛନ୍ତି, ସେମାନଙ୍କ ବିରୁଦ୍ଧରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଇନଗତ ପଦକ୍ଷେପ ନିଆଯାଇନାହିଁ। ସେହି କାରଣରୁ ଧାରା ୧୪ର ଏଠାରେ ଉଲଂଘନ ହେଉଛି। ସରକାରଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ, ଉପାଦାନଗୁଡିକ (ବିଭାଗ -୩, ଉପ-ବିଭାଗ-୨ ଅନୁଯାୟୀ) ଯାହା ସଂଗଠନକୁ ନିଷିଦ୍ଧ କରିବା ପାଇଁ ସେଠାରେ ରହିବା ଉଚିତ, ଏହି ବିଜ୍ଞପ୍ତିରେ ସେହି ଉପାଦାନ ଗୁଡିକ କୌଣସି ସ୍ଥାନରେ ନାହିଁ। ତେଣୁ ଏଥିରୁ ସ୍ପଷ୍ଟ ଜଣାପଡେ ଯେ, ଏହି ପ୍ରକାର ପଦକ୍ଷେପରେ ଏକ ଲୁକାୟିତ କାର୍ଯ୍ୟସୂଚୀ ଅଛି। ଅର୍ଥାତ ୨୦୨୪ ନିର୍ବାଚନ ପୂର୍ବରୁ ହିନ୍ଦୁ -ମୁସଲିମ ବିରୋଧୀ ମାସିକତାକୁ ସୃଷ୍ଟି କରି ଏକ ଘୃଣାର ପରିବେଶ ସୃଷ୍ଟି କରାଯାଇଛି ଯାହା ସଫଳ ମଧ୍ୟ ହୋଇଛି। କାରଣ ଏହି ପଦକ୍ଷେପକୁ ଅଧିକାଂଶ ଲୋକ ସମର୍ଥନ କରୁଛନ୍ତି ଏବଂ ଏହି ସମର୍ଥନ କେତେକ ଲୋକ ଏବିଷୟରେ ତଥ୍ୟ ନଜାଣି ସମର୍ଥନ କରୁଛନ୍ତି ଆଉ କେତେକ ସବୁକିଛି ବୁଝି ଅନ୍ଧ ଭାବରେ ଏହାକୁ ସମର୍ଥନ କରୁଛନ୍ତି। ଏହା ଦେଶ ପାଇଁ ଏକ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଗଣତନ୍ତ୍ର ପ୍ରେମୀ ଭାରତର ଜନତା ଏହି ବିଷୟକୁ ଭଲଭାବେ ବୁଝି ଉପଯୁକ୍ତ ପଦକ୍ଷେପ ନେବା ଉଚିତ।

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ପ୍ରତାରିତ ସାଧାରଣ ମଣିଷଙ୍କ ଗତି କେଉଁଆଡକୁ ?

ପଙ୍କଜ କୁମାର ପାଣିଗ୍ରାହୀ

ସେମାନେ ସମସ୍ତେ ମିଳିମିଶି ଦିବା ନିଶି କେବଳ ମିଛ କହୁଛନ୍ତି ! ଅବୈଜ୍ଞାନିକ, ଅସଂଯୋଜିତ ଏବଂ ଅନାବଶ୍ୟକ କଥା, କାର୍ଯ୍ୟକଳାପ ଗୁଡିକୁ ନେଇ ସମାଜରେ ଏମିତି ଭୟାବହ ରଚନାତ୍ମକ ପରିବେଷଣ କରୁଛନ୍ତି ଯାହା ସାଧାରଣ ଲୋକେ କୌଣସି ପରିରାଇଜର ଅଲୌକିକ ବିଷୟ ଭଳି ଅନୁଭବ କରି ଆତ୍ମ ସନ୍ତୋଷ ଲାଭ କରୁଛନ୍ତି ! ପ୍ରକୃତ ଅଭାବନୀୟତା ଗୁଡିକୁ ଆଢୁଆଳରେ ରଖି କେବଳ କୋଳାହଳ ମାଧ୍ୟମରେ ଜନମାନସକୁ ବିଚଳିତ କରିବାରେ ବ୍ୟସ୍ତ ଲୁଟେରା, ଚତୁର କେଳେଙ୍କାରୀ ଗୋଷ୍ଠୀ ! ସଂସ୍କାର ରହିତ ସମାଜ କେତେ ଉପରକୁ ଗଲେ ମଧ୍ୟ ତାକୁ ଉନ୍ନତି ବୋଲି କୁହାଯାଇ ପାରିବ ନାହିଁ । ବିଜ୍ଞାନ ଆଉ ବିଜ୍ଞାନ ହୋଇ ରହିନାହିଁ ! ଦର୍ଶନକୁ ଭ୍ରମିତ କରି ଦାର୍ଶନିକଙ୍କ ମତବାଦ ଗୁଡିକ ବିପରୀତମୁଖୀ ଚେତନାରେ ମଣିଷଙ୍କୁ ବିତରଣ କରି ବ୍ୟବସାୟୀକ ଢାଞ୍ଚାରେ ବ୍ୟବହାର କରୁଛନ୍ତି ଗୈରିକ ବସ୍ତ୍ରଧାରୀ ଅସତ୍ ଭ୍ରଷ୍ଟାଚାରୀ । ମାନବିକ ଚେତନା ଜ୍ଞାନ ବିତରଣ ତ ବହୁତ ଦୂର, ତା'ର ମହତ୍ୱ କାହାକୁ ବୁଝୁ ନାହିଁ ଆଜି ସମୟରେ । ବିଜ୍ଞାନକୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ କବଳିତ କରି ସାରା ସଂସାରକୁ ପ୍ରତାରିତ କରିବାରେ ବ୍ୟସ୍ତ । ଚତୁର ବ୍ୟବସାୟୀ ସମ୍ପୂର୍ଣ୍ଣ ଅଜ୍ଞାନ ଅଟନ୍ତି । ସେମାନଙ୍କ ଜ୍ଞାନଶୂନ୍ୟ ଚତୁରତାକୁ ଅସତ୍ ବ୍ୟବହାର କରି ନିଜେ ଟଙ୍କା ପଛରେ ଦୌଡିବା ସହିତ ସମଗ୍ର ସଂସାରକୁ ଟଙ୍କା ହିଁ କେବଳ କରି ଯାହା ସବୁ ପ୍ରଚାର, ପ୍ରସାର କରୁଛନ୍ତି ସେସବୁ ସମ୍ପୂର୍ଣ୍ଣ ମିଥ୍ୟା । ଅପ୍ରାକୃତିକ ମନୁଷ୍ୟକୃତ ଟଙ୍କାକୁ ମାନବ ସମ୍ବଳ ବିକାଶର ମୁଖ୍ୟ ଧାରା ଭାବେ ପ୍ରଦର୍ଶିତ ସେମାନଙ୍କ ମିଥ୍ୟା ବଚନ ମଣିଷକୁ ଅମଣିଷ କରି ଅହରହ ଅଶାନ୍ତିରେ ରଖିଛି ସର୍ବତ୍ର । ନୂତନ ବୈଜ୍ଞାନିକ ସୃଷ୍ଟି ହେବା, ବୈଜ୍ଞାନିକ ଆବିଷ୍କାର କିମ୍ବା ଉଦ୍ଭାବନ ଆଉ ହେଉନାହିଁ । କାରଣ, ଟଙ୍କା ମଣିଷ ଜୀବନର ସବୁକିଛି ପଲିଟି ଯାଇଛି, ଯଦ୍ଦ୍ୱାରା ଅନ୍ତର୍ଜ୍ଞାନୀ ଆଉ ସୃଷ୍ଟି ନହୋଇ ଟଙ୍କାରେ ପରିଚାଳିତ ଶିକ୍ଷାଧାରୀ ଉତ୍ପର୍ଣ୍ଣ ହୋଇ ସେହି ପୁରାତନ ବିଜ୍ଞାନର ଜ୍ଞାନ କୌଶଳ ଗୁଡିକୁ ରୂପାନ୍ତରିତ କରି କେବଳ ଟଙ୍କା ଉପାର୍ଜନ କରିବାରେ ବ୍ୟସ୍ତ ସମଗ୍ର ବିଶ୍ୱବାସୀ । ଦେଶ ଶାସନ, ପ୍ରଶାସନରେ ମଧ୍ୟ ବ୍ୟପାରୀଙ୍କ ହସ୍ତକ୍ଷେପ ଯାହା କେବଳ ଟଙ୍କାରେ ହିଁ ପ୍ରତ୍ୟେକ ମୁହୂର୍ତ୍ତ, ପ୍ରତ୍ୟେକ ଜିନିଷକୁ ପରିଚାଳିତ କରାଯାଉଥିବା ଆଜିର ସାମାଜିକ ସ୍ଥିତି ସମ୍ପୂର୍ଣ୍ଣ ବିପଦମୁଖୀ ଅବସ୍ଥାରେ ବିଶ୍ୱବ୍ୟାପୀ । ଅଜ୍ଞାନ ଚତୁର ବ୍ୟପାରୀଙ୍କୁ ରାଷ୍ଟ୍ର ଭାର ଟେକିଦେଲେ ସେମାନେ ଲୋକଙ୍କୁ ଜ୍ଞାନର ପଥ ପରିବର୍ତ୍ତେ କେବଳ ଟଙ୍କାର ବିଭୀଷିକା ମଧ୍ୟରେ ପେଷି ନିକ୍ଷେପିତ କରିବାରେ ବ୍ୟସ୍ତ ଯାହା ସାଧାରଣ ମଣିଷ ଆଦୌ ବୁଝି ପାରୁନାହାନ୍ତି ! ଜୀବନର ଦୁଖଦଃ କରାଳତାକୁ କେବଳ ଟଙ୍କାରେ ତଉଲି ନିଜସ୍ୱ ଜୀବନର ମାନବିକ ମୂଲ୍ୟବୋଧ କରି ପାରୁନାହାନ୍ତି ସାଧାରଣ ମଣିଷ । ଦୁର୍ଲ୍ଲଭ ମନୁଷ୍ୟ ଜୀବନକୁ ପ୍ରାକୃତିକ ଭାବେ ଉପଭୋଗ କରିବାର ସୁଯୋଗ ନାହିଁ ଆଜିର ଏହି ଟଙ୍କା ମାୟା ସମାଜରେ । ପ୍ରତ୍ୟେକ ସମୟରେ ମଣିଷ ମନରେ କେବଳ ଟଙ୍କାର ସାୟା । ଜୀବନବୋଧତାର ମୂଲ୍ୟ କେବଳ ଗୋଟିଏ ଜଡ଼ ପଦାର୍ଥ ହୋଇ ରହିଯାଇଛି ମଣିଷ ମନରେ ! ଏମିତିକି ଏହି ଜନ୍ମର ଅର୍ଜିତ ଟଙ୍କାକୁ ପର ଜନ୍ମରେ ଉପଭୋଗ କରିବାର ସ୍ୱପ୍ନ ଦେଖାଇ ମଣିଷକୁ ଏମିତି ଅସନ୍ତୁଳିତ କରି ରଖିଛନ୍ତି ବ୍ୟବସାୟୀ ଏବଂ ବ୍ୟପାରୀ ରାଜନୈତିକ ମଣିଷ ଗୁଡିକ ଯାହା ସମୀକ୍ଷା କରିବା ପାଇଁ ସମୟ ନାହିଁ କାହା ପାଖରେ । ଆଉ ଅଜ୍ଞାନଙ୍କ କଥା ତ ବହୁ ଦୂରରେ ! ହେଲେ ଉପସ୍ଥିତ ସମୟର ବିଭିନ୍ନ ସ୍ତରରେ ନିୟୋଜିତ ଚତୁର ମିଥ୍ୟାବାଦୀଙ୍କ ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଗୁଡିକୁ ଅନୁକରଣ, ଅନୁସରଣ କରି ପ୍ରତାରିତ ସାଧାରଣ ମଣିଷଙ୍କ ଗତି କେଉଁ ଆଡକୁ ଯାଉଛି ବିଚାର କରି ଦେଖିବା...।

କହିବାକୁ ଗଲେ ୯୯.୯୯ ଶତକଡା ମଣିଷ କେବଳ ଟଙ୍କା ପଛରେ ଦୌଡ଼ ଲଗାଇ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ କେବଳ ଟଙ୍କାରେ ତଉଲି ବଂଚୁଥିବା ଦେଖିବାକୁ ମିଳୁଛି ସବୁଠାରେ ! ସବୁ ମଣିଷଙ୍କ ଅନ୍ତର୍ଭାବ କେବଳ ଟଙ୍କା ଏକତ୍ରିତ କରି ନିଜର ସମ୍ପତ୍ତି ବୃଦ୍ଧି କରିବା ଦିଗରେ ପରିଚାଳିତ ମାୟାର ଆଦି ଅନ୍ତ ବୁଝନ୍ତି ନାହିଁ ସେମାନେ । ଟଙ୍କାର ମୂଲ୍ୟାୟନ ଏବଂ ପରିମାପକ ବିଷୟରେ ବିଷଦ୍ କଣ କିଂଚିତ୍ ଜ୍ଞାନ ମଧ୍ୟ ନାହିଁ କାହାର ! ତେଣୁ ଏକ ଅଲୌକିକ ମାୟା ପଛରେ ପଡି ସବୁ ମଣିଷ ନିଜ ଜୀବନକୁ ନିଜ ହାତରେ ଜଳାଞ୍ଜଳି ଦେବାରେ ଟିକେହେଲେ ଦ୍ୱିଧା ଅନୁଭବ କରୁନଥିବା ଅତ୍ୟନ୍ତ ପରିତାପର ବିଷୟ ଆଜି ସମୟର। ଏହି ମାୟାର ମୁଖ୍ୟ ପୁରୋଧା ଏବଂ ପରିଚାଳକ ବ୍ୟବସାୟୀ ମାନେ। ଏବଂ ସେମାନଙ୍କ ମାୟାକୁ ସମାଜରେ ବିତରଣ କରିବା ଶାସନ ପ୍ରଶାସନ ଭାରାକ୍ରାନ୍ତ ମଣିଷ ଗୁଡିକ ସେମାନଙ୍କ ମୁଖ୍ୟ ମାଧ୍ୟମ ରୂପେ କାର୍ଯ୍ୟ କରିଥା'ନ୍ତି ସମାଜରେ । ସେମାନଙ୍କ ଚତୁରତାକୁ ଚରିତାର୍ଥ କରିବା ପାଇଁ ବିଭିନ୍ନ ଉପାୟରେ ସରକାରୀ କଳ ସହିତ ସଲାସୁତୁରା କରି ସମାଜରେ ଅଜ୍ଞାନତା ବାଣ୍ଟିଥା'ନ୍ତି ଅଜ୍ଞ ଚତୁର ବ୍ୟବସାୟୀ। ଆଉ ସେସବୁ ପରୋକ୍ଷରେ ସରକାରୀ କାଳର ଅନୁମୋଦନରେ ସାଧାରଣ ଲୋକଙ୍କ ପାଖରେ ପହଂଚି ଥାଏ। ସେଗୁଡିକୁ ତ୍ୱରାନ୍ୱିତ କରିବାରେ ଅଜ୍ଞାନ ଶିକ୍ଷିତ ପ୍ରଶାସନିକ ଅଧିକାରୀ ଦଳ କ୍ଷେତ୍ର ପ୍ରସ୍ତୁତ କରି ବିତରଣ କରାଯାଇଥାଏ ଲୋକଙ୍କ ମଧ୍ୟରେ । ସାଧାରଣ ଲୋକେ ଏତେ ନିରୀହ, ନିର୍ବୋଧ ଯେ ସେମାନଙ୍କ ଦ୍ୱାରା ପ୍ରେରିତ, ପ୍ରଚାରିତ, ପ୍ରସାରିତ ସମସ୍ତ ମିଥ୍ୟା କୁହେଳିକା ଗୁଡିକୁ ଅତ୍ୟନ୍ତ ଆନନ୍ଦର ସହିତ ଗ୍ରହଣ କରି ନିଜକୁ ପ୍ରତାରିତ କରି ଲାଗି ପଡ଼ିଥା'ନ୍ତି ସେମାନଙ୍କୁ ସେବା ଯୋଗାଇ ଦେବାରେ ପରୋକ୍ଷରେ। ସେମାନଙ୍କ ବିପରୀତ ମୁଖି ପ୍ରବଚନ ଗୁଡିକ ପ୍ରତ୍ୟେକ୍ଷରେ ସାଧାରଣ ଲୋକଙ୍କୁ ଆନନ୍ଦ ପ୍ରଦାନ କରୁଥିବା ବେଳେ ପରୋକ୍ଷରେ ପ୍ରତାରିତ କରୁଥିବା ଅତ୍ୟନ୍ତ ଦୁଃଖର ବିଷୟ ବୁଝି ପାରନ୍ତି ନାହିଁ ସେମାନେ । ବାସ୍ତବ, ପ୍ରାକୃତିକ ସାରଂଚନା ଏବଂ ମନୁଷ୍ୟକୃତ ଅପ୍ରାକୃତିକ କରାଳତାର ବିଭୀଷିକା ମଧ୍ୟରେ ନିଜକୁ ନିକ୍ଷେପିତ କରି ମଣିଷ ନିଜର ଜୀବନକୁ କେମିତି ନଷ୍ଟ କରୁଛନ୍ତି ଆଜି ସମୟରେ ବିଚାର କରିବା...।

ଯିଏ ଯାହା ଲେଖିଲା, କହିଲା ସେସବୁ ଗୁଡିକୁ ନିର୍ଦ୍ୱନ୍ଦରେ ବିଶ୍ୱାସ କରି ନିଜ ଜୀବନ ସହିତ ଯୋଡ଼ିଦେଇ ବଂଚିବା ଶିଖିଥା'ନ୍ତି ନିରୀହ, ନିର୍ବୋଧ ସାଧାରଣ ମଣିଷ । ସାଧାରଣ ଅଜ୍ଞାନ ମଣିଷଙ୍କ ନିର୍ବୋଧତାର ସୁଯୋଗ ନେଇ ହାତଗଣତି କିଛି ଚତୁର କେଳେଙ୍କାରୀ ବିଜ୍ଞାନ ଏବଂ ଦର୍ଶନକୁ ବିକୃତ, ବିଭସ୍ତ କରି ବିପରୀତମୁଖୀ ଭୟାନକ ଚେତନା ପ୍ରେରଣ କରିଥା'ନ୍ତି ସମାଜରେ ଯାହା ସେମାନଙ୍କୁ ଯଥେଷ୍ଟ ସ୍ୱାର୍ଥ ହାସଲ କରିବାରେ ସାହାଯ୍ୟ କରିଥାଏ। ସାଧାରଣ ନିରୀହ, ନିର୍ବୋଧ ସେହି ପ୍ରତାରଣାପୂର୍ଣ୍ଣ ବିପରୀତମୁଖୀ ବାର୍ତ୍ତାକୁ ବୁଝିବାରେ ଅସମର୍ଥ ରହି ସେମାନଙ୍କ ମିଥ୍ୟା ଅଲୌକିକ ପ୍ରବଚନ ଗୁଡିକୁ ସତ୍ୟ ବୋଲି ବିଚାରି ନିଜ ଜୀବନ ଧାରଣ ଶୈଳୀ ସହିତ ସମାନ୍ତରାଳ କରି ପରୋକ୍ଷରେ ପ୍ରତାରିତ ହୋଇଥା'ନ୍ତି ଜୀବନର ସବୁ ମୁହୁର୍ତ୍ତରେ। ଏହା ଆଜି କାଲିର ବିଷୟ ନୁହେଁ ବରଂ ଯୁଗ ଯୁଗର ବିଭୀଷିକା ଯାହା କେବଳ ଆମ ଦେଶ ନୁହେଁ ବରଂ ବିଶ୍ୱ ବ୍ୟାପି ସମସ୍ୟା। ଟଙ୍କା ଆସେ କୋଉଠୁ, ଟଙ୍କାର ସୃଷ୍ଟିକର୍ତ୍ତା କିଏ କାହାକୁ ଜଣାନଥିବା ବେଳେ ସେହି ଚତୁର ଗୋଷ୍ଠୀ ସେସବୁ ଜାଣି ଟଙ୍କାର ଉତ୍ପାଦାନକାରୀଙ୍କୁ ହିଁ ପ୍ରତାରିତ କରି ସେମାନଙ୍କ ଠାରୁ ପ୍ରତ୍ୟେକ୍ଷ ସମର୍ଥନ ହାସଲ ପୂର୍ବକ ପରୋକ୍ଷରେ ଲୁଟୁଥିବା ତାଙ୍କର ମହତ୍ୱ ବୁଝନ୍ତି ନାହିଁ ଯେଉଁମାନେ ତାକୁ ପ୍ରସ୍ତୁତ କରନ୍ତି। କି ଆଶ୍ଚର୍ଯ୍ୟ ଆମ ଦେଶ ଲୋକଙ୍କ ବିଚାର ଯେ ଯିଏ ଆମକୁ ବଂଚିବାର ସୁଯୋଗ ଦେଉଛନ୍ତି ସେମାନେହିଁ ଆଜି ଆମ ସମାଜର ସବୁଠାରୁ ତଳ ସ୍ତରରେ ଅଛନ୍ତି ! ଆଉ ସେମାନଙ୍କୁ ଯିଏ ଲୁଟି ନିଜର କୋଷ ବୃଦ୍ଧି କରିବାରେ ସମର୍ଥ ହେଉଛନ୍ତି ସେମାନଙ୍କ ସାମାଜିକ ମାନ୍ୟତା ଶୀର୍ଷରେ ! ଏହି ବିଚାରର ମୂଳ ପୁରୋଧା ଅଟନ୍ତି ଅଜ୍ଞାନ ଶିକ୍ଷିତ ଗୋଷ୍ଠୀ ଯାହାଙ୍କୁ ଏହି ତଳୁ ଉପରର ପାର୍ଥକ୍ୟ ସମୀକ୍ଷା କରିବା ଜ୍ଞାନ ଆଦୌ ନାହିଁ। ଆଉ ସେହି ଅଜ୍ଞାନ ଶିକ୍ଷିତଙ୍କୁ ନେଇ ଚତୁର କେଳେଙ୍କାରୀ ଦଳ ସମାଜରେ ଏମିତି ବିପରୀତମୁଖି ଅଜ୍ଞାନ ବିଭୀଷିକା ବିତରଣ କରୁଛନ୍ତି ଯାହାର ପୀଡିତ ହୋଇଥା'ନ୍ତି ସମଗ୍ର ସାଧାରଣ ମଣିଷ ସମାଜ। ସେମାନଙ୍କୁ ବୁଝାଇବ କିଏ ଏବଂ ସେମାନେ ଶୁଣିବେ କାହାକୁ... ?

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ ।*
*ଦୂରଭାଷ.: ୯୪୩୭୩୨୪୯୧୭*

## ଧାରାବାହିକ ଉପନ୍ୟାସ

## ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨୯





*(ପୂର୍ବପ୍ରକାଶ ଉତ୍ତାରୁ)*

ଅନ୍ୟର ସୁଖ ଦୁଃଖରେ କେମିତି ଏମାନେ ହସନ୍ତି ଓ କାନ୍ଦନ୍ତି ? ସେମାନଙ୍କ ଭିତରେ ଏମିତି କି ବନ୍ଧନ ଥାଏ ଯେ ! ବିବାହ ପୂର୍ବରୁ କିଛି ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ ବୋଧେ ? ବିନା ସ୍ୱାର୍ଥରେ ଏମାନେ କିପରି ସେ ଭୂମିକା ତୁଲାଇ ପାରନ୍ତି ନିର୍ବିଘ୍ନରେ ?

ବାପା ମାଆଙ୍କ ଭିତରେ ବି ଖୁବ୍ କମ୍ ଭେଟ ହୁଏ। ମାଆ ତାଙ୍କ ସମାଜ ସେବା ଓ କିଟିପାର୍ଟି ଭିତରେ..ଆଉ ବାପା ତାଙ୍କ ବିଜିନେସ୍ ମିଟିଙ୍ଗ୍ ଭିତରେ। ସେଥିପାଇଁ ସେମାନଙ୍କର ଯେବେ ଭେଟ ହୁଏ, କେବଳ ଗୋଟେ ବାଘ ଓ ସିଂହ ଭଳି। ପରସ୍ପର ପରସ୍ପରକୁ ଦେଖିଲା ମାତ୍ରକେ ଆରମ୍ଭ ହୋଇଯାଏ ହେଷ୍ଟାଳ, ଗର୍ଜନ, ଜଣେ ଅନ୍ୟଜଣକ ଉପରକୁ ଲମ୍ଫପ୍ରଦାନ କରିବାର ବିକଟ ଶବ୍ଦ..ମନିଷା ତା ଭିତରେ ଖୁବ୍ ଡରିଯାଏ। ମୁହଁ ଉପରକୁ କମ୍ବଳ ଟାଣିଦେଇ ବାହାରକୁ ଜୁଳୁଜୁଳୁ କରି ଚାହେଁ। ସେ ଜାଣେ ସେମାନେ ଥକିପଡିଲେ ସେସବୁ ଭୟ ସୃଷ୍ଟିକାରୀ ଶବ୍ଦମାନ ବି ଆପେ ବନ୍ଦ ହୋଇଯିବ।

ତାପରେ ସେହି ଚିରାଚରିତ ଖାଁ ଖାଁ ଶବ୍ଦ..କାନର ଶିରାପ୍ରଶିରା ଟନ୍ ଟନ୍ କରନ୍ତି। କିଏ ଜିତିଲା ଓ କିଏ ହାରିଲା ଜାଣିବାର ଅବକାଶ ଜୁଟି ନାହିଁ ଆଜିଯାଏଁ। ହେଲେ ସେ ଡରିଛି ଓ ଭୟରେ ତା ତଣ୍ଟି ଶୁଖି ଅଠା ହୋଇଯାଇଛି। ଏମାନେ ଏମିତି ପଶୁମାନଙ୍କ ପରି କାହିଁକି ହୁଅନ୍ତି,ସେ ପ୍ରଶ୍ନର ଉତ୍ତର ମିଳେ ନାହିଁ କେବେ। ମନିଷା ଓବେରୟକୁ ଆଜିକାଲି ଘର ଭଲ ଲାଗୁନାହିଁ ବୋଲି ହୋଟେଲରେ ପାର୍ଟି କରୁଛି। ଅବଶ୍ୟ ସେଠି ଅବାଧ କାରବାର..ନିଶା,ସବୁ ପ୍ରକାରର ଅନୈତିକ ସୁଖ ସୁବିଧା ସବୁ କିଛି ଉପଲବ୍ଧ। କିଛି ଜିନିଷମାନଙ୍କ ପାଇଁ ଘରଟା ନିଷିଦ୍ଧାଂଚଳ ପାଲଟିଯାଏ। ସେଥିପାଇଁ ଆଜିକାଲି ହୋଟେଲ୍ ହିଁ ନିରାପଦ ଯାଗା। ରାତିସାରା ନିଶାସକ୍ତ ମନିଷା ଓବେରୟ ଆଲୁଳାୟିତ ଭଙ୍ଗୀରେ ପଡିଥାଏ ବିକ୍ଷିପ୍ତ ଶେଯରେ କେଉଁ ଭାଗ୍ୟବାନ୍ ବନ୍ଧୁ ସହିତ। କେତେବେଳେ ଅର୍ଦ୍ଧନଗ୍ନ ହୋଇ ତ ଆଉ କେବେକେବେ ..। ସକାଳ ହେବା ମାତ୍ରକେ ସେ ପାଲଟିଯାଏ ଜଣେ ସାଧାରଣ ଝିଅ..!

ନିଜ ବେଶଭୂଷାକୁ ସଂଯତ କରିନିଏ ସେ ଆଖି ପିଛୁଳାକେ। କିଛି ବାହାନାକରି ସେ ଘରୁ ମୁକୁଳିଆସେ ସେହି ଖ୍ୟାତାନାମା ରଙ୍ଗମହଲକୁ। ରାତିହେଲେ ମନିଷା ଓବେରୟର ବେଡ୍ ପାର୍ଟନର୍ ବଦଳିଯାଆନ୍ତି। ରାତିର ତୃପ୍ତି ତାର ମନଲାଖି ନହେଲେ ଦାମ୍ ବି ଭଲ ଦିଏନି। ଆଜିକାଲି ଅନ୍ୟମାନଙ୍କ ସହିତ ରାତି ବିତାଇବା ତାର ପ୍ରଖର ନିଶା ପାଲଟି ଯାଇଛି। ସେ ପାଲଟିଯାଇଛି ରାତିର ରାଣୀ..!

ମନିଷା ଓବେରୟ ପାଇଁ ପୋଷାକ ପରି ପୁରୁଷ ବଦଳିଯାଇଛି। ପ୍ରତିଦିନର ଖାଦ୍ୟପେୟ ପରି ବିଛଣାରେ ବି ନୂତନ ପରିବେଷଣ ! ଆଉ ସେହି ଅବ୍ୟବସ୍ଥିତ ଜୀବନଟିଏ ଭିତରେ ସେ ହଜି ଯାଉଛି ଗୋଟାପଣେ। ସେ ଦିନକୁ ଦିନ ପଙ୍କ ଭିତରେ ବୁଡିବାକୁ ବସିଛି। ତଥାପି ସେ ଜୀବନକୁ ତା ଦୃଷ୍ଟିଭଙ୍ଗୀ ଅନୁସାରେ ଜୀଇଁବାକୁ ଚାହେଁ। ସେଭଳି ଜୀବନଯାପନ ପ୍ରଣାଳୀକୁ ସେ ଛାଡି ବଂଚିପାରିବ ନାହିଁ। ତା ଚାରିପଟେ ଆଜିକାଲି ଭିନ୍ନଭିନ୍ନ ଧରଣର ଗୁଞ୍ଜରଣ..କେବେ ତାକୁ ପ୍ରଭାବିତ କରିବାକୁ ତ ପୁଣି କେବେ ବିଭ୍ରାନ୍ତ କରିବାକୁ! ଅଥଚ ମନିଷାର ଖୁବ୍ ଧୈର୍ଯ୍ୟ..ସେ ଜାଣେ ଭଲଭାବରେ- କୁଛ୍ ତୋ ଲୋଗ୍ କହେଙ୍ଗେ, ଲୋଗୋଁ କା କାମ ହେ କହେନା। ଲୋକମାନଙ୍କ କଥାରେ ସେ କଣ ନିଜଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇଦେବ ? ନିଜର ରୁଚି ଭୁଲିଯିବ ? ନା ତା କେବେ ସେ କରି ପାରେନା। ସେ ଜୀଇଁବ..ନିଜ ମୁତାବକ,ନିଜ ପାଇଁ ଏବଂ ନିଜ ସହିତ। କୌଣସି ପରିସ୍ଥିତିରେ ସେ ଦୁର୍ବଳ ପଡିବ ନାହିଁ। ନା କେବେ ନୁହେଁ।

ମନେପଡେ କଲେଜ ଜୀବନ ! ଯେଉଁଠି ପ୍ରଥମ କରି ସେ ବିପର୍ଯ୍ୟସ୍ତ କରିଛି ନିଜକୁ। ପ୍ରଥମ କରି ଶିଉଳିଭରା ରାସ୍ତାରେ ସେ ଖସିଛି..ଆଉ ଖସିଚାଲିଛି ଏଯାଏଁ। ସେତେବେଳଠାରୁ ଗୋଟେ ଅବଶୋଷ ମନତଳେ..! ସମସ୍ତଙ୍କୁ ସେ ସିନା ଆକର୍ଷଣରେ ବାନ୍ଧି ପାରିଛି ହେଲେ ସେହି ସେ ଶାନ୍ତଶିଷ୍ଟ, ଚୁପଚାପ୍ ଓ ସୁନ୍ଦର ପୁଅଟି..? ସେ କିନ୍ତୁ ତାକୁ କେବେ ବି ନିଜର କରୁନି । ଓଲଟି ତାଠାରୁ ବାଟଭାଙ୍ଗି ଚାଲିଯାଉଛି। ଖୁବ୍ ବେପରୁଆ, ଗର୍ବୀ ଓ ଶୃଂଖଳିତ ହେଲେ ବି ସୁନ୍ଦରୀ ନାରୀ ପ୍ରତି ତାର କଣ ଆକର୍ଷଣ ନାହିଁ ? ଏପରି ପୁଅ କଣ ଥାଇପାରନ୍ତି ସଂସାରରେ..ଯାହାକୁ ଇପ୍ସିତ ନାରୀର ଆଖି, ଓଠ, ବକ୍ଷୋଜ, ନିତମ୍ବ ଓ ସର୍ବୋପରି ତାର ଆପାଦମସ୍ତକ କେବେ ବି କବଳିତ କରିନାହାନ୍ତି ? ତା ଦେହର ବାସ୍ନାରେ ପୁରୁଷଟିଏ କଣ କେବେ ବି ଅଧୀର ହୋଇନି ? ମନର ନିଭୃତ କୋଣରେ ସେ ତାକୁ ଉଲଗ୍ନ କରି ଧର୍ଷଣ କରିନି ? କଳ୍ପନା ରାଜ୍ୟରେ ତାକୁ ବିକ୍ଷିପ୍ତ କରିନି କିମ୍ବା ତା ଦେହକୁ ମନଭରି ଉପଭୋଗ କରିନି ?

*(କ୍ରମଶଃ)*

## ଗଛ ନୁହେଁ ପଛ

**ଅମରନାଥ ବାରିକ୍**

ରାଧୁଆ ଅଜା ଆଉ ବିମଳା ଆଈ ଦୁଇ ଜଣ ଭାରି ଭଲ ଲୋକ। ତାଙ୍କର କୌଣସି କଥାରେ ଅଭାବ ନଥିଲା। ପିଲାମାନେ ସମସ୍ତେ ପଢ଼ା ସାରି ବିଦେଶରେ ରହୁଥିଲେ ସତ କିନ୍ତୁ ରାଧୁଆ ଅଜା ବିମଳା ଆଈ ଗାଆଁରେ ରହିବାକୁ ବହୁତ ଭଲ ପାଉଥିଲେ। କାରଣ ସହରର କୋଳାହଳ ଚାକଚକ୍ୟ ବାତାବରଣ ତାଙ୍କୁ ଜମାରୁ ଭଲଲାଗେ ନାହିଁ। ସବୁଆଡେ କଂକ୍ରିଟ୍ ଭୂଜଙ୍ଗଲ, ସବୁଜ ପରିବେଶ ତ ଛାଡ଼ ! ସେଠାରେ ଖାଲି ବାୟୁ ପ୍ରଦୂଷଣ। ଯାନବାହାନରେ ରାସ୍ତା ଘାଟ କମ୍ପି ଉଠେ। ତଟକା ପନିପରିବା ମିଳିବା ବହୁ କଷ୍ଟ। କେବଳ ଦେଖା ସୁନ୍ଦର ସ୍ୱାଦୁଯୁକ୍ତ ନୁହେଁ। ଭାଇଚାରା ବୋଲି ସେଠି କିଛି ଦେଖିବାକୁ ମିଳେ ନାହିଁ। ନଦୀ ହ୍ରଦ ତ ସବୁ ସପନ ହୋଇଥାଏ। ତା ଛଡ଼ା ଆମ ରାଇଜ, ସୁନ୍ଦର ସବୁଜ ପରିବେଶ, ମନ୍ଦିର, ନଦୀ, ନାଳ, ଗାଡ଼ିଆ, ପୋଖରୀ, ପାହାଡ଼, ପର୍ବତ, ବନଲତା, ଫୁଲ, ଫଳ, ପାଣି, ପବନ, ଝରଣା, ବାର ମାସରେ ତେର ପର୍ବ ପର୍ବାଣୀ ଓ ମଧୁର ଆମ ଭାଷା ଠାରୁ କିଏ ବା ସରି ହୋଇପାରେ !!

ରାଧୁଆ ଅଜା ଓ ବିମଳା ଆଈଙ୍କୁ ସବୁଠାରୁ ଭଲ ଲାଗେ ବାଡ଼ି ବଗିଚାରେ ବୃକ୍ଷ ରୋପଣ କରି ତା' ର ଯତ୍ନ ନେବା ପାଇଁ। ନଡ଼ିଆ, ପିଜୁଳି, କମଳା, ଆମ୍ବ ପଣସ, ଡାଳିମ୍ବ, ଶାଳ, ସାଗୁଆନ, ଗେଣ୍ଡୁ, ମନ୍ଦାର, ଟଗର ଆଦି ଗଛ ଲଗାଇ ସଞ୍ଜ ସକାଳେ ପାଣି ଦେବା, ମାଟି କୋଡ଼ିବା, ଏମିତି ବିଭିନ୍ନ କାମ କରନ୍ତି। ଖାଇ ସାରିବା ପରେ ଟିକେ ବଗିଚା ଆଡୁ ବୁଲା ବୁଲି କରି ଆସନ୍ତି।

ଦିନେ ପଡିଶା ଘରୁ ନଟିଆ ତା'ର ସାଙ୍ଗମାନଙ୍କୁ ଧରି ରାଧୁଆ ଅଜାଙ୍କ ବଗିଚାକୁ ପିଜୁଳି ଖାଇବା ପାଇଁ ବାହାରିଲା। ନଟିଆ ଆଉ ତା'ର କିଛି ସାଥୀ ଠିକ୍ ଉଦୁଉଦିଆ ଖରାବେଳେ ଯାଇ ତାଙ୍କ ବଗିଚାରେ ପହଞ୍ଚି ଗଲେ। ବାଡ଼ ଭାଙ୍ଗି ବଗିଚା ଭିତରକୁ ପଶିଲେ। କିଛି ପିଲା ତଳେ ରହିଲେ ତ କିଛି ପିଲା ପିଜୁଳି ଗଛ ଡାଳକୁ ଚଢ଼ିଲେ। ଯାହା ପିଜୁଳି ନ ତୋଳିଲେ ତା ଠାରୁ ଅଧିକ ଗଛଡାଳ ଭଙ୍ଗାଭଙ୍ଗି କରି ଦଳି ଚକଟି ପକାଇଲେ। ମାଙ୍କଡ଼ ପରି ଡିଆଁ ଡେଇଁ ହୋଇ ଖେଳ କୁଦ କରି ପୁରା ବଗିଚାଟାକୁ ସର୍ବନାଶ କରିପକାଇଲେ।

ଡାଳ ଭାଙ୍ଗିବାର ଶବ୍ଦ ଶୁଣି ଭିତରୁ ରାଧୁଆ ଅଜା ଧାଇଁ ଆସିଲେ। କହିଲେ 'ଆରେ ଦୃଷ୍ଟ ପିଲା, ଏତେ ସୁନ୍ଦର ଗଛ ଗୁଡିକ ଭାଙ୍ଗି ପକାଇଲ ? ତୁମେମାନେ ଇଏ କ'ଣ କଲ ? ଏବେ ମୋ ପାଖକୁ ଆସ, ମୁଁ ତୁମକୁ ପର୍ଯ୍ୟାବରଣ ବିଷୟରେ କିଛି କହିବି। ଗଛ ହେଉଛି ଆମର ଜୀବନ। ଗଛ ନଥିଲେ ଆମେମାନେ ବଞ୍ଚି ପାରିବା ନାହିଁ। କାରଣ ଗଛ ଆମକୁ ଖାଦ୍ୟ, ଫୁଲ, ଫଳ, ଝୁଣା, ଲାଖ, ଜାଳେଣି କାଠ, ଘରୋଇ ଉପକରଣ ଏମିତିକି ବହୁତ କିଛି ଯୋଗାଇ ଥାଏ। ଖରାରୁ ରକ୍ଷା ପାଇବା ପାଇଁ ଛାଇ ଦେଇଥାଏ। ଆଉ ସବୁଠାରୁ ମୁଖ୍ୟ କଥା ହେଲା ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ ଦେଇଥାଏ । ଗଛ ନଥିଲେ ବାୟୁ ମଣ୍ଡଳ ଦୂଷିତ ହୋଇଯାଏ , ବର୍ଷା ହୁଏ ନାହିଁ। ଯଦି ଆମେ ଗଛର ଯତ୍ନ ନେବା ତାହାଲେ ସେ ଆମକୁ ସୁସ୍ଥ ଭାବରେ ରହିବା ପାଇଁ ସାହାଯ୍ୟ କରିବ ଏବଂ ଆମେମାନେ ଖୁସିରେ ଜୀବନ ଯାପନ କରିବା।' ରାଧୁଆ ଅଜା ବୁଝାଇ ଦେଲେ କି ଯତ୍ନ କଲେ ରତ୍ନ ମିଳେ। ପିଲା ମାନେ କ୍ଷମା ମାଗିଲେ। ଅଜା କହିଲେ, ତୁମ ମାନଙ୍କୁ ଗୋଟିଏ ସର୍ତ୍ତରେ କ୍ଷମା ଦେବି। ଆଜି ଠାରୁ: ଗଛ ଆଉ କାଟିବ ନାହିଁ। ଗଛର ଯତ୍ନ ନେବ। ନିୟମିତ ଭାବରେ ବୃକ୍ଷ ରୋପଣ କରିବ। ଗଛ କାଟିବା ପାଇଁ ବାରଣ କରିବ।

ଏହା ଦ୍ୱାରା ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିବା। ପିଲାମାନେ ସବୁଥିରେ ରାଜି ହେଲେ। ତା ପରଠାରୁ ପିଲାମାନେ ଯେତେବେଳେ ବଗିଚାକୁ ଆସନ୍ତି ଅତି ସାବଧାନ ସହକାରେ ଫଳ ଖାଇ ଯାଆନ୍ତି। ଗଛ ଡାଳ ଭାଙ୍ଗନ୍ତି ନାହିଁ କି ଦୃଷ୍ଟାମି କରନ୍ତି ନାହିଁ। ଅଜା ଆଈ ଉଭୟେ ଏଣିକି ପିଲାମାନଙ୍କୁ ଦେଖିଲେ ଭାରି ଖୁସି ହୁଅନ୍ତି।



*କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର*
*ଓଡ଼ିଶା, ପିନ୍ ନଂ - ୭୫୫୦୧୧*
*ଦୂରଭାଷ : ୯୫୪୦୩୦୮୦୯୫*

## କବିତାର କଥା

(ଭାଗ-୯୧)



**ଉମାକାନ୍ତ ରାଉତ**



## ସେ ମାଣିକ ଏ ମାଣିକ ନୁହେଁ

ପୂର୍ବୋକ୍ତ ଦେବୀଦ୍ୱାର ଘାଟରେ ଚିତ୍ରୋତ୍ତଳିତ ହୋଇଥିବା ଶେଷଶ୍ରାବଣର ମାଣିକ କଥା ମୁଁ କହୁନାହିଁ। ମୁଁ କହୁଛି ଓଡ଼ିଆ ସାହିତ୍ୟ ସଂସ୍କୃତି ତଥା ସାମାଜିକ ପ୍ରେକ୍ଷାପଟରେ କିମ୍ବଦନ୍ତୀ ସାଜି ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ନିଜକୁ ସୈନିକ ସଜେଇ ଦେଇଥିବା ଓଡ଼ିଆଙ୍କର ଆରାଧ୍ୟ ଦେବତାଙ୍କର କାଞ୍ଚି ଅଭିଯାନକୁ ସ୍ମରଣ କରେଇ ଦେଉଥିବା ମାଣିକ ଗଉଡୁଣୀର କଥା।

ନାଆଁଟା ମନେ ପଡୁ ନଥିବା, କେହି ଜଣେ ନିଜକୁ ପ୍ରୋଗ୍ରେସିଭ୍ ବୋଲାଉଥିବା କବି ଲେଖିଥିଲେ ଯେ ମାଣିକ କୁଆଡ଼େ କଳାଘୋଡା ଧଳା ଘୋଡ଼ାରେ ଚଢ଼ି ଯାଉଥିବା ଦୁଇ କଳା ଗୋରା ଯୁବକଙ୍କୁ ଦହି ପରଶି ନଥିଲା। ସିଏ ଯାହା ପରଷି ଥିଲା ତାହା ଥିଲା ଖାଣ୍ଟି ମହୁଲି ! ମାଣିକ କୁଆଡ଼େ ଗଉଡୁଣୀ ନଥିଲା କି ଦହି ବିକୁ ନଥିଲା। ସିଏ ଥିଲା ଜଣେ ଦଳିତ ମହିଳା ଯାହାର ବେଉସା ଥିଲା ମହୁଲି ବିକିବା। ପରବର୍ତ୍ତୀ ସମୟରେ ଧର୍ମାନ୍ଧମାନେ ମାଣିକକୁ ଦହି ବିକାଳି ଓ କଳାଗୋରା ଯୁବକ ଦ୍ୱୟଙ୍କୁ ଜଗାକାଳିଆ ବୋଲି ଦର୍ଶାଇ ସାଧାରଣ ଲୋକମାନଙ୍କୁ ଧର୍ମ ଦ୍ୱାହି ଦେଇ ଭାବପ୍ରବଣତାର ଶିକାର ସଜେଇଛନ୍ତି ! (ଯେ ସବଜାନତା ମହାଶୟ ଯେମିତି ସେଠି ଠିଆ ହୋଇ ସେସବୁ ଦେଖିଥିଲେ ଓ ଫଟୋ ଉଠେଇ ରଖିଥିଲେ ! ନିହାତି ଅବାନ୍ତର ଓ ହାସ୍ୟାସ୍ପଦ କଥା)

ଉକ୍ତ ପଣ୍ଡିତ କବିଙ୍କର ତଥାକଥିତ ପ୍ରଗତିଶୀଳ କଥାକୁ ଯଦି ଗ୍ରହଣ କରି ନିଆଯାଏ, ତେବେ ବି ମୋର ପ୍ରଶ୍ନ ହେଲା - କୌଣସି ବିଯୁକ୍ତ ଭାବନା ସୃଷ୍ଟି କରୁ ନଥିବା ଅଥଚ ଯୁଗ ଯୁଗ ଧରି ଉଚ୍ଛ୍ୱାସ ଯୋଗାଉଥିବା ଗୋଟେ ମିଥ୍ ଅବା କିମ୍ବଦନ୍ତୀ (ପଛେ ହେଇଥାଉ କାଳ୍ପନିକ) ଯଦି ଗୋଟେ ଜାତିକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଲା, ତାର ମନ ମୂନ ଚୈତନକୁ ଶାନ୍ତି ଓ ସନ୍ତୋଷରେ ଭରି ଦେଲା, ତାକୁ ଅମୃତ ଆସ୍ୱାଦନର ଆହ୍ଲାଦ ଦେଲା ତେବେ ସେଥିରେ ପୋକ ପକେଇବାର କୁପ୍ରୟାସ କାହିଁକି ? ପରସା ଯାଇଥିବା ପିଠାର ସ୍ୱାଦ ଉପଭୋଗ ନକରି ତା'ର ବିନ୍ଧ ଗଣିବା ମାନସିକତା ପୋଷଣ କରିବାରେ ଯୁକ୍ତିଯୁକ୍ତତା ଓ ଉପଯୋଗିତା କ'ଣ ? ସେଇଟା କ'ଣ ପ୍ରଗତିଶୀଳ ଚିନ୍ତାଧାରା ? ତାହା କ'ଣ progressive literature ?

ମୋ' ମତରେ ସେଇଟା ଗୋଟେ ପୋକଖିଆ ଚେତନା ଓ ବିକଳାଙ୍ଗର ଭାଷା।

ଏବେ ଆସିବା ମୂଳ ପ୍ରସଙ୍ଗକୁ।

କବି ସତ୍ୟବାଦୀ ତାଙ୍କ 'ମାଣିକ' କବିତାରେ ଈଶ୍ୱରୀୟ ପ୍ରେମକୁ ମାନବୀୟତାର ଲଳିତ ଛନ୍ଦରେ ଏମିତି ସାବଲୀଳ ଢ଼ଙ୍ଗରେ ଉପସ୍ଥାପିତ କରିଛନ୍ତି ଯେ ନିର୍ଭେଜାଲ୍ ମଣିଷର ଭଲପାଇବା ଆଗରେ ହାରିଯାଉଛନ୍ତି ଈଶ୍ୱର। ନତଜାନୁ ହେଇଯାଉଛନ୍ତି ଜଗନ୍ନାଥ। ଭାବରେ ବନ୍ଦୀ ହେବା ଛଡ଼ା ଆଉ ବାଟ ନାହିଁ ତାଙ୍କର।

ଅଭିମାନର ସ୍ୱର କେତେ ଆର୍ଦ୍ର ଅଥଚ ଶକ୍ତ ହୋଇପାରେ ତାର ଜ୍ୱଳନ୍ତ ପ୍ରମାଣ 'ମାଣିକ'।

ବେଶି ନୁହେଁ, ପ୍ରଥମ ପଦରେ ତାଙ୍କ ଶବ୍ଦ ବସାଣର ବାଗକୁ ଦେଖନ୍ତୁ --

'ମୋ' ନାଁ ମାଣିକ
ମୁଁ କି ଏମିତି ସେମିତି
ମାଣିକପାଟଣା ମୋ ଗାଁ ନାଁ ନୁହେଁ
ମୋ ନାଁ ରେ ମାଣିକପାଟଣା
ହଁ, ମୋ ନାଁ ଟି ମାଣିକ।'

କଥା କହିଲା ଭଳି ସଠିକ୍ ଶବ୍ଦ ଅଥଚ ତା'ର ସାମଗ୍ରୀକ ସ୍ୱରର ଦମ୍ କେତେ ଦେଖନ୍ତୁ।

'ମୋ'ର ସ୍ୱାମୀ କହିଲେ ମୋତେ
ମାଣିକ ଲୋ ! ତୋ ନାଁ ଠୁ ତୁ ଭାରି କମଦମ
ସତ ଲୋ ! ତୁ କେଡ଼େ ନିକ
ପାଚେଲା ଧାନ କିଆରି
ହସ ତୋର ନୀଡ଼ ବାହୁଡ଼ା ବଗୁଲି ପର
ମନ ତୋର ଲୁହଠାରୁ ବେଶି ନିଚିପଡ଼।'

ନିମ୍ନ ପଂକ୍ତିର ଆବେଦନ ଛାତି ଭିତରେ ଏଭଳି ରେଖାପାତ କରିବ ଯେ ପ୍ରେମ କେମିତି ଅଭିମାନ ଓ ଅଭିଯୋଗର ଡେଣା ହୋଇ ଫିଟି ଯାଉଛି, ତା'ର ଏକ ପ୍ରତ୍ୟକ୍ଷ ଅନୁଭବ ହବ ହିଁ ହବ।

'ଧର ! ଏଇ ତମ ମୁଦି ଧର
ମୋ କଉଡ଼ି ମୋତେ ଗଣିଦିଅ
ମାଇପିଟାକୁ କି ଠକା ଠକିଲ !
ଦହି ପିଇ ତମ ଶୋଷ ମଲା
ମୁଦି ରଖି ମୋ' ଶୋଷ ବଢ଼ିବ କିଆଁ ?
ମୁଁ କିଆଁ ତିନ୍ତୁଥିବି ଉଦୁଉଦିଆ
ଚାନ୍ଦିନୀ ରାତିରେ ?
ସଂତୁଳି ହେବି ମୁଁ କିଆଁ
ସାଇତା ସ୍ମୃତିକୁ ଖୋସି ଅଣ୍ଟା କରାଟରେ ?'

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ନିଚ୍ଛକ କବିତା

## ପକ୍ଷଭୁକ୍ତ



**ସୁବ୍ରତ କୁମାର ସେନାପତି**

ଏଇନା ଶାରୀ ଛୁଆଟି
କଥାକୁହା ଆରମ୍ଭ କରିଥିବ ତ
ସେମାନେ କହିବେ
କୋକିଳର କୁହୁତାନ ଅଛି ତୋ'ଠି
ଆ ଆ ମୋ ପଞ୍ଜୁରୀ ଭିତରକୁ ଆ
ମୁଁ ଶିଖାଇଦେବି ତୋତେ
ସୁର, ଲୟ, ତାଳ।
ଗୋଟେ ମିଛ ଉଡାଣର ମୋହରେ
ଆକାଶର ବ୍ୟାପ୍ତିକୁ ଭୁଲିଯାଇ
ସେ ଏବେ ବାଛିନେବ
ସଙ୍କୁଚିତ ବଳୟଟିଏ
ଯେଉଁଠି ତାର ଭବିତବ୍ୟର
ଉପନ୍ୟାସ ଲେଖାହେବ
ସେମାନଙ୍କ କଦର୍ଯ୍ୟ ଅକ୍ଷରରେ।
ଛଡାଇ ନିଆଯିବ ତା ଠୁଁ
ସ୍ୱର, ଶବ୍ଦ, କଲମ
ଊର୍ଦ୍ଧ୍ୱ ଉଡାଣର ମୋହରେ
ଭୁଲିଯିବ ସେ ଖଣ୍ଡିଉଡ଼ା ଟିକକ।
ଏବେଏବେ ସେ ଦେଖିବ
ତା ତୁଣ୍ଡରେ ତୁଣ୍ଡି, ଡେଣାରେ ଶିକୁଳି
ଆଉ ଆଖି ଦୁଇଟା ତ ନଷ୍ଟପ୍ରାୟ;
ଅନ୍ଧ ସ୍ତାବକଟିଏ ହୋଇ
ସେ ଘୁରି ବୁଲୁଥିବ ସେଇ ଚାଟୁକାରିତାର
ପଚକିତ ଇଲାକା ଭିତରେ।
ମୌଳିକତାର ରକ୍ତରେ
ପଞ୍ଜୁରୀର କଳଙ୍କିତ ଲୁହା ଧାର
ଲାଲ ଟହଟହ ହେବା ପରେ ବି
ସେମାନେ ତାକୁ କହୁଥିବେ
ହେଇ ତ ରକ୍ତ ଗୋଲାପ ଫୁଟିଆସିଲାଣି
ତୋ ସର୍ଜନାର କୁସୁମିତ ବନରେ
ବାସ୍ନାୟିତ ହେବାକୁ ଆଉ କେତେ ବେଳ କି ?
ଆତ୍ମଗ୍ଲାନିର ତାଡନା ଭିତରେ ବି
ତାକୁ ଘୋଷା ଯାଇଥିବା
ସେଇ ଭାଷାରେ,ସେଇ ସ୍ୱରରେ
କହିବାକୁ ପଡୁଥିବ
ଏଇ ଯେ ଦେଖୁଛ
ଉପରେ ଲମ୍ବିଛି ଗୋଟେ
ନୀଳ ରଙ୍ଗର ଚାନ୍ଦୁଆ
ସେ ରଙ୍ଗର ହେତୁ ମହଣ ମହଣ ବିଷ।
ପୁଣି ସେଇ ଯେ ଦେଖୁଛ
ସେଠି ଖିଲଖିଲ ହୋଇ ହସୁଛି ସଫା ଜହ୍ନ
ସେ ହସ ଖାଲି ମୃଗତୃଷ୍ଣା
ଏ ହସରେ କି ମେଣ୍ଟାଯାଇପାରେ ଶୋଷ !
ଆସ ଆସ ମୋର ଏ ପଞ୍ଜୁରୀ ଭିତରକୁ
ଯେଉଁଠି ବିକା ହେଉଛି
ଡଜନ ଡଜନ ହସ
ସୁଲଭ ମୂଲ୍ୟରେ,ଅତି ଗୋପନରେ।
ଏକ ଜଘନ୍ୟ ହତ୍ୟାକାଣ୍ଡର ଶେଷରେ
ରକ୍ତ ସବୁକୁ ଧୋଇପୋଛି ଦେଇ
ସଜାଉଥିବ ଏବେ ଏବେ ସେ ପଞ୍ଜୁରୀ
ସୁନାର ରଙ୍ଗରେ।
ଓହ୍ଲାଇ ଆସିସାରିଥିବ
ଏ ମାୟାର ମୈଦାନକୁ
ଆପଣାଇ ନେଇ
ଏକ ନିର୍ଦ୍ଦିଷ୍ଟ ବାଦର ବାଜଣା
ଆଉ ଶିଖିସାରିଥିବ ବେଶ କରି
ଉଡିଉଡି ଯାଉଥିବା ଦଳେ ଚଢ଼େଇଙ୍କ
ଡେଣା ଛିଡାଇ ସୁଆଦିଆ
ମାଂସ ପରଷିବାର କଳ।

*ଓୟୁଏଟି, ଭୁବନେଶ୍ୱର*
*ଦୂରଭାଷ : ୯୭୭୮୯୭୨୩୯୩*

## ଆଦ୍ୟ ଯୌବନର ବାସ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଭାରିଭଲ ଲାଗେ ବଳକା ରାତିର
କାଉଁରୀ କୁହୁକର ସ୍ୱପ୍ନ ଦୋଳି
ଝାପ୍ସା ଗୋଧୂଳିର ଅସୀମ ଦିଗନ୍ତ
ଜୀବନ୍ତ ଗୋଲାପର ଫୁଲ ଶରେ ବିଦ୍ଧ ହୋଇ
ସାରାରାତି ଜଳିବାକୁ ଭାରି ଭଲଲାଗେ।
ଆକାଶ ଦେହରୁ ଖସୁଥିବା ଅମୃତର
ଜୋଛନାରେ ଭିଜିଭିଜି ଆଙ୍କିବାକୁ ଛବି,
ଜୀବନର ବଗିଚାରେ ଅଚାନକ ଅଗୋଚରେ
ଶୁନଶାନ୍ ରାତିରେ ସୁନେଲି ସକାଳର ସ୍ୱପ୍ନ,
ଆବେଗର ମୁଗ୍ଧ ଅନୁରାଗ ଭାରିଭଲ ଲାଗେ।
ବୟସର ତନୁ ତିର୍ଥେ ଅଜଣା ମୌସୁମୀ ଦେହେ
ଚାରିଆଡ଼େ ଲୋଟିଅଛି ଫୁଲର ସହର
ଶୂନ୍ୟରୁ ଶୂନ୍ୟତାର ଭିନ୍ନ ଏକ ଆକାଶ
ନିସର୍ଗ କାମନା ସ୍ୱତଃ ସ୍ପୃହ ସୃଷ୍ଟି ହୁଏ
ରଜନୀ ର ଅନ୍ଧାରରେ ଲୁଚି ଲୁଚି ହଜିବାକୁ
ଭାରିଭଲ ଲାଗେ......।
ସପନର ନଈଧାରେ
ଶିରା ପ୍ରଶିରାରେ ଉଷ୍ମ ଶିହରଣ
ନିର୍ଲିପ୍ତ ନୟନେ ବଉଦ ପରି
ପୁଳାପୁଳା ସ୍ୱପ୍ନ ଆସେ
ଉଦୟ ଭାନୁର ସୁକୋମଳ ସ୍ପର୍ଶ
ଗୋଧୂଳିର ମିଠା ବାସ୍ନା, ଉତ୍ ଫୁଲ୍ଲିତ ମନ
ଭାରିଭଲ ଲାଗେ, ସ୍ୱପ୍ନ ସୁତ୍ରକୁ ବିଶ୍ଳେଷଣ କରି
ଗଢିବାକୁ କଳ୍ପନାର ସୌଧ......।
ପରିକଳ୍ପନାର ପରିସୀମା ଡେଇଁ
ପ୍ରଜାପତି ଟିଏ ହୋଇ
ଝୁମିଝୁମି ଉଡିବାକୁ ଇଚ୍ଛା ହୁଏ
ତାରୁଣ୍ୟର ତନ୍ମୟ କୁଞ୍ଜରେ
ରୂପ ରଙ୍ଗ ରସର ସମାହାର
ସବୁକିଛି ଲାଗେ ନୂତନ, ରମ୍ୟ ପଦ୍ମବନ
ଅଳସୀ ରାତିରେ ବିଳାସୀ ସପନ,
ଭାରିଭଲ ଲାଗେ...।
ଅସ୍ତାଚଳର ଅସ୍ତରାଗରେ
ଚିତ୍ର ଆଙ୍କିବାକୁ ଇଚ୍ଛାହୁଏ
ଅପୂର୍ବ ଉଲ୍ଲାସରେ ମୁକୁରକୁ ବାରମ୍ବାର ଦେଖି,
ଆଖିରେ ଭରିଯାଏ ଲାଜର ଗହଣା,
ଦେହର ଦେଉଳେ ଆଦ୍ୟ ଯୌବନର ଆଗମନ,
ଭାରିଭଲ ଲାଗେ। ଆଜି ଭାରିଭଲ ଲାଗେ।

*ନୟାଗଡ଼*
*ଦୂରଭାଷ : ୯୪୩୭୬୪୨୯୪୭*

## ପିଲାଙ୍କ ଦୁନିଆ







**ମହାବୀର ଦୀପ**
ଷ୍ଟାଣ୍ଡାର୍ଡ - ୩
ତପୋବନ ଏକାଡେମୀ
ସିରୋଳ, ଟିଟିଲାଗଡ

# ମଶାଲ ଶୋଭାଯାତ୍ରାରୁ ସୁବର୍ଣ୍ଣ ଜୟନ୍ତୀର ଶୁଭାରମ୍ଭ



**ନବରଙ୍ଗପୁର :** ନବରଙ୍ଗପୁର ମହାବିଦ୍ୟାଳୟର ୫୦ ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନର ଅବ୍ୟବହିତ ପୂର୍ବରୁ ବୁଧବାର ସ୍ଥାନୀୟ ଭଣ୍ଡାର ଘରଣୀ ମନ୍ଦିର ଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ତଥା ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ଡାବୁଗାଁ ବିଧାୟକ ମନହୋର ରନ୍ଧାରି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୌର ଅଧକ୍ଷ କୁନୁ ନାୟକ, ପୌର ଉପାଧକ୍ଷା ସୌମ୍ୟା ମହାପାତ୍ର, ଜିଲ୍ଲାପାଳ ଡ କମଳ ଲୋଚନ ମିଶ୍ର, ଆରକ୍ଷି ଅଧିକ୍ଷକ ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ନବରଙ୍ଗପୁର କଲେଜ ଅଧକ୍ଷ ଡ ଭାସ୍କର ନାଥ ବିଶ୍ୱାଳ ଯୋଗ ଦେଇଥିଲେ । ସକାଳ ୯ ଘଣ୍ଟା ସମୟରେ ରାଜ ପୁରହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରାଜ ପରିବାର ସଦସ୍ୟ ଆସିଦ ଦେଓ ଏବଂ ମହାବିଦ୍ୟାଳୟ ସ୍ଥାପନ ପାଇଁ ଜମି ଦାନ କରିଥିବା ମିଶ୍ର ପରିବାରର ଗଣେଶ ମିଶ୍ର, ସାମନ୍ତରାୟ ପରିବାରର ସଦସ୍ୟ ଶ୍ରୀଧର ସାମନ୍ତରାୟ, ସାଇରାମ ସାମନ୍ତରାୟଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ପରେ ଅଥିତି ମାନେ ହାତରେ ମଶାଲ ଧରି ଏକ ଶୋଭାଯାତ୍ରାରେ ବାହାରି ଥିଲେ । ତ୍ରିବେଣୀ ଛକ ଠାରେ ଚର୍ଚ୍ଚ ଅଞ୍ଚଳରୁ ଏକ ସ୍ୱତନ୍ତ୍ର ମଶାଲ, ମୁଖ୍ୟ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରି କଲେଜ ପରିସରକୁ ପହଞ୍ଚିଥିଲା । ବାଜା ବାଜଣା, ନାଚ ଗୀତରେ ସମଗ୍ର ସହର ଉଛବ ମୁଖରିତ ହୋଇ ଉଠିଥିଲା । ରାସ୍ତା ଦୁଇ ପାର୍ଶ୍ୱରେ ପୁରାତନ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଠିଆ ହୋଇ ମଶାଲକୁ ଭବ୍ୟ ସ୍ୱାଗତ କରିଥିଲେ । ମଶାଲ ସମ୍ମୁଖରେ ଏକ ସୁସଜ୍ଜିତ ରଥ ଶୋଭାଯାତ୍ରାରେ ସାମିଲ ହୋଇଥିଲା । ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଆତସବାଜି ଫୁଟେଇ ସୁବର୍ଣ୍ଣ ଜୟନ୍ତୀ ଗୀତର ତାଳେ ତାଳେ ଝୁମିଥିଲେ । ଏହି ଆନନ୍ଦ ପରିବେଶରେ ଛାତ୍ର ଛାତ୍ରୀଙ୍କ ସମେତ ମହାବିଦ୍ୟାଳୟର ଅଧକ୍ଷ , ଅଧ୍ୟାପକ, ଅଧ୍ୟାପିକା ଓ ପୁରାତନ ଛାତ୍ର ମାନେ ମନ ଭାରି ନାଚି ଥିଲେ । ଶୋଭାଯାତ୍ରା ଜନ ସମୁଦ୍ର ପାଲଟି ଥିବା ବେଳେ ନବରଙ୍ଗପୁର ପୋଲିସ ଓ ଏନ ସି ସି ଛାତ୍ର ମାନେ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ରେ ନିୟୋଜିତ ଥିଲେ । ଶୋଭାଯାତ୍ରା କଲେଜ ପରିସରକୁ ପହଞ୍ଚିବା ପରେ ସେଠାରେ ପ୍ରଶାସନିକ ଭବନର ନୂତନ କୋଠାକୁ ପୁରୋହିତ ଗୁପ୍ତ ଶଙ୍କର ଷଡଙ୍ଗୀ ପୂଜାର୍ଚ୍ଚନା କରିବା ପରେ ଅତିଥି ମାନେ ଉଦଘାଟନ କରିଥିଲେ । ଏହି ଅବସରରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନର ଶୁଭ ଉଦଘାଟନ ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଥିଲା । ଆଜିଠାରୁ ବିଭିନ୍ନ ପ୍ରତିଯୋଗୀତା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷିରେ ଅନୁଷ୍ଠିତ ଏକ ବୈଠକକୁ ଆଲୁମିନାଇ କମିଟି ସଭାପତି ଗଣେଶ ଦାଶ ସଭାପତିତ୍ୱ କରିଥିଲେ । ସଭାରେ ଅତିଥିମାନେ ଦୁଇଜଣ ପୁରାତନ ଛାତ୍ର ତଥା ବିଧାୟକ ନିଜ ନିଜ ଅନୁଭୂତି ପ୍ରକାଶ କରିବା ସହ ଆଗାମୀ ଡିସେମ୍ବର ୧୬,୧୭,୧୮ ତାରିଖରେ ପାଳନ ହେବାକୁ ଥିବା ସ୍ୱର୍ଣ୍ଣ ଜୟନ୍ତୀର ସଫଳ କାମନା କରି ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଦୀପ ମାଝି ମୁଖ୍ୟ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ପୁରାତନ ଓ ଅଧ୍ୟୟନରତ ଛାତ୍ରୀ ଛାତ୍ର ମାନଙ୍କୁ ସମ୍ମିଳିତ ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌର ପାଳିକାର ୱାର୍ଡ ମେମ୍ବର ମାନଙ୍କ ସମେତ ସରକାରୀ ଆଇନଜୀବୀ ଉମାଶଙ୍କର ତ୍ରିପାଠୀ, ଜଗନ୍ନାଥ ମହାପାତ୍ର, କେ ଧନୁଞ୍ଜୟ ପଟ୍ଟନାୟକ, ସୁଶୀଲ ଜୈନ, ମୂନା ତ୍ରିପାଠୀ, ଗୌରୀ ମାଝି, ପୁରାତନ ଛାତ୍ର ସତ୍ୟବାଦୀ ଷଡଙ୍ଗୀ , ଶ୍ୟାମ ଗନ୍ତାୟତ, ରାମ ମୂର୍ତ୍ତି ପଟ୍ଟନାୟକ, ଶେଖର ମୂର୍ତ୍ତି, ବିଜୟ ଚୌଧୁରୀ, ମଞ୍ଜୁଳା ମାଝି, ସଦନ ନାୟକ, ଡ ସନ୍ତୋଷ ନାଗ, ଦୟାନିଧି ବିଶୋଇ, ପ୍ରକାଶ ସାମନ୍ତରାୟ , ରମଣୀ ତ୍ରିପାଠୀ , ଏମ ବାଲା କ୍ରୀଷ୍ଣା ରାଓ, ଅମିତାଭ ତ୍ରିପାଠୀ, ପ୍ରଭାକର ତ୍ରିପାଠୀ ,ଅଜିତ ପାତ୍ର, ସୁଶାନ୍ତ ବେହେରା, ଦିଲ୍ଲିପ ହୋତା, ସଙ୍ଗୀତା ତ୍ରିପାଠୀ, ମନୋଜ ପଟ୍ଟନାୟକ, ଶମ୍ଭୁ ହୋତା, ମିଟୁ ପାତ୍ର, ଅଖିଳ ଭତ୍ରା, ସିମାଞ୍ଚଳ ପାଢୀ, ଉତ୍ତମ ତ୍ରିପାଠୀ, ଦ୍ୱାରିକା ମହାପାତ୍ର, ଶ୍ରୀନିବାସ ପାତ୍ର, ପରି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ କାର୍ଯ୍ୟକାରୀ କମିଟି ସଦସ୍ୟ ସୁରେଶ ମହାନ୍ତି, ଦେବଦାଶ ମହାକ୍କୁଡ, କିଶୋର ପଟ୍ଟନାୟକ , ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସମରେଶ ଗନ୍ତାୟତ, ରାମ ପ୍ରସାଦ ପାତ୍ର, ଦୁର୍ଗ ପାଢୀ, ମନୋଜ ପାଢୀ, ସ୍ୱର୍ଣ୍ଣ ଲତା ପଟ୍ଟନାୟକ ସହଯୋଗ କରିଥିଲେ ।

# ୧୩୯ ଜଣ ଓଏଏସ ଅଫିସରଙ୍କ ବଦଳି




**ଭୁବନେଶ୍ୱର :** ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି । ୧୩୯ଜଣ ଓଏଏସ୍ ଅଫିସର (ଜୁନିୟର ବ୍ରାଞ୍ଚ)ଙ୍କୁ ବଦଳି କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୩୯ଜଣ ଓଏଏସ ଅଫିସରଙ୍କୁ ବଦଳି କରାଯାଇ ସେମାନଙ୍କୁ ତୁରନ୍ତ ନିଜ ନୂତନ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଗତସିଂହପୁର ଜିଲ୍ଲାରେ ଜେଏସଡବ୍ଲ୍ୟୁ ପ୍ରକଳ୍ପ ଓ କୋଷ୍ଟାଲ ହାଇୱେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ୩ଜଣ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଭୁବନେଶ୍ୱରର ଅତିରିକ୍ତ ତହସିଲଦାର ତଥା ଓଏଏସ୍ ଚିତ୍ତରଞ୍ଜନ ପିଲାଇଙ୍କୁ ଡେପୁଟି ଜିଲ୍ଲାପାଳ(ଜମି ଅଧିଗ୍ରହଣ) ଭାବେ ଜଗତସିଂହପୁର ବଦଳି କରାଯାଇଛି । ସେହିପରି କୃଷ୍ଣପ୍ରସାଦର ଅତିରିକ୍ତ ତହସିଲଦାର ଶଶୀଭୂଷଣ ମିଶ୍ରଙ୍କୁ ଡେପୁଟି ଜିଲ୍ଲାପାଳ(ଜମି ଅଧିଗ୍ରହଣ) ଓ ଖଲ୍ଲିକୋଟ ସବରେଜିଷ୍ଟ୍ରାର ମହେଶ୍ୱର ବେହେରାଙ୍କୁ ଡେପୁଟି ଜିଲ୍ଲାପାଳ(ଜମି ଅଧିଗ୍ରହଣ) ଭାବେ ଜଗତସିଂହପୁର ବଦଳି ହୋଇଥିବା ଜଣାପଡ଼ିଛି ।

# ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା



**ଜଗତସିଂହପୁର:** ଜିଲ୍ଲାର ବିଭିନ୍ନ ମଣ୍ଡପ ମାନଙ୍କରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । କୋଭିଡ କଟକଣା ପାଇଁ ଦୀର୍ଘ ୨-୩ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ଏକପ୍ରକାର ଅନୁଷ୍ଠିତ ହେଉଥିଲେ ଭୋଗରାଗ ଓ ଜଳଖିଆ ଦୋକାନର ଇତ୍ୟାଦିର ମାହଲ ଦେଖିବାକୁ ମିଳିନଥିଲା । ଚଳିତବର୍ଷ ବିଭିନ୍ନ ପୂଜା ମଣ୍ଡପ ମାନଙ୍କରେ ତୋରଣ ସଜାଠୁ ଆରମ୍ଭ କରି ଚିତ୍ରକରଙ୍କ ମୂର୍ତ୍ତି ସଜାଡିବା ପର୍ଯ୍ୟନ୍ତ ସବୁଆଡେ ଖୁସିରଲହରୀ ଦେଖିବାକୁ ମିଳୁଛି । ପ୍ରତିଦିନ ସନ୍ଧ୍ୟାବେଳକୁ ବିଭିନ୍ନ ପୂଜା ମଣ୍ଡପ ମାନଙ୍କରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଅଛି । ବର୍ଷାପାଗରେ ବି ପରିବର୍ତ୍ତନ ଦେଖାଯାଉଛି । ଫଳରେ ବହୁ ମଣ୍ଡପ ମାନଙ୍କରେ ମଧ୍ୟାହ୍ନ ଭୋଜନ ବି ଖୁବ୍ ଜାକଜକମରେ ପାଳନ କରାଯାଉଛି । ସନ୍ଧ୍ୟାରେ ମଣ୍ଡପ ମାନଙ୍କରେ ବହୁ ଭକ୍ତମାନଙ୍କ ବହୁ ସମାଗମ ଦେଖିବାକୁ ମିଳୁଛି ।

# ତହସିଲ ଓ ବାଲି ମାଫିଆଙ୍କ ଚୋରା ପୀରତି



**ବାରିପଦା, (ବିଜୁ ସିଂ) :** ବାଲି ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ବ୍ଲକ । ଏହି ତହସିଲ ଅଧୀନରେ ସରକାରୀ ଭାବେ ପାଞ୍ଚଟି ବାଲିଘାଟ ଥିବା ବେଳେ ବେସରକାରୀ ଭାବେ ଦଶରୁ ଅଧିକ ବାଲିଘାଟରୁ ବାଲି ଚୋରାରେ ଚାଲାଣ ହେଉଛି ।ବର୍ତମାନ ଏହି ତହସିଲ ଅଧିନ ମହୁଲିଆ, ସୁନିଆପାଳ, ବଜ୍ରତୁଣ୍ଡି, ପୁଣ୍ଡୁରା ବାଲିଘାଟ ବନ୍ଦ ଥିବା ବେଳେ କେବଳ ସରକାରୀଭାବେ ଇଙ୍କଡ଼ାପାଳ ବାଲିଘାଟ ଚାଲୁଅଛି । ତେବେ ବିଶେଷ କରି ଦୀର୍ଘଦିନ ହେବ ବନ୍ଦ ପଡିଥିବା ସରକାରୀ ଘାଟ ସୁନିଆପାଳ, ବଜ୍ରତୁଣ୍ଡି ଓ ମହୁଲିଆ ବାଲିଘାଟ ନିକଟ ଝିଙ୍କପାଳ ଘାଟରୁ କିଛି ଅସାଧୁ ଗାଡିମାଲିକ ଦିନରାତି ଖୁଲମଖୁଲ୍ଲା ବାଲି ଚାଲାଣ କରୁଛନ୍ତି । ଯାହା ଫଳରେ ପ୍ରତ୍ୟେକ ଦିନ କେବଳ ଶାମାଖୁଣ୍ଟା ବ୍ଲକରୁ ହିଁ ଦୁଇଶହରୁ ତିନିଶହ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି ଓ ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ପୋଡାଅସ୍ତିଆ ଛକଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିଲେ ମଧ ଏହି ରାସ୍ତାଦେଇ ଶହଶହ ଚୋରା ବାଲି ଗାଡି ବିନା ପରମିଟରେ ଯାତାୟାତ କରୁଅଛି । ସ୍ଥାନୀୟ ଲୋକେ ଏହି ମାଫିଆ ମାନଙ୍କୁ ଡରି ସ୍ୱର ଉତ୍ତଳନ କରିବାରେ ଅକ୍ଷମ । ଯଦି ବି କୌଣସି ବ୍ୟକ୍ତି ଏହି ମାଫିଆ ମାନଙ୍କ ବିରୋଧରେ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଅବଗତ କରାଉଛି, ତେବେ ମାଫିଆ ମାନେ ଉକ୍ତ ବ୍ୟକ୍ତିଙ୍କ ନାମ ଓ ମୋବାଇଲ ନମ୍ବର କିଛି ସମୟ ମଧ୍ୟରେ ପାଇଯାଉଛନ୍ତି । ତେବେ ଏଥିରୁ ଜଣାପଡୁଛି ଯେ ଅଧିକାରୀ ଓ ମାଫିଆ ମାନଙ୍କ ମଧ୍ୟରେ ସମ୍ପର୍କ କେତେ ନିବିଡ଼ । ମାଫିଆ ଓ ଅଧିକାରୀଙ୍କ ମଧ୍ୟରେ ମୋଟା ଅଙ୍କର ଡିଲ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଚା ଖଟିରେ ଚର୍ଚ୍ଚା ଜୋର ଧରିଛି । ଚୋରା ଘାଟରୁ ଗୋଟିଏ କିମ୍ବା ଦୁଇଟି ଗାଡି ନୁହେ ଏକାସହିତ ଦଶରୁ ପନ୍ଦର ଗାଡି ଏକା କାଳୀନ ଚୋରି କରିବା ଓ ଅଧିକାରୀ ଏହା ଜାଣି ନ ପାରିବା ବାସ୍ତବିକ ଆଶ୍ଚର୍ଯ୍ୟର ବିଷୟ । ଏହି ଚୋରା ପୀରତି ପାଇଁ ଅନେକ ସମୟରେ ରାଜସ୍ୱ ନିରୀକ୍ଷକ ଓ ତାଙ୍କ କର୍ମଚାରୀଙ୍କୁ ଅନେକ ଥର ଅପମାନ ହେବା ସହ ଅସଭ୍ୟ ଭାଷାରେ ଗାଳିଗୁଳଜ ହେଉଥିବାର ନଜିର ରହିଛି । ତେବେ ଏହି ଖୁଲମଖୁଲ୍ଲା ଚୋରି ପଛରେ ସ୍ଥାନୀୟ ଅଞ୍ଚଳର ସମିତିସଭ୍ୟ , ୱାର୍ଡମେମ୍ବର ଜଡିତ ଥିବାର ସୂଚନା ମିଳୁଛି । ଯଦି ତହସିଲଦାର ବାସ୍ତବିକ ଏହି ଚୋରି ରୋକିବାରେ ଅକ୍ଷମ ତେବେ ସେ କଣ ପାଇଁ ପୋଲିସ ବିଭାଗର ସାହାଯ୍ୟ ଲୋଡୁନାହାନ୍ତି ଏହାର ଉତ୍ତର ସେ ହିଁ କେବଳ ଜାଣନ୍ତି । ତେଣୁ ଉକ୍ତ ରାଜସ୍ୱ ଚୋରି ଘଟଣାରେ ଯଥାଶୀଘ୍ର ଉପଜିଲ୍ଲାପାଳ ଓ ଜିଲ୍ଲାପାଳ ପ୍ରତ୍ୟେକ୍ଷ ଭାବେ ଅନୁଧ୍ୟାନ କରିବା ସହ ଚୋରି ରୋକିବା ପାଇଁ ପୋଲିସ ବିଭାଗର ଏକ ସିଭିଲସ୍କ୍ୱାଡ଼ ଗଠନ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ଅନ୍ୟଥା ରାଜ୍ୟସରକାର ପୂର୍ବତନ ରାଜସ୍ୱମନ୍ତ୍ରୀ ସୁଦାମ ମରାଣ୍ଡୀଙ୍କ ନିର୍ବାଚନ ମଣ୍ଡଳୀରୁ ଯେ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଇବେ ଏଥିରେ କୌଣସି ସନ୍ଦେହ ନାହିଁ ।

# ମଣ୍ଡେଇ ପାଇଁ ପ୍ରସ୍ତୁତି ବୈଠକ




**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର ଐତିହ ଓ ସଂସ୍କୃତିର ପ୍ରତୀକ ମଣ୍ଡେଇ ପାଇଁ ପ୍ରସ୍ତୁତି ବୈଠକ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ,ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲ୍ଲାପରିଷଦ ଅଧକ୍ଷ ମୋତିରାମ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ମଣ୍ଡେଇକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯାଇଛି । ଡିସେମ୍ବର ମାସ୧୦ ତାରିଖରୁ୧୪ ତାରିଖ ପର୍ଯ୍ୟନ୍ତ ମଣ୍ଡେଇଚାଲିବ । ନଭେମ୍ବର ମାସ ୨୯ ତାରିଖରେ ବେତାଲଗୁଡ଼ାରେ ଶୁଭାରମ୍ଭ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।ଉକ୍ତ ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଘର ଓ ବାଇକ୍ ପୋଡିଦେଲେ ଦୁର୍ବୃତ୍ତ



**ଜୟପାଟଣା :** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ପଲ୍ଲାପଡା ଠାରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ଗୋମତୀ ନାମ୍ନୀ ଦମ୍ପତିଙ୍କୁ ପଥର ରେ ବାନ୍ଧୀ କୁଆରେ ପକାଇ ଦେଇ ଥିଲେ କିଛି ଦୁର୍ବୃତ୍ତ । ପାଖରେ ଥିବା ଘରକୁ ମଧ ଜାଳି ଦେଇଛନ୍ତି । ତତ୍ ସଙ୍ଗେ ସଙ୍ଗେ ଚିତ୍ରସେନ ମାଝୀଙ୍କ ବାଇକ ମଧ ଜାଳି ଦେଇଛନ୍ତି । ଯେତେବେଳ ଘରରେ ନିଆଁ ଲାଗିଥିଲା ସେହି ସମୟରେ ଗ୍ରାମବାସୀମାନେ କଆକୁ ନିଆଁ ବୁଝାଇବା ପାଇଁ ପାଣି ଆଣି ଯାଇଥିବା ବେଳେ ଦେଖି ବାକୁମିଳିଥିଲା ଯେ ଗୋମତୀ ମାଝୀ ଉକ୍ତ କୁଅରେ ପଡ଼ି ରହିଥିଲେ । ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଜୟପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଠିକ୍ ଠାକ୍ ଥିବା ଜଣାପଡିଛି । ଦୁର୍ବୃତ୍ତ ମାନଙ୍କର ଏହି ଉନ୍ମୁକ୍ତକାଣ୍ଡ ଯୋଗୁଁ ଗ୍ରାମବାସୀ ତଥା ଅଞ୍ଚଳରେ ଆତଙ୍କିତର ବତାବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁକୁଳିବା ...

ଏଥିସହ ଏହି ମାମଲାର କେସ୍ ଡାଏରୀ ମଗାଯାଉ ବୋଲି ଓକିଲ କହିଥିଲେ । କିନ୍ତୁ ସରକାରୀ ଓକିଲ କହିଥିଲେ ଯେ ଅର୍ଚ୍ଚନା ବିରୋଧରେ ୧୬ଟି ଦଫା ଲାଗିଥିବାବେଳେ ଆଇପିସି ଧାରା ୩୭୦, ୩୨୮ ଓ ଆଇଟି ଆକ୍ଟ ୬୬-ଇ ଏବଂ ୬୭ ବି ଲାଗିଛି । ତେଣୁ ତାଙ୍କୁ ଜାମିନ୍ ଦିଆ ନ ଯାଉ । କୋର୍ଟ ଉଭୟ ପକ୍ଷକୁ ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଛନ୍ତି । ସମ୍ଭବତଃ ଆସନ୍ତାକାଲି କୋର୍ଟ ଏ ସମ୍ପର୍କରେ ରାୟ ଦେଇ ପାରନ୍ତି । କଳାହାଣ୍ଡିରୁ ଆସି ଭୁବନେଶ୍ୱରରେ କାୟାବିସ୍ତାର କରିଥିବା ୩୦ ବର୍ଷୀୟା ଅର୍ଚ୍ଚନାଙ୍କ ସହ ବଡ଼ବଡ଼ିଆଙ୍କ ସଂପୃକ୍ତି ଓ ତା'ସହ କଳାଧନ୍ଦାର ରହସ୍ୟ ପୁଲିସ ସାମ୍ନାକୁ ଆଣିବାକୁ ଅକ୍ଷମ ହେଉଛି । ଅର୍ଚ୍ଚନାଙ୍କ କଳାପେଡ଼ି ପ୍ରାୟ ୧ ସପ୍ତାହରୁ ଉର୍ଦ୍ଧ୍ୱ ହେଲାଣି, କିନ୍ତୁ କମିଶନରେଟ୍ ପୁଲିସ କେବଳ ନିରବତା ଅବଲମ୍ବନ କରୁଛି । ପୁଲିସ ଅର୍ଚ୍ଚନାଙ୍କୁ ନା ରିମାଣ୍ଡରେ ନେଉଛି ନା କଳାସାମ୍ରାଜ୍ୟ ପଛର କାହାଣୀକୁ ସାର୍ବଜନୀନ କରୁଛି । ପୁଲିସ୍ର ଏପରି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ମାମଲା ଯାଇ ହାଇକୋର୍ଟରେ ପହଞ୍ଚିଛି । ଘଟଣାର ତଦନ୍ତ ଇଡି ଦ୍ୱାରା କରାଇବା ଦାବିରେ ଭାରତୀୟ ବିକାଶ ପରିଷଦ ହାଇକୋର୍ଟରେ ଗୋଟିଏ ଆବେଦନ କରିଛି । ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ଇଡି, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ଡିଜି ଓ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି ।

### ଇଡି ଦ୍ୱାରା ...

ଅନାମଧେୟ ଗାଁରୁ ଆସି ରାଜଧାନୀ ଛାତି ଉପରେ ରାଜ୍ କରୁଥିଲେ ଅର୍ଚ୍ଚନା । ଏପରିକି ଭୁବନେଶ୍ୱରର ମଞ୍ଚେଶ୍ୱର ଓ ସତ୍ୟ ବିହାରରେ ଅର୍ଚ୍ଚନାଙ୍କର ୨ ଟି ଆଲିସାନ ଘର ରହିଛି । ନିଜ ରାଜ ଉଆସରେ ରାଣି ପରି ବଞ୍ଚୁଥିଲେ ବ୍ଲାକେମେଲ୍ କୁଇନ୍ ଅର୍ଚ୍ଚନା ନାଗ । ଆଗଧାଡ଼ିର ରାଜନୈତିକ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ଏମଏଲଏ, ଏମପି, ବିଲଡର, ସୁନା ବ୍ୟବସାୟୀ ପ୍ରମୁଖ ଅର୍ଚ୍ଚନାଙ୍କ ରାଜ ଉଆସରେ ଭିଡ଼ ଜମାଉଥିଲେ । ରାତି ବଢ଼ିଲେ ସେଠାରେ ଆସର ଜମୁଥିବା ବେଳେ ନିଜ ଗୁପ୍ତ କ୍ୟାମେରାରେ ଏହାକୁ ରେକର୍ଡ କରି ରଖୁଥିଲେ ଅର୍ଚ୍ଚନା । ଏହି କାମରେ ଅର୍ଚ୍ଚନା ବହୁ ଯୁବତୀଙ୍କୁ ନିୟୋଜିତ କରୁଥିଲେ । ପରେ ଏହି ଅଶ୍ଳୀଳ ଭିଡ଼ିଓ ଦେଖାଇ ତଥା ଦୁଷ୍କର୍ମ ମାମଲା କରିବାର ଧମକ ଦେଇ ବଡ଼ବଡ଼ିଆଙ୍କୁ ମନ ଇଚ୍ଛା ଲୁଟୁଥିଲେ ଅର୍ଚ୍ଚନା । କାହାଠୁ ଦାମିକିଆ ଗାଡ଼ି ତ କାହାଠୁ ସୁନା, ହୀରା ଅଳଙ୍କାର, ୩ ଲକ୍ଷର ଭ୍ୟାନିଟି ବ୍ୟାଗ୍ ତ ଆଉ କାହାଠୁ ଆଣୁଥିଲେ ବହୁ ମୂଲ୍ୟର ଘରସଜ୍ଜା ଆସବାବପତ୍ର । ଅନ୍ୟମାନଙ୍କୁ ଧମକାଇ ମାଲେମାଲ ହେଉଥିବା ଅର୍ଚ୍ଚନା ନାଗ ଶେଷରେ ନିଜ ଜାଲରେ ନିଜେ ଛନ୍ଦି ହୋଇଗଲେ । ତାଙ୍କ ନାଁରେ ଭୁବନେଶ୍ୱରର ଖଣ୍ଡଗିରି ଓ ନୟାପଲ୍ଲୀ ଥାନାରେ ଦୁଇଟି ଏତଲା ହୋଇଥିଲା । ସିନେ ପ୍ରଯୋଜକ ଅକ୍ଷୟ ପରିଜା ନିଜେ ବ୍ଲାକମେଲିଂର ଶିକାର ହୋଇଥିବା ଅଭିଯୋଗ ଆଣି ସେପ୍ଟେମ୍ବର ୩୦ ତାରିଖରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ଜଣେ ଯୁବତୀଙ୍କ ଜରିଆରେ ଅର୍ଚ୍ଚନା ନାଗ ତାଙ୍କୁ ବ୍ଲାକମେଲ୍ କରୁଥିବା ସେ ଅଭିଯୋଗ ଆଣିଥିଲେ । ଏପରିକି ତାଙ୍କୁ ଏକ ତାରକା ହୋଟେଲକୁ ଡାକି ୩ କୋଟି ଟଙ୍କା ମାଗିଥିବା ନିଜ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ । ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ନାଁରେ ଅଭିଯୋଗ ଆଣିଥିବା ଯୁବତୀ ଅକ୍ଟୋବର ୨ ତାରିଖରେ ଖଣ୍ଡଗିରି ଥାନାରେ ଅର୍ଚ୍ଚନା ନାଗଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଏପରିକି ଅର୍ଚ୍ଚନା ନାଗ କିଛି ଆପତ୍ତିଜନକ ଭିଡିଓ ରଖି ତାଙ୍କୁ ବ୍ଲାକମେଲ କରୁଥିବା ଅଭିଯୋଗ ଆଣିଥିଲେ । ସମ୍ପୃକ୍ତ ଅଭିଯୋଗକାରୀ ମହିଳାଙ୍କ ଏତଲା ଆଧାରରେ ଅର୍ଚ୍ଚନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫଦାରୀକୁ ୧୦ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ତାଙ୍କ ବିରୋଧରେ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ନେଉନି କମିଶନରେଟ୍ ପୁଲିସ୍ । ଏପରିକି ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ବି ପଛଘୁଞ୍ଚା ଦେଉଛି । ତେଣୁ ଏନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଅପରପକ୍ଷେ, ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟରେ ଜାମିନ ଆବେଦନ କରିଥିଲେ ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ । ଅର୍ଚ୍ଚନାଙ୍କୁ ଜେଲ୍ରୁ ମୁକୁଳାଇବା ପାଇଁ ଭୁବନେଶ୍ୱରର ଅନେକ ନାମୀଦାମୀ ଆଇନଜୀବୀ ଲାଗିପଡିଥିବା ଜଣାପଡିଛି ।

### ପ୍ରତ୍ୟେକ ଆଇଆଇଟି ...

ଏହି ଭାରତୀୟ ମଡେଲ ଗୁଡ଼ିକ ବିକାଶଶୀଳ ଅର୍ଥନୀତି ପାଇଁ ଏକ ମାର୍ଗଦର୍ଶିକା ଭାବରେ ଆସ୍ଥାଭାଜନ ହୋଇପାରିଛି । ସଫ୍ଟୱୟାର୍ ଡେଭଲପମେଣ୍ଟ, ଫାଇନାନ୍ସ ମ୍ୟାନେଜମେଣ୍ଟ, ମେଡିସନ ଏବଂ ଲିଗାଲ୍ ଆନାଲିଟିକ୍ସ ଭଳି କ୍ଷେତ୍ରରେ ଭାରତ ଅଗ୍ରଣୀ ନେତୃତ୍ୱ ନେଉଛି । ଦେଶବାସୀଙ୍କ ମଧ୍ୟରେ ଥିବା ବୌଦ୍ଧିକ କ୍ଷମତା ଭାରତକୁ ନୂଆ ବୈଶ୍ୱିକ ଦୃଶ୍ୟପଟ୍ଟରେ ଶିଖରରେ ପହଞ୍ଚାଇବାର କ୍ଷମତା ରଖିଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମକୁ ଗବେଷଣା ଆଧାରିତ ଉଦ୍ୟମତା ବିକଶିତ କରିବାକୁ ହେବ । ଭାରତର ପ୍ରତିଭା, ଡିଜିଟାଲ କାରବାର, ବଜାର, କିଣିବା କ୍ଷମତା ଏବଂ ବଢୁଥିବା ଆକାଂକ୍ଷା ଭାରତକୁ ଦ୍ରୁତ ଗତିରେ ଆଗକୁ ନେଉଛି । ଆଇଆଇଟି ଗୁଡିକ ଏହି ସୁଯୋଗର ବ୍ୟବହାର କରିବାର କରିବା ଉଚିତ୍ । ଏହାବ୍ୟତିତ ସମାଜ ଏବଂ ବଜାର ସହ ନବସୃଜନକୁ ଯୋଡ଼ିବାକୁ ହେବ । ଦେଶରେ ସୃଷ୍ଟି ହେଉଥିବା ଜୈବ ବର୍ଜ୍ୟବସ୍ତୁର ସଠିକ୍ ଉପଯୋଗ କରାଗଲେ ଅର୍ଥନୀତିକୁ ସହାୟକ ହେବ । ଆଇଆଇଟି ଇଞ୍ଜିନିୟର କଲେଜ ଠାରୁ ଉର୍ଦ୍ଧ୍ୱରେ ରହିବାକୁ ହେବ । ନବସୃଜନ, ନିଯୁକ୍ତିଦାତା ସୃଷ୍ଟି କରିବା ଭଳି ବିଷୟକୁ ନେଇ ଆଇଆଇଟି ଗୁଡ଼ିକର ନୂଆ ମାପଦଣ୍ଡ ସ୍ଥିର କରିବାକୁ ହେବ । ପ୍ରଯୁକ୍ତିବିଦ୍ୟା, ଅଭିବୃଦ୍ଧି ଏବଂ ବିକାଶର ନୂଆ ଆବାହକ ହେବ ଏବଂ ଏଥିରେ ଆଇଟି ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଶୀର୍ଷ ତାଲିକାରେ ରହିବ । ବିଶ୍ୱ ଭାରତରେ ଅଧିକ ପୁଞ୍ଜିନିବେଶ କରିବା ପାଇଁ ଇଚ୍ଛୁକ ଅଛି ଏବଂ ଆମର ଛାତ୍ରଛାତ୍ରୀ ଓ ଇନୋଭେସନ ବିଶ୍ୱରେ ଶ୍ରେଷ୍ଠ ସ୍ଥାନରେ ରହିବାର କ୍ଷମତା ରଖିଛନ୍ତି । ଦେଶରେ ଜାତୀୟ ଶିକ୍ଷା ନୀତି -୨୦୨୦ ଭଳି ସବୁଠୁ ବଡ଼ ସଂସ୍କାର ପ୍ରଣୟନ କରାଯାଉଛି । ଉଚ୍ଚ ଶିକ୍ଷାନୁଷ୍ଠାନ ବିଶେଷ ଭାବରେ ଆଇଆଇଟି ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ ଇନଭେନଟିଭ୍ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିବା ୭୫ଟି ଇନୋଭେସନ ଆମର ଆଇଆଇଟିର ଗବେଷଣା ଓ ବିକାଶର କ୍ଷମତାକୁ ଦର୍ଶାଉଛି । ଜଟିଳ ବୈଶ୍ୱିକ ସମସ୍ୟାକୁ ସମାଧାନ କରିବା ଦିଗରେ ଇନଭେନଟିଭ୍ କାର୍ଯ୍ୟକ୍ରମ ସମାଧାନର ରାସ୍ତା ବାହାର କରିବ । ଏହି ଅବସରରେ ଶ୍ରୀ ପ୍ରଧାନ ଆଇଆଇଟି ଦିଲ୍ଲୀ ପରିସରରେ ଥିବା ଭାରତୀ ସ୍କୁଲ୍ ଅଫ୍ ଟେଲିକମ୍ୟୁନିକେସନ ଆଣ୍ଡ ମ୍ୟାନେଜମେଣ୍ଟ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ଇନଭେନଟିଭ୍ କାର୍ଯ୍ୟକ୍ରମରେ ଭାରତୀ ଏୟାରଟେଲର ଅଧକ୍ଷ ସୁନିଲ ଭାରତୀ ମିତ୍ତଲ, ଇନଫୋସିସର ଚେୟାରମ୍ୟାନ ପଦ୍ମନ ଗୋଏଙ୍କା, ସାଏଣ୍ଟ ପ୍ରତିଷ୍ଠାତା ବିଭିଆର ମୋହନ ରେଡ୍ଡୀ, ସମସ୍ତ ୨୩ଟି ଆଇଆଇଟିର ନିର୍ଦ୍ଦେଶକ, ପ୍ରଫେସର, ଶିଳ୍ପ ନେତୃତ୍ୱ, ଇନୋଭେଟର ଓ ଆଇଆଇଟି ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

### ବବି ଦାସ ...

କୋଷାଧକ୍ଷ ଓ ସଦସ୍ୟ ପଦବୀ ନିମନ୍ତେ ପ୍ରାର୍ଥୀଙ୍କ ନାମ ଚୟନ ଚୂଡ଼ାନ୍ତ କାର୍ଯ୍ୟ ଆଶୀର୍ବାଦ ବେହେରାଙ୍କ ଉପରେ ନ୍ୟସ୍ତ ହୋଇଛି । ଆସନ୍ତା ୨୧ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ୨୮ତାରିଖରେ ଓସିଏର ସାଂଗଠନିକ ନିର୍ବାଚନ ହେବ ଓ ସେହିଦିନ ଫଳାଫଳ ଘୋଷଣା ହେବ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ଓସିଏ ପକ୍ଷରୁ ୭୩ ସଦସ୍ୟ ବିଶିଷ୍ଟ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା । ଯେଉଁଥିରେ ଯାଜପୁର ଜିଲ୍ଲାରୁ ପ୍ରଣବ ପ୍ରକାଶ ଦାସ ପ୍ରତିନିଧିତ୍ୱ କରୁଥିବା ସାମିଲ ଥିଲା । ଓସିଏ ସୂତ୍ର ଅନୁସାରେ ପ୍ରଣବ ପ୍ରକାଶଙ୍କ ବିରୁଦ୍ଧରେ କେହି ପ୍ରାର୍ଥୀ ନଥିବାରୁ ତାଙ୍କର ଜିତିବା ସମ୍ଭାବନା ଅଧିକ । ବିଜେଡି ନେତା ଦିଲ୍ଲୀପ ତିର୍କୀ ଏବେ ହକି ଇଣ୍ଡିଆ ସଭାପତି ଥିବାବେଳେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଓସିଏ ସଭାପତି ଦାୟିତ୍ୱ ତୁଲାଇବେ । ଓଡ଼ିଶାର ସବୁଠୁ ଧନୀ କ୍ରୀଡ଼ା ସଂଘ ଭାବେ ଓସିଏ ପରିଚିତ ।

### ବିଶ୍ୱରେ ୭.୧ କୋଟି ...

କରୋନାକୁ ରୋକିବା ଲାଗି ଘୋଷଣା କରାଯାଇଥିବା କଠୋର ଲକ୍ଡାଉନ୍ ଯୋଗୁଁ ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଲୋକମାନେ କାମଧନ୍ଦା ହରାଇ ଘରେ ବସିବାକୁ ବାଧ୍ୟ ହୋଇଥିଲେ । ସେଥିପାଇଁ ୨୦୨୦ ଶେଷ ସୁଦ୍ଧା ୭.୧ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିଲେ । ଫଳରେ ବିଶ୍ୱରେ ଦାରିଦ୍ର୍ୟରେ ଥିବା ଲୋକଙ୍କ ସଂଖ୍ୟା ୭୦ କୋଟିରୁ ଅଧିକ ହୋଇଯାଇଥିଲା ।ଯେଉଁ ଦେଶରେ ଜନସଂଖ୍ୟା ଅଧିକ ସେଠାରେ ଦାରିଦ୍ର୍ୟ ଭିତରେ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା ଅଧିକ ବଢ଼ିଥିଲା । ମହାମାରୀ ପ୍ରଭାବରେ ଦାରିଦ୍ର୍ୟ କବଳରେ ଭାରତର ୫.୬ କୋଟି ଲୋକ ପଡ଼ିବା ତାହାର ଏକ ବଳିଷ୍ଠ ପ୍ରମାଣ । କିନ୍ତୁ ଚୀନ୍ କ୍ଷେତ୍ରରେ ଏଥିରେ ଅସଙ୍ଗତି ଦେଖିବାକୁ ମିଳିଛି । ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ହୋଇଥିଲେ ମଧ ୨୦୨୦ରେ ଚୀନ୍ରେ ଦାରିଦ୍ର୍ୟ ବିଶେଷ ବଢ଼ିନାହିଁ । କରୋନା ଚୀନ୍ରୁ ବ୍ୟାପିବା ଆରମ୍ଭ ହୋଇଥିଲେ ମଧ ସେହି ଦେଶକୁ ଲାଗିଥିବା ଅର୍ଥନୈତିକ ଧକ୍କା ମଧ୍ୟମ ଧରଣର ଥିଲା । କିନ୍ତୁ ୨୦୨୦ରେ ଭାରତୀୟ ଅର୍ଥନୀତିରେ ବଡ଼ ଧରଣର ଅବନତି ଘଟିଥିଲା । ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍ଆଇଇ)ର କଞ୍ଜ୍ୟୁମର ପିରାମିଡ୍ ହାଉସ୍ହୋଲ୍ଡ ସର୍ଭେ ତଥ୍ୟ ଆଧାରରେ ବିଶ୍ୱବ୍ୟାଙ୍କ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଯେହେତୁ ୨୦୧୧ ପରଠାରୁ ଭାରତ ସରକାର ଦାରିଦ୍ର୍ୟ ତଥ୍ୟ ଜାରି କରିବା ବନ୍ଦ କରିଦେଇଛନ୍ତି, ତେଣୁ ସିଏମ୍ଆଇଇ ତଥ୍ୟ ଆଧାରରେ ଦାରିଦ୍ର୍ୟ ଆକଳନ କରିବା ଲାଗି ଉଦ୍ୟମ କରାଯାଉଛି । ଏହି ରିପୋର୍ଟରେ କୁହାଯାଇଛି ଯେ ଦାରିଦ୍ର୍ୟ ଦୂରୀକରଣ ଲାଗି ଜାରି ରହିଥିବା ଲଢ଼େଇକୁ ରୁଷ୍-ୟୁକ୍ରେନ ଯୁଦ୍ଧ ଗଭୀର ଭାବେ ପ୍ରଭାବିତ କରିଛି । ଯୁଦ୍ଧ, ଚୀନ୍ର ଅର୍ଥନେ ?ତିକ ଅଭିବୃଦ୍ଧିରେ ହ୍ରାସ, ଖାଦ୍ୟ ସାମଗ୍ରୀ ଓ ଶକ୍ତି ଦରଦାମ୍ରେ ବୃଦ୍ଧି ବିଶ୍ୱ ଅର୍ଥନୀତି ପ୍ରତି ସବୁଠୁ ବଡ଼ ବିପଦ ଭାବେ ଉଭା ହୋଇଛି ।

### ବୃହତ୍ତର ବେଞ୍ଚରେ ...

ଅନେକ ଦିଗ ମଧ୍ୟରୁ ଗୋଟିଏ ହେଉଛି ବିଶ୍ୱାସ । ଆମର ସମ୍ବିଧାନ ମଧ ବିଶ୍ୱାସର ଏକ ଦସ୍ତାବିଜ । ବିଦ୍ୟାଳୟରେ ଅନୁଶାସନ ରହିବା ଆବଶ୍ୟକ । କିନ୍ତୁ ଏହି ଅନୁଶାସନ ସ୍ୱାଧୀନତା ଓ ସମ୍ମାନର ମୂଲ୍ୟ ଦେଇ ନ ହେବା ଉଚିତ । ସ୍କୁଲ ଗେଟରେ ଜଣେ ସ୍କୁଲ ଛାତ୍ରୀଙ୍କୁ ହିଜାବ ବାହାର କରିବାକୁ କହିବା ତାଙ୍କ ଗୋପନୀୟତା ଓ ସମ୍ମାନ ଉପରେ ଆକ୍ରମଣ । ହିଜାବ ପିନ୍ଧିବା ଓ ନ ପନ୍ଧିବା କେବଳ ଗୋଟିଏ ପସନ୍ଦର କଥା । ଏହାଛଡ଼ା ଆଉ କିଛି ନୁହେଁ । ସମସ୍ତ ଆବେଦନକାରୀ ହିଜାବ ପିନ୍ଧିବାକୁ ଚାହୁଁଛନ୍ତି । କ'ଣ ଗଣତନ୍ତ୍ରରେ ଏହା ପଚାରିବାକୁ ଆମେ ଅତ୍ୟଧିକ କହିବା ? ଏହା କିପରି ନୈତିକତାର ବିରୋଧୀ ? ଏହି ମାମଲାରେ ଫୈସଲା ନେବାବେଳେ ଝିଅମାନଙ୍କର ଶିକ୍ଷାକୁ ମୁଁ ଅଧିକ ଗୁରୁତ୍ୱ ଦେଇଥିଲି । ଏହା ସତ କଥା ଯେ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଝିଅମାନଙ୍କୁ ଶିକ୍ଷା ପାଇଁ ପୂର୍ବରୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କ'ଣ ପ୍ରତିବନ୍ଧକ ଦ୍ୱାରା ଆମେ ସେମାନଙ୍କ ଜୀବନକୁ ଅଧିକ ଉନ୍ନତ କରୁଛୁ ? ଏହି ପ୍ରଶ୍ନ ମଧ ମୋ ମୁଣ୍ଡରେ ଚାଲିଥିଲା । ଏବେକାର ସବୁଠାରୁ ଭଲ କଥା ହେଉଛି ଯେ ସକାଳୁ ଝିଅମାନେ କାନ୍ଧରେ ନିଜ ସ୍କୁଲ ବ୍ୟାଗ ଧରି ଶିକ୍ଷାନୁଷ୍ଠାନକୁ ବାହାରୁଛନ୍ତି । ସେମାନେ ଆମର ଆଶା । ସେମାନେ ଆମର ଭବିଷ୍ୟତ । କିନ୍ତୁ ଏହା ବି ସତ ଯେ ଭାଇମାନଙ୍କ ତୁଳନାରେ ଭଉଣୀମାନେ ଶିକ୍ଷାଲାଭ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭାରତ ବିଭିନ୍ନ ପ୍ରାନ୍ତରେ ଝିଅମାନେ ସ୍କୁଲ ଯିବା ପୂର୍ବରୁ ଘରର କାମ କରୁଛନ୍ତି । କ'ଣ ଆମେ ସେମାନଙ୍କ ଜୀବକୁ ଏହି ପ୍ରସଙ୍ଗରେ ଯୋଡ଼ି ଅଧିକ ଉନ୍ନତ କରୁଛୁ ? ଅନ୍ୟପକ୍ଷରେ ଜଷ୍ଟିସ ହେମନ୍ତ ଗୁପ୍ତା ହିଜାବ ବ୍ୟାନ ବିରୋଧରେ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରିଛନ୍ତି । ସେ କହିଛନ୍ତି, ଧର୍ମନିରପେକ୍ଷତା ସବୁ ନାଗରିକଙ୍କ ପାଇଁ ଲାଗୁ । ତେଣୁ ଗୋଟିଏ ଧର୍ମର ଲୋକଙ୍କୁ ଧାର୍ମିକ ପୋଷାକ ପରିଧାନ କରିବାକୁ ଅନୁମତି ଦେବା ଧର୍ମନିରପେକ୍ଷତା ପ୍ରତି ଧକ୍କା । ଶ୍ରେଣୀ ଗୃହରେ ଧାର୍ମିକ ପୋଷାକ ପରିଧାନ କରିବାକୁ ଅନୁମତି ଦେଲେ ସାମ୍ବିଧାନିକ ମୂଲ୍ୟବୋଧର ପରାଜୟ ହେବ । ସରକାରଙ୍କ ଦ୍ୱାରା ପରିଚାଳିତ ସ୍କୁଲରେ ସବୁ ଧର୍ମ, ଜାତି, ବର୍ଣ୍ଣ ଓ ଭାଷା ନିର୍ବିଶେଷରେ ପିଲାମାନଙ୍କ ନାମଲେଖାଇବାକୁ ଅନୁମତି ରହିଛି । ବାଧ୍ୟତାମୂଳକ ଭାବେ କୌଣସି ବି ସ୍ଥିତିରେ ପିଲାଙ୍କୁ କେହି ନାମା ଲେଖାଇବାକୁ ବାରଣ କରିପାରିବେ ନାହିଁ । ତେଣୁ ପିଲାମାନଙ୍କୁ ମଧ ସ୍କୁଲର ଶୃଙ୍ଖଳା ମାନିବାକୁ ପଡ଼ିବ । ବିଶେଷ କରି ୟୁନିଫର୍ମ ନିୟମକୁ ସେମାନେ ମାନିବେ । ସରକାରୀ ପାଣ୍ଠିରେ ପରିଚାଳିତ ଧର୍ମନିରପେକ୍ଷ ସ୍କୁଲରେ ଧର୍ମର ସଙ୍କେତକୁ ଅନୁମତି ଦିଆଯାଇ ପାରିବ ନାହିଁ । ଧାର୍ମିକ ପୋଷାକ ପରିଧାନ କରିବାର ଅଧିକାର ସମସ୍ତଙ୍କର ରହିଛି । କିନ୍ତୁ ସରକାରୀ ଅନୁଷ୍ଠାନରେ ମଧ କିଛି ନିର୍ଦ୍ଦିଷ୍ଟ ସୀମା ରହିଛି । ତେଣୁ ଏହାକୁ ଅଣଦେଖା କରାଯାଇ ପାରିବ ନାହିଁ ।

### ବିଭାଜନର ଆଭାସ ...

ସଞ୍ଜିବ ମଲ୍ଲିକ ଆଦିଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନଙ୍କର ଅପରିପକ୍ୱ ଗୋଟିଚାଳନା ଯୋଗୁ ରାଜେନ୍ଦ୍ର ବିଜେଡି ପ୍ରାର୍ଥୀ ହୋଇପାରିନଥିବା ଜଣାପଡ଼ିଛି । ଅବଶ୍ୟ ରାଜେନ୍ଦ୍ରଙ୍କୁ ଭୁବନେଶ୍ୱର ଡାକି ମନାଇବାକୁ ପ୍ରୟାସ କରାଯାଇଥିଲେ ମଧ ୨୦୧୪ ନିର୍ବାଚନରେ ଟିକେଟରୁ ବଞ୍ଚିତ କରାଯିବା, ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କୁ ହରାଇବାକୁ ଚକ୍ରାନ୍ତ ହେବା ଭଳି ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ସେ ବିଜେଡିର କିଛି ବରିଷ୍ଠ ନେତାମାନଙ୍କ ପରାମର୍ଶରେ ବିଦ୍ରୋହୀ ପ୍ରାର୍ଥୀ ଭାବେ ଉପନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ସୂଚନା ମିଳିଛି । ବିଶେଷକରି ରାଜେନ୍ଦ୍ରଙ୍କ ସହ ଗତ କିଛିବର୍ଷ ଧରି ଭଦ୍ରକ ସାଂସଦଙ୍କ ପତି ମୁକ୍ତିକାନ୍ତ ମଣ୍ଡଳ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଛକାପଞ୍ଝା ଚାଲିଥିବାରୁ ତାଙ୍କୁ ପ୍ରାର୍ଥୀ ନକରାଇ ଦେବାକୁ ବିରୋଧୀ ଗୋଷ୍ଠୀ ସକ୍ରିୟ ହୋଇପଡ଼ିଥିଲା । ଆଉ ତୋଷାମଦକାରୀ ଅନଭିଜ୍ଞ ନେତାମାନଙ୍କ କଥାରେ ବିଜେଡି ନେତୃତ୍ୱ ଧାମନଗର ଉପନିର୍ବାଚନରେ ରାଜେନ୍ଦ୍ରଙ୍କୁ ପ୍ରାର୍ଥୀ କରିବା ନିଷ୍ପତ୍ତିରୁ ଓହରି ଯାଇଥିଲେ । ଯଦିଓ ଏହି ଆସନରେ ପ୍ରାର୍ଥୀ ହେବା ନେଇ ରାଜେନ୍ଦ୍ରଙ୍କୁ ଗତ କିଛିଦିନ ହେଲା ଦଳ ପକ୍ଷରୁ ବାରମ୍ବାର ଆଶ୍ୱସ୍ତ କରାଯାଉଥିଲା ବୋଲି ଜଣାପଡ଼ିଛି । ଅନ୍ୟପଟେ ରାଜେନ୍ଦ୍ର ନାମାଙ୍କନ ପତ୍ର ଦାଖଲ କରିବା ପରେ ଦଳର ମାମଲାତି କରୁଥିବା କିଛି ଅନଭିଜ୍ଞ ନେତାମାନଙ୍କୁ ଶକ୍ତ ଚାପୁଡ଼ା ଲାଗିଛି । ନିଜସ୍ୱ ଅହଙ୍କାରକୁ ପୂର୍ତ୍ତି କରିବା ନିମନ୍ତେ ୪-୫ଜଣ ହାତଗଣତି ନେତା ଏବେ ବିଜେଡି ନେତୃତ୍ୱଙ୍କୁ ବିଭ୍ରାନ୍ତ କରି ଦଳକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି । ଉପରକୁ ସବୁ ଠିକ୍ ଦିଶୁଥିଲେ ମଧ ଦଳ ଏବେ ବିପର୍ଯ୍ୟୟ ଆଡ଼କୁ ମୁହାଁଇବାରେ ଲାଗିଛି । ପ୍ରଥମଥର ପାଇଁ ଗୋଟିଏ ଉପନିର୍ବାଚନରେ ମାତ୍ର ୨ଟି ଜିଲ୍ଲାର ନେତାମାନଙ୍କୁ ସାମିଲ କରାଯାଇଛି । ଚର୍ଚ୍ଚା ହେଉଛି, ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ପରାମର୍ଶଦାତାଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ଦଳୀୟ ନେତାଙ୍କ ପକ୍ଷେ ସମ୍ଭବପର ନଥିବାରୁ ତା'ର ସୁଯୋଗ ନେଇ କିଛି ତୋଷାମଦକାରୀ ଅନଭିଜ୍ଞ ନେତା ବିଜେଡିକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି । ଆଉ ସେମାନଙ୍କ ଉପରେ ଭରସା କରି ବିଜେଡି ନେତୃତ୍ୱ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ଦଳ ପାଇଁ ବୁମେରାଂ ହେବାରେ ଲାଗିଛି । ଯଦି ସଂଗଠନକୁ ଚଳାଇବା ନିମନ୍ତେ ଏହି ମନମୁଖୀ ପରିଚାଳନାର ଧାରା ବଜାୟ ରୁହେ ଓ ବରିଷ୍ଠ ତଥା ଅଭିଜ୍ଞ ନେତାମାନଙ୍କୁ ଅଣଦେଖାର ସମ୍ମୁଖୀନ ହେବାକୁ ପଡ଼େ, ତା'ହେଲେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନବେଳକୁ ବିଜେଡି ବିଭାଜନର ଦ୍ୱାରଦେଶରେ ପହଞ୍ଚି ସାରିଥିବ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ।

### ଦେଶକୁ ଉପଯୋଗୀ ...

ପ୍ରାୟ ୧୫ ହଜାର ଚେକଡ୍ୟାମ ନିର୍ମାଣ ସରିଥିବା ବେଳେ ଏହାର ଜିଓ-ଟ୍ୟାଗିଂ କାର୍ଯ୍ୟ ମଧ ସମାପ୍ତ ହୋଇଛି । ଆଗାମୀ ଦିନରେ ଆଉ ୧୨୮୦ ଚେକଡ୍ୟାମ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହିକ୍ରମରେ ୨୦୨୨ ଶେଷ ସୁଦ୍ଧା ରାଜ୍ୟରେ ୪୫୦ଟି ଚେକ ଡ୍ୟାମ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହାଦ୍ୱାରା ରାଜ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ଜଳସେଚନ ଏବଂ ଭୂତଳ ଜଳ ସଂରକ୍ଷଣ ସହଜସାଧ ହୋଇପାରିବ ବୋଲି କୁହାଯାଉଛି । ତୃତୀୟ ଯୋଜନା ଭାବେ କେନ୍ଦ୍ର ସରକାର ଅରୁଆ ଏବଂ ଛତା ଯୋଜନା ବିଷୟରେ ମଧ ନିର୍ଦ୍ଦିଷ୍ଟ ଫର୍ମାଟରେ ବିସ୍ତୃତ ତଥ୍ୟ ଦେବାକୁ କହିଛନ୍ତି । ଅରୁଆ ଯୋଜନା ଅଧିନରେ ରାଜ୍ୟର ଯେଉଁ ବ୍ଲକଗୁଡ଼ିକରେ ଭୂତଳ ଜଳସ୍ତର ଏବଂ ମାନ କମୁଛି ରାଜ୍ୟ ସରକାର ସେଠାରେ କୃତ୍ରିମ ରିଚାର୍ଜ ପ୍ରଣାଳୀର ଉପଯୋଗ କରିବାକୁ ମନସ୍ଥ କରିଛନ୍ତି । ଏଥିପାଇଁ ପ୍ରାରମ୍ଭିକ ଭାବେ ୩୨ଟି ବ୍ଲକକୁଚିହ୍ନଟ କରାଯାଇଥିବା ବେଳେ ଆଗାମୀ ୫ ବର୍ଷରେ ମୋଟ ୨୪୦୦ଟି ପ୍ରକଳ୍ପ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ବର୍ଷା ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ଏକ ନୂତନ ଯୋଜନା ଯୋଜନା 'ଛତା'ର ଆରମ୍ଭ କରିଛନ୍ତି । କମ୍ୟୁନିଟି ହାର୍ନେସିଙ୍ଗ ଏଣ୍ଡ ହାର୍ଭେଷ୍ଟିଙ୍ଗ ରେନୱାଟର ଆର୍ଟିଫିସିଆଲି ଫ୍ରମ ଟେରାସ ଟୁ ଆକ୍ୱିଫାୟର' ଯୋଜନାରେ ବର୍ଷା ଜଳ ଅମଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ଗତ ଅଗଷ୍ଟ ମାସରେ ମଞ୍ଜୁର ଦେଇସାରିଛି । ଏହି ଯୋଜନାରେ ୨୯ ୫୦୦ ଟି ବ୍ୟକ୍ତିଗତ କୋଠା ଏବଂ ୧୯୨୫ଟି ସରକାରୀ କୋଠାରେ ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ୫୨ଟି ବ୍ଲକ ଏବଂ ୨୭ଟି ସହରାଞ୍ଚଳରେ ଆଗାମୀ ୫ବର୍ଷ ପାଇଁ ପ୍ରକଳ୍ପ ପାଇଁ ୨୭୦ କୋଟି ଖର୍ଚ୍ଚ କରାଯିବ । ଏହି ଯୋଜନାଗୁଡ଼ିକ ରାଜ୍ୟରେ ବର୍ଷାଜଳ ଅମଳ ଏବଂ ସଂରକ୍ଷଣ ଦିଗରେ ବିରାଟ ସମ୍ଭାବନା ସୃଷ୍ଟି କରିଥିବା ବେଳେ ଆଗାମୀ ଦିନରେ ଏପରି ଯୋଜନା ଅନ୍ୟ ରାଜ୍ୟମାନଙ୍କରେ ଦେଖିବାକୁ ମିଳିପାରେ ।

# ଗଞ୍ଜାମର ଲୋକଧର୍ମ ଓ ବିଶ୍ୱାସର ପ୍ରକାଶକ୍ଷେତ୍ର: ଓଷାକୋଠି



ଡକ୍ଟର ମନୋରଞ୍ଜନ ବିଷୋୟୀ





ସୌନ୍ଦର୍ଯ୍ୟ ପିପାସା ମନୁଷ୍ୟର ସହଜାତ ପ୍ରବୃତ୍ତି । ଏହି ପ୍ରବୃତ୍ତିରୁ ହିଁ ମନୁଷ୍ୟର ମାନସିକ ବିକାଶ ଏବଂ କଳାସୃଷ୍ଟି ସମ୍ଭବପର ହୋଇପାରିଛି । ଆଦିମ ମଣିଷ ସର୍ବପ୍ରଥମେ ଆରଣ୍ୟକ ସଭ୍ୟତା ସହିତ ପରିଚିତ ହୋଇଥିଲା । ଏହି ଆରଣ୍ୟକ ସଭ୍ୟତା ମଧ୍ୟରେ ବସବାସ ସମୟରେ ଯେଉଁ ସବୁ ରମଣୀୟ ଦୃଶ୍ୟ ଦେଖିବାକୁ ପାଇଥିଲା, ସେଥିରେ ସେ କେବଳ ମୁଗ୍ଧ ହୋଇଥିଲା ତାହା ନୁହେଁ, ତାହା ମଧ୍ୟରୁ କୋମଳ ମାନବିକ ପ୍ରବୃତ୍ତି ଗୁଡ଼ିକର ମଧ୍ୟ ବିକାଶ ସମ୍ଭବପର ହୋଇ ପାରିଥିଲା । ଆଦିମ ମଣିଷ ଯେଉଁ ସବୁ ଦୃଶ୍ୟ ଦେଖିବାକୁ ପାଇଲା, ସେସବୁ ଦୃଶ୍ୟର ଅନୁକରଣ କରି ନିଜ ଅଲକ୍ଷ୍ୟରେ ଅନ୍ୟର ଚିତ୍ତ ବିନୋଦନ ପାଇଁ ପ୍ରୟାସ କରିବା ଆରମ୍ଭ କରିଥିଲା । ତେଣୁ ଏହି ଅନୁକରଣର ପ୍ରାଥମିକ ପ୍ରୟାସରୁ ହିଁ ଆମ ନୃତ୍ୟ ପରମ୍ପରାର ଆରମ୍ଭ ବୋଲି ମନେ କରାଯାଏ ।

ଏହି ନୃତ୍ୟ ପରମ୍ପରାକୁ ଅନୁଧ୍ୟାନ କଲେ ପ୍ରତ୍ୟୟ ହୁଏ, ଏହି ନୃତ୍ୟ ପରମ୍ପରାର ବିକାଶ ପରିପ୍ରେକ୍ଷୀରେ ଗଂଜାମର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଗଂଜାମ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଏହି ନୃତ୍ୟ ପରମ୍ପରା ବିକାଶରେ ସହାୟକ ହୋଇଥାଏ । ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ଏହି ତିନୋଟି ସଭ୍ୟତାର ସମ୍ମିଳିତ ରୂପ ଏଠାରେ ବିଦ୍ୟମାନ । ଏସବୁ ଦୃଷ୍ଟିରୁ ବିଚାର କଲେ ପ୍ରତ୍ୟୟ ହୁଏ ଗଞ୍ଜାମ ହିଁ ହେଉଛି ନୃତ୍ୟ ପରମ୍ପରା ଆଦି ବିକାଶର ଶ୍ରେଷ୍ଠ ସ୍ଥାନ । ସଂକ୍ଷେପରେ କହିଲେ ଗଞ୍ଜାମର ଏହି ନୃତ୍ୟ ପରମ୍ପରା; ଦ୍ରାବିଡ଼, ଆର୍ଯ୍ୟ ଓ ଶବର ଏହି ତିନୋଟି ସଭ୍ୟତାର ସମ୍ମିଳନରୁ ଜନ୍ମ । ଯେଉଁଥିରେ ଭରି ରହିଥାଏ ମଣିଷର ଆଶା-ଆକାଂକ୍ଷା, ସୁଖ-ଦୁଃଖ, ଆଚାର-ବ୍ୟବହାର, ସଂସ୍କାର-କୁସଂସ୍କାର । ଏସବୁର ସଫଳ ରୂପାୟନ ହେଉଛି ଆମ ଲୋକନୃତ୍ୟ । ଯାହା ଆଦର୍ଶବାଦ, ଭୋଗବାଦ, ଯୁଦ୍ଧବିଗ୍ରହ ଓ ଧାର୍ମିକ କଥାବସ୍ତୁକୁ ନେଇ ପରିପୁଷ୍ଟତା ଲାଭ କରିଅଛି ।

ଏ ପରିପ୍ରେକ୍ଷୀରେ କହିରଖେ ଗଞ୍ଜାମ ଅଞ୍ଚଳର ସାଂସ୍କୃତିକ ପୃଷ୍ଠଭୂମି ମଧ୍ୟ ମହାନ୍ । ସଂସ୍କୃତି ହେଉଛି ଗୁଣାତ୍ମକ ସ୍ପୃହା, ବ୍ୟକ୍ତିଗତ ଓ ସାମୂହିକ ଜୀବନ ଆବିଷ୍କାରର ପ୍ରେରଣା । ଗଞ୍ଜାମବାସୀଙ୍କ ଆଧ୍ୟାତ୍ମିକ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ; ଯାନି-ଯାତ୍ରା, ଓଷା, ପର୍ବପର୍ବାଣି ଆଦି ପାଳନ ଅବସରରେ ସେମାନେ ନିଜର ଧାର୍ମିକ ଚେତନାକୁ ଉଦ୍‌ବୁଦ୍ଧ କରିଥାନ୍ତି । ଏହା ସହ ଗଞ୍ଜାମବାସୀଙ୍କ କଳା, ସାହିତ୍ୟ ଓ ସଂସ୍କୃତିକୁ ପରିପୁଷ୍ଟ କରିବାରେ ଏହା ସହାୟକ ହୋଇଥାଏ । ବାସ୍ତବିକ ଏହି ଯାନିଯାତ୍ରା ପରମ୍ପରା ହେଉଛି ଲୋକସଂସ୍କୃତିର ବାସ୍ତବ ବାର୍ତ୍ତାବହ । ଏହି ପରମ୍ପରା ଗୀତ, ବାଦ୍ୟ ଓ ଅଭିନୟ ମାଧ୍ୟମ ଦେଇ ଲୋକ ଜୀବନର ଚାଲିଚଳଣି, ଆଚାର ବିଚାର, ଧର୍ମଧାରରାକୁ ମାର୍ଜିତ ଓ ଶୃଙ୍ଖଳିତ କରିଥାଏ ।

ଏହି ଧାରାରେ 'ଓଷାକୋଠି'କୁ ଏଠାରେ ଅନୁଧ୍ୟାନ କରାଯାଇପାରେ। ଗ୍ରାମବହୁଳ ଗଞ୍ଜାମର ପୁରପଲ୍ଲୀରେ ପାଳନ ହୋଇ ଆସୁଥିବା ବିଭିନ୍ନ ଓଷା ଓ ବ୍ରତ ମଧ୍ୟରୁ 'ଓଷାକୋଠି' ଅନ୍ୟତମ। ଏହାକୁ 'କୋଠିଓଷା' ବା 'କୋଠିଶାଳ' ମଧ୍ୟ କୁହାଯାଏ। ଏହି 'ଓଷାକୋଠି' ପାଳନ ସମ୍ପର୍କରେ ଏକ କିମ୍ବଦନ୍ତୀ ଲୋକମୁଖରେ ପ୍ରଚଳିତ ଥିବା ଦେଖାଯାଏ।

ଏକଦା ପାଣ୍ଡବ ପାଞ୍ଚଭାଇ ସ୍ୱର୍ଗାରୋହଣ ପାଇଁ ଯିବା ସମୟରେ ଅବନ୍ତୀନଗରର ଜଣେ ବ୍ରାହ୍ମଣଙ୍କ ପିଣ୍ଡାରେ ଆଶ୍ରୟ ନେଇଥିଲେ। ସେହି ରାତ୍ରିରେ ବ୍ରାହ୍ମଣଙ୍କ ପରିବାରରେ ପିଲାଟିଏ ଜନ୍ମ ହେଲା। ସେମାନେ ଖୁସି ହେବା ପରିବର୍ତ୍ତେ କାନ୍ଦିବାକୁ ଲାଗିଲେ। ପାଣ୍ଡବମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବୁଝିଲେ ପିଲାଟିଏ ଜନ୍ମ ହେଲେ ରାତିଟିଏ ମଧ୍ୟ ବଞ୍ଚିପାରେନାହିଁ। ଏହା ଶୁଣି ପାଣ୍ଡବ ପାଞ୍ଚଭାଇ ସେମାନଙ୍କ ପ୍ରତି ଦୟାଭାବ ପୋଷଣ କରି ଏହାର ପ୍ରତିକାର ପାଇଁ ସ୍ଥିର କଲେ। ନିଜେ ଅର୍ଜୁନ ଶରବିନ୍ଧି ଏକ ଶରକୋଠି ଓ ଶର ଛାମୁଣ୍ଡିଆ ନିର୍ମାଣ କରି ଧନୁ ଧରି ଯମଦେବତାଙ୍କୁ ଜଗି ରହିଲେ। ତେଣୁ ଯମଦୂତମାନେ ଘରେ ପ୍ରବେଶ କରି ନପାରି ସେଠାରୁ ଫେରିଗଲେ। ସ୍ୱୟଂ ଯମଦେବତା ଆସି ସେଠାରେ ପାଣ୍ଡବମାନଙ୍କୁ ଦେଖି ଖୁସି ହୋଇ, ବର ମାଗିବାକୁ କହିଲେ। ଏହାପରେ ପାଣ୍ଡବମାନେ ବରମାଗିଲେ - ଆଜିଠାରୁ ଏହି କୋଠିରେ ଓଷା କଲେ ମୃତବତ୍ସା ଦୋଷ ଦୂର ହେବ। ଅପୁତ୍ରିକ ପୁତ୍ର ପାଇବ ଓ ସୌଭାଗ୍ୟ ବୃଦ୍ଧି ହେବ । ସେହିଦିନଠାରୁ ଏହି ଓଷା, ଓଷାକୋଠି ନାମରେ ଖ୍ୟାତିଲାଭ କଲା।

ବାସ୍ତବିକ୍ କହିବାକୁ ଗଲେ ସମାଜ ସଦାସର୍ବଦା ଦୁଇଟି ଶ୍ରେଣୀକୁ ନେଇ ଗଢ଼ିଉଠିଥାଏ। ଗୋଟିଏ ହେଲା ପରିପୋଷିତ ଅନ୍ୟଟି ପରିପୋଷକ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ପରିପୋଷିତ ସଦାସର୍ବଦା ପରିପୋଷକଙ୍କ ଉପରେ ନିର୍ଭରଶୀଳ ହେଲେ ହେଁ ପୋଷକ ଗୋଷ୍ଠୀ ସଦାସର୍ବଦା ଅବହେଳିତ ହୋଇ ଆସୁଅଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବ୍ରାହ୍ମଣମାନଙ୍କ ଜାତି ଯେଉଁ ଅଭିପ୍ରାୟ ନେଇ ଗଢ଼ିଉଠିଥିଲା; ସେଥିରୁ ସେମାନଙ୍କର ବିଚ୍ୟୁତି ଘଟିଲା। କ୍ରମେ ବ୍ରାହ୍ମଣମାନେ କଠୋରରୁ କଠୋରତର ହୋଇଉଠିଲେ। ଏହା ସହ ସମଗ୍ର ସମାଜକୁ ନିୟନ୍ତ୍ରିତ କରିବାକୁ ବସିଲେ। ଫଳସ୍ୱରୂପ ଇତର ଜାତି ଭାବେ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ଛୋଟିଆ ଜାତିମାନେ, ବେଦାଧିକାର, ଶିକ୍ଷାଧିକାର, ଉପାସନା ଅଧିକାର ଆଦି ହରାଇବା ଫଳରେ ସେମାନେ ପ୍ରତିକ୍ରିୟାଶୀଳ ହୋଇଉଠିଲେ। ଏହା ସହ ସମାଜରେ ପୋଷିତ ଗୋଷ୍ଠୀ ଯେଉଁ ସବୁ ଯାନି, ଯାତ୍ରା, ଧର୍ମ, ଆରାଧନା କରୁଥିଲେ ସେଥିରେ ପୋଷକ ଗୋଷ୍ଠୀର କୌଣସି ଭାଗ ନଥିଲା। କେତେକ ପୋଷକ ଗୋଷ୍ଠୀ ଅଛବ ଶ୍ରେଣୀଭୁକ୍ତ ହୋଇଥିବାରୁ, ବ୍ରାହ୍ମଣମାନେ ସେମାନଙ୍କଠାରୁ ଦୂରେଇ ରହିବା ଫଳରେ, ସେମାନେ ନିଜ ସମ୍ପ୍ରଦାୟ ମଧ୍ୟରୁ ପୂଜକ, ପୁରୋହିତ ଆଦି ସୃଷ୍ଟି କଲେ ଏବଂ ସେମାନେ ନିଜ ଶ୍ରେଣୀ ମଧ୍ୟରେ ହିଁ ସେମାନଙ୍କର ଲୋକବିଦ୍ୟା, ଲୋକକଳା, ଲୋକନାଟକମାନ ସୃଷ୍ଟି କରିବାକୁ ଲାଗିଲେ। 'ଓଷାକୋଠି' ହେଉଛି ଏଭଳି ଏକ ପ୍ରତିକ୍ରିୟାରୁ ସୃଷ୍ଟିଲାଭ କରିଥିବା ଏକ ପରମ୍ପରା। ଏଥିରେ ପୁରୋହିତ, ବ୍ରାହ୍ମଣ ଆଦିଙ୍କ ଆବଶ୍ୟକତା ପଡ଼େନାହିଁ ଏବଂ ଏହାର ପରିବେଷଣରେ ଉଚ୍ଚବର୍ଗଙ୍କ କୌଣସି ଆବଶ୍ୟକତା ନଥାଏ। ଏହାସହ କୌଣସି ଶାସ୍ତ୍ରୀୟ ଉପାସନା ପଦ୍ଧତିର ଆବଶ୍ୟକତା ନଥାଏ। ଏହି 'ଓଷାକୋଠି'ରେ ଭରି ରହିଥାଏ ଗଭୀର ଭକ୍ତି ଓ ବିଶ୍ୱାସ। ପୋଷକ ଗୋଷ୍ଠୀ ସଦାସର୍ବଦା ନିଜକୁ କୃଷିକାର୍ଯ୍ୟରେ ନିୟୋଜିତ ରଖିଥାଏ। ତା'ପାଖରେ ନିଶ୍ୱାସ ମାରିବାକୁ ମଧ୍ୟ ସମୟ ନଥାଏ। ତେଣୁ ସେ 'ଓଷାକୋଠି' ଓଷା କରିବାକୁ ସମୟ ପାଏନାହିଁ। ଫଳତଃ ଆଶ୍ୱିନ ମାସ ବେଳକୁ ରୁଆବେଉସା ଶେଷ ହୋଇଥାଏ ଏବଂ ଧାନ କାଟିବା ସମୟ ଆସିନଥାଏ। ପୋଷକଗୋଷ୍ଠୀଙ୍କ ଏହି ବିଶ୍ରାମ ସମୟରେ ହିଁ 'ଓଷାକୋଠି'ର ଆୟୋଜନ କରାଯାଇଥାଏ। ଏହି ପୋଷାକଗୋଷ୍ଠୀ ମଧ୍ୟରୁ ଗାଆଣ; ପୂଜା ଆରାଧନା ସମୟରେ ଗାଁ ପୁରାଣପଣ୍ଡା ଓ ବିଜ୍ଞଜନଙ୍କଠାରୁ ଶୁଣିଥିବା ପୁରାଣ କଥାର ଖିଅ ଧରି ତାଙ୍କୁ ପ୍ରଶ୍ନୋତ୍ତର ଛଳରେ ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଏ। ଏହି ପ୍ରଶ୍ନୋତ୍ତରଧାରା ହେଉଛି ବାସ୍ତବରେ ଅବହେଳିତ ପ୍ରତିଭାର ପ୍ରକାଶ ପାଇଁ ପ୍ରକୃଷ୍ଟ ମାଧ୍ୟମ। ଏହା ଜ୍ୱଳନ୍ତ ଉଦାହରଣ ହେଉଛି ଏହି ଅବହେଳିତ ପରିବେଶରୁ ସୃଷ୍ଟି ଲାଭ କରିଥିବା ଗାହାଣ।

ବସ୍ତୁତଃ କହିବାକୁ ଗଲେ ସର୍ବଶକ୍ତିମୟୀ ମା'ର 'ଓଷାକୋଠି' ଆରାଧନା ସମୟସୀମା ହେଉଛି ଶରତଋତୁ। ଏହି ଋତୁରେ ପୋଷିତ ଗୋଷ୍ଠୀମାନଙ୍କର ମଧ୍ୟ ବିଭିନ୍ନ ଦେବୀପୀଠରେ ଦେବୀ ଆରାଧନା ହୁଏ। ବ୍ରାହ୍ମଣ ଶାସନମାନଙ୍କରେ ଦେବୀପୀଠ ଓ ରାଜାମାନଙ୍କ ନଗରରେ ସ୍ଥାନ ପାଉଥିବା ଦେବୀପୀଠରେ ବିଭିନ୍ନ ପ୍ରକାର ପୂଜାର ଆୟୋଜନ କରାଯାଇଥାଏ। ଶୟନାଷ୍ଟମୀ ଠାରୁ ଦେବୀ ପନ୍ଦରଦିନ ପର୍ଯ୍ୟନ୍ତ ଶୟନ କରି ଆଶ୍ୱିନ କୃଷ୍ଣାଷ୍ଟମୀ ଦିନ ଜାଗ୍ରତ ହୁଅନ୍ତି ଏବଂ ସେହିଦିନ ଠାରୁ ଆଶ୍ୱିନ ଶୁକ୍ଳ ନବମୀ ଯାଏଁ ଦେବୀ ମା'ଙ୍କ ପୂଜା ଆରାଧନା ଯାକଜକମରେ ଆୟୋଜନ କରାଯାଇଥାଏ। ଏହି ଋତୁରେ ପୋଷିତମାନଙ୍କ ଭଳି ପୋଷକମାନେ ମଧ୍ୟ ଆୟୋଜନ କରିଥାନ୍ତି ମା'ମଙ୍ଗଳା ପୂଜା ବା ଓଷା ଯାହା 'ଓଷାକୋଠି' ନାମରେ ନାମିତ। ଏହି 'ଓଷାକୋଠି' ଉପାସନର ଅନ୍ତରାଳରେ ରହିଛି ସମସ୍ତ ଆପତ୍ତି ବିପତ୍ତିରୁ ଉଦ୍ଧାର ଓ ସନ୍ତାନ କାମନା। ଏହି 'ଓଷାକୋଠି' ଉତ୍ସବ ବ୍ୟବସାପେକ୍ଷ ହୋଇଥିବାରୁ, କେତେକ ସ୍ଥଳେ ପୋଷକ ଗୋଷ୍ଠୀ ଭାଦ୍ରବ ଶୁକ୍ଳ ଅଷ୍ଟମୀଠାରୁ ମଙ୍ଗଳା ଠାକୁରାଣୀଙ୍କ ପଞ୍ଚମୁଖୀ ଘଟ ମସ୍ତକରେ ଧରି, ଗ୍ରାମ ଗ୍ରାମ ବୁଲି ନୃତ୍ୟର ଆୟୋଜନ କରିଥାନ୍ତି। ଏହି ଘଟରେ ପଞ୍ଚାମୃତ ଜଳ ରଖାଯାଇଥାଏ। ଘଟର ମୁଖ୍ୟଦ୍ୱାରକୁ ନଡ଼ିଆ ପତ୍ରକାଠିରେ ମନ୍ଦାର, କନିଅର ଓ କଇଁଫୁଲ ଆଦିରେ ମଣ୍ଡନ କରାଯାଇଥାଏ। ଏହା ଦେଖିବାକୁ ଖୁବ୍ ମନୋହର ହୋଇଥାଏ ଏବଂ ଏହି ଘଟର ଶୋଭାବର୍ଦ୍ଧନ କରେ ଘଟ ଉପରେ ଖୋସାଯାଇଥିବା ଲାଲ୍ ଓ କଳା କନାର ପତାକା। ଏହି ଘଟକୁ ଜଣେ ସ୍ତ୍ରୀବେଶଧାରୀ ପୁରୁଷ, ମସ୍ତକରେ ଧାରଣ କରି ଗଦ୍ୟାକୃତି ସ୍ତୁତି ଓ ଭଜନକୁ ମନୋରମ ଛନ୍ଦରେ ଗାଇ ଦୃଶ୍ୟାଭିନୟ କରିଥାଏ। ଏହାର ଦୃଷ୍ଟାନ୍ତ-

"ନମସ୍ତେ ମଙ୍ଗଳାମାଗୋ ନମସ୍ତେ ହରଚଣ୍ଡୀ
ତୋତେ ସୁମରିଲେ ମାଗୋ, ଦୁର୍ଗତି ହୋଏ ଖଣ୍ଡି।"

ଏହି ନୃତ୍ୟ ସମୟରେ ତାଳ ଓ ଲୟରେ ବାଦ୍ୟ, ମହୁରୀ, ଝାଞ୍ଜ ଆଦି ବାଜିଥାଏ। ଏହି ନୃତ୍ୟଦ୍ୱାରା ପଲ୍ଲୀପ୍ରାଣୀଙ୍କ ମନ ଚିରଚଞ୍ଚଳ ହୋଇଉଠେ। ଏଥିରୁ ମିଳୁଥିବା ଅର୍ଥ 'ଓଷାକୋଠି' ଅନୁଷ୍ଠାନରେ ବିନିଯୋଗ କରାଯାଇଥାଏ।

ଅଶ୍ୱିନୀ ଶୁକ୍ଳ ନବମୀ ସନ୍ଧ୍ୟା ସୁଦ୍ଧା ଏହି ବ୍ରତ ପାଳନ ପାଇଁ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଗୃହକାନ୍ଥରେ ଚିତ୍ର ଅଙ୍କନ କରାଯାଏ। ଏହି ଚିତ୍ରଗୁଡ଼ିକ ମଧ୍ୟରେ ଶିବ, କାଳୀ, ଦୁର୍ଗା, ବନଦୁର୍ଗା, ଗଙ୍ଗାଦେବୀ, ବ୍ୟାଘ୍ରଦେବୀ, ବାଙ୍କେଶ୍ୱରୀ, ଜାମକୋଳି ଅଳସୁଆ, ଗଜାଭୀମ, ଗାଆଣା, ପାଳିଆ, ଭଗବତୀ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ଦ୍ରୌପଦୀ, ଇନ୍ଦ୍ର, ହନୁମାନ, ଅଗ୍ନିକୁମାରୀ, ରାମ, ଲକ୍ଷ୍ମଣ, ସୀତା, ଧୋବା, ଧୋବଣୀ, କଳାପାଟ, ଫୁଲସୁନ୍ଦରୀ, ଗଉଡ଼, ଗଉଡୁଣୀ, ଅନନ୍ତ, ବାସୁକୀ, ସିଂହ, ହସ୍ତୀ, ହଂସ, କାମଧେନୁ ଭଳି ଅନେକ ଚିତ୍ର ଦେଖିବାକୁ ମିଳେ। ଏହି ସମସ୍ତ ଚିତ୍ର ଭିତରେ ମା'ମଙ୍ଗଳାଙ୍କୁ ଉପଲବ୍ଧ କରାଯାଇଥାଏ।

ଦଶମୀ ଦିନ ବ୍ରତଧାରୀ ଓ ଭକ୍ତମାନେ ବାଦ୍ୟ, ବାଜଣା ସହ ଶୋଭା ଯାତ୍ରାରେ ଗ୍ରାମଠାକୁରାଣୀଙ୍କ ମାଜଣା ଓ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଧରି, କୋଠିସ୍ଥାନକୁ ଫେରନ୍ତି। ସେଠାରେ ଏକ ପଞ୍ଚମୁଖୀ ଓ ଏକମୁଖୀ କୁମ୍ଭ ସ୍ଥାପନ କରି ଭକ୍ତ ଏବଂ ଗାଆଣ ଭକ୍ତିପୂର୍ବକ ଦେବୀ ଆରାଧନା କରିଥାନ୍ତି। ଏହାପରେ ଗାଆଣ, ଶ୍ରୀୟା ଚଣ୍ଡାଲୁଣୀଙ୍କୁ ଆବାହନ କରିଥାନ୍ତି। ଏହି ଶ୍ରୀୟା ଚଣ୍ଡାଲୁଣୀ ଏ ଓଷାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେ ଏହି କୋଠିର ନାୟିକାଣୀ ଭାବରେ ପରିଚିତ। ସେ ଏକ ଭକ୍ତ ଦେହରେ ଆବିର୍ଭୂତା ହୋଇ ଦେବୀଙ୍କ ସ୍ଥାନ ମାଜଣା କରିଥାଏ।

ଏହାପରେ ଗାଆଣ -ସର୍ବମଙ୍ଗଳା, ଶୋଭାଙ୍ଗୀ, ଜାଳଭାଙ୍ଗୀ, ଗଜାଭୀମ, ବାଇଧରଙ୍କୁ କୋଠି ସ୍ଥାନକୁ ଆବାହନ କରନ୍ତି। ଏହି ପାଞ୍ଚଜଣ; ଗାଆଣ ଓ ଭକ୍ତ ଗହଣରେ ବାଦ୍ୟବାଜଣା ସହ ଅନ୍ୟାନ୍ୟ ପୂଜା ଉପକରଣ ସହ ମାଟିକଳସୀ ଆଦି ନେଇ ଗଙ୍ଗାଦେବୀଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ କୌଣସି ନଦୀ କିମ୍ବା ପୁଷ୍କରିଣୀ ପାଖରେ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଗଙ୍ଗାଦେବୀଙ୍କୁ ଆବାହନ ପୂର୍ବକ ସେହି ଜଳରେ ଗୁଆ, କଉଡ଼ି ଓ ତମ୍ବାପଇସା ନିକ୍ଷେପ କରିବା ସହ ତିନିଗୋଟି ନୂତନ କୁମ୍ଭରେ ଜଳ ଧରି କୋଠି ନିକଟକୁ ଫେରନ୍ତି। ଏହି ଅବସରରେ ଗଜାଭୀମ ଏକ ବାଉଁଶ ତାଟରେ ବାଲିଧରି ଆସିଥାନ୍ତି। କୋଠି







ଜାଗାଟି ବିଭିନ୍ନ ପ୍ରକାର ଫୁଲ, ଆମ୍ବତୋଣର ଆଦିରେ ଖୁବ୍ ସୁନ୍ଦର ଭାବରେ ସଜାଯାଇଥାଏ। କୁମ୍ଭଗୁଡ଼ିକୁ କୋଠି ନିକଟରେ ସ୍ଥାପନ କରି ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରାଯାଏ ଏବଂ ଏହି କୁମ୍ଭଗୁଡ଼ିକରେ ଗୁଆ, କଉଡ଼ି, ତମ୍ବା ପଇସା ଆଦି ରଖାଯାଇଥାଏ। କୁମ୍ଭ ଉପରେ ଆମ୍ବଡାଳ, ପୁଷ୍ପ ଆଦି ରଖାଯାଇଥାଏ । କୁମ୍ଭ ଆଗରେ ଏକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଏ। ଏହି ଦୀପଟି ଓଷା ଆରମ୍ଭ ଦଶମୀଠାରୁ ପୂର୍ଣ୍ଣିମା ଯାଏ, ଛଅଦିନ ଅହୋରାତ୍ର ଜଳାଇ ରଖାଯାଏ। ଚିତ୍ରିତ ଦେବୀପୀଠରେ ଟାଙ୍ଗୁଡ଼ିରେ ଦେବୀ ନିର୍ମାଣ କରି ଅଙ୍କୁରାରୋପଣ କ୍ରିୟା କରାଯାଏ । ଦେବଦେବୀ ଆବାହନ ସମୟରେ ଗାଆଣ ଏକ ଗମ୍ଭାରୀ କାଠ ନିର୍ମିତ ପିଢ଼ାରେ ବସି ମଙ୍ଗଳା ଏବଂ ଅନ୍ୟାନ୍ୟ ଦେବଦେବୀଙ୍କୁ ବନ୍ଦନା କରି, ଆବାହନ କରିଥାଏ। ଏଭଳି ଆବାହନ ଫଳରେ କେତେକ ଦେବଦେବୀ ପୁରୁଷମାନଙ୍କ ଦେହରେ ଉଭା ହୋଇ ନିଜ ପରିଚୟ ଦେଇ, 'ଓଷାକୋଠି'ର ଭଲମନ୍ଦ କଥା କହିଥାନ୍ତି। ଏହି ଦେବଦେବୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରିବା ସହ, କେହି କେହି ଗାଆଣକୁ ବିଭିନ୍ନ ପ୍ରକାର ପୁରାଣ ସମ୍ବଳିତ ପ୍ରଶ୍ନ କରିଥାନ୍ତି। ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଗାଆଣ ଗୀତ ମାଧ୍ୟମରେ ବୁଝାଇଥାଏ। ଏଭଳି ପ୍ରଶ୍ନୋତ୍ତର ରାତିତମାମ ଚାଲିଥାଏ। ଯେପରିକି-

ପ୍ରଶ୍ନ- ବର ଅଶ୍ୱତ୍ଥର ବିଭା ହେଲା କାହିଁ ପାଇ?

ଉତ୍ତର- "ବର ଅଶ୍ୱତ୍ଥ ଏ ବେନି ବିଷ୍ଣୁ ଶିବ ରୂପୀ
ବର ଜଟା କ୍ଷୀର ସରସ୍ୱତୀଙ୍କ ସ୍ୱରୂପୀ
ଅଶ୍ୱତ୍ଥ ଯେ ବିଷ୍ଣୁ ବୃକ୍ଷ ଏ ଅଟେ ପ୍ରମାଣ
ସରସ୍ୱତୀ ବରଜଟା ହେତୁ ବିଭା ଜାଣ ।
ବର ଅଶ୍ୱତ୍ଥର ବିଭା ଯେ ଜନ କରଇ
ଅନେକ ଜନ୍ମର ପାପ ତାର ନାଶ ଯାଇ ।"

ଏହାପରେ ପ୍ରତିପଦା ଦିନ ବିସର୍ଜନ ଉତ୍ସବ ଅନୁଷ୍ଠିତ ହୁଏ। ଏହି ବିସର୍ଜନ ଅବସରରେ ଗାଆଣ ଜଣେ ବ୍ୟକ୍ତି ଦେହରେ ମା'ମଙ୍ଗଳାଙ୍କୁ ଉଭା କରାଇଥାଏ। ମା'ମଙ୍ଗଳା ଗାଆଣକୁ ପାନ ଓ ହଳଦୀ ମାଗିଲେ ଗାଆଣ ଜଳନ୍ତା ବଳିତା ଓ ଘୋଡ଼ା ବିଛୁଆତି ଦେଇଥାଏ। ମା'ମଙ୍ଗଳା ଏହି ବଳିତାକୁ ଆନନ୍ଦ ସହକାରେ ପାଟିରେ ପୁରାଇବା ଓ ବିଛୁଆତି ଦେହରେ ଲେପନ କରିବା ଭଳି ଦୁଃସାଧ୍ୟ କାର୍ଯ୍ୟ ଅଚିରେ କରିଥାନ୍ତି। ଏହାପରେ ଗାଆଣ ଅଗ୍ନିକୁମାରୀଙ୍କୁ ଆବାହନ କରିଥାଏ। ଅଗ୍ନିକୁମାରୀ ଅଗ୍ନିପୂଜା କରି ଅଗ୍ନି ଉପରେ ଚାଲିଥାନ୍ତି। ଏହି ଅବସରରେ ଭକ୍ତମାନେ ମଧ୍ୟ ଏହି ଅଗ୍ନିରେ ଚାଲିଲା ଭଳି ଅଦ୍ଭୁତ କାର୍ଯ୍ୟ କରିଥାନ୍ତି। ଏଭଳି ଦୁଃସାଧ୍ୟ କାର୍ଯ୍ୟ କରିସାରିଲା ପରେ ବିସର୍ଜନ ପାଇଁ ଭକ୍ତମାନେ ସମସ୍ତ କୁମ୍ଭ, ହାଣ୍ଡି, ଢ଼ଣ, କୁଲା, ଗଜାଙ୍କୁର ତାଟ ମୁଣ୍ଡରେ ଧାରଣ କରି ବାଦ୍ୟବାଜଣାର ତାଳେ ତାଳେ ଗ୍ରାମ ପରିକ୍ରମା କରି ଶୋଭାଯାତ୍ରାରେ ନଦୀକୁ ଯାଆନ୍ତି। ଏହି ଅବସରରେ ନଦୀତୁଠରୁ ବାଲି ଟାଙ୍ଗୁଡ଼ି ଆଣିଥିବା ଗଜାଭୀମ ହିଁ ବିସର୍ଜନ ଅବସରରେ ମଧ୍ୟ ସେହି ଦେବୀ ଦ୍ୱାରା ପ୍ରସ୍ତୁତ ଅଙ୍କୁରାରୋପଣ ଗଜା ଟାଙ୍ଗୁଡ଼ିକୁ ମୁଣ୍ଡରେ ଧାରଣ କରି ଶୋଭାଯାତ୍ରାରେ ବାହାରିଥାନ୍ତି।

ଏହି ଅବସରରେ ନଦୀ ବା ପୁଷ୍କରିଣୀ ତୁଠରେ ଯଥାବିଧି ପୂଜାକାର୍ଯ୍ୟ କରାଯାଇ ସମସ୍ତ କୁମ୍ଭ, ତାଟ, ଗଜା ଆଦିକୁ ବିସର୍ଜନ କରାଯାଏ । ଏହି ଦିନ ମା'ମଙ୍ଗଳାଙ୍କୁ ପାଦଦେଶରେ ପୋତାଯାଇଥିବା ଗୁଆକୁ ସନ୍ତାନକାମୀ ଭକ୍ତକୁ ପ୍ରଦାନ କରାଯାଇଥାଏ। ତା'ପରଦିନ ଏହି କୋଠିସ୍ଥଳ ଶୀତଳ କରାଯାଏ। ଏଭଳି ଭାବରେ ଏହି 'ଓଷାକୋଠି' ବ୍ରତ ପାଳନ କରାଯାଇଥାଏ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, 'ଓଷାକୋଠି' ହେଉଛି ଦେବୋପାସନାର ଏକ କୋଠି। ଏଥିରେ ସ୍ଥାନ ପାଇଥିବା ମୂର୍ତ୍ତି, ଭିତ୍ତିଚିତ୍ର, ସିଂହାସନ ଆଦି କୌଣସି ଶାସ୍ତ୍ରାନୁମୋଦିତ ନୁହେଁ। ଏହି ଉପାସନରେ ପୂଜକ; ଶ୍ରୀୟା ଚଣ୍ଡାଲୁଣୀ, ଉଦ୍‌ଗାତା ଓ ଗାଆଣ। ଏହି ଉପାସନାର ମହାତ୍ମ୍ୟ ଏଭଳି ଯେ, ଏହି ପୂଜାର ଆରାଧନାର ଭଜାଶସ୍ୟ ଗଜାହୁଏ, ଖାଲିପାଦରେ ନିଆଁରେ ଚାଲିହୁଏ ଏବଂ ଦେବଦେବୀଙ୍କ ଆବେଶ ଅବସରରେ ଆଗତ ଭବିଷ୍ୟତ ଜାଣିହୁଏ। ବଡ଼ ବିଚିତ୍ର ଏ ଆରାଧନା ପରମ୍ପରା ଓ ଏହାର ବିଶ୍ୱସନୀୟତା ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଭଞ୍ଜବିହାର, ବ୍ରହ୍ମପୁର*
*ସଂପର୍କ: ୮୮୯୫୧୪୧୭୨୭*





## ଅଦାଲତ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ 'ଜିମା'



**କଟକ :** ଏଣିକି ଉଭୟ ହାଇକୋର୍ଟ ଓ ନିମ୍ନ ଅଦାଲତ ଗୁଡିକ ପାଇଁ ହେଉଥିବା ଭିତ୍ତିଭୂମି ନିର୍ମାଣ ଏକ ସ୍ୱତନ୍ତ୍ର ସଂସ୍ଥା ହାତରେ ରହିବ। ଏଭଳି ବ୍ୟବସ୍ଥା ଦେଶରେ ପ୍ରଥମ ବୋଲି କୁହାଯାଉଛି। ହାଇକୋର୍ଟଙ୍କ ପରାମର୍ଶ କ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏହି ନ୍ୟାୟିକ ଭିତ୍ତିଭୂମି ପରିଚାଳନା ସଂସ୍ଥା (ଜୁଡିସିଆଲ ଇନଫ୍ରାଷ୍ଟ୍ରକଚର ମ୍ୟାନେଜମେଣ୍ଟଏଜେନ୍ସି) ଏଣିକି ନ୍ୟାୟିକ ଭିତ୍ତିଭୂମି ରୂପାୟନପାଇଁ କାର୍ଯ୍ୟ କରିବ। ବୁଧବାର ଦିନ କଟକରେ ନୂତନ ଭାବେ ଗଠିତ ଜିମାର କାର୍ଯ୍ୟାଳୟକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲୀଧର ଉଦ୍ଘାଟନ କରିଛନ୍ତି। କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଆର ଆଣ୍ଡ ବି ସର୍କଲ କାର୍ଯ୍ୟାଳୟ ପରିସରରେ ଜିମା କାର୍ଯ୍ୟ କରିବ। ପୂର୍ବରୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ଅଥବା ଅନ୍ୟ ବିଭାଗ ଉପରେ ନ୍ୟାୟିକ ବ୍ୟବସ୍ଥାର ଭିତ୍ତିଭୂମି ନିର୍ମାଣ ପାଇଁ ନିର୍ଭର କରିବାକୁ ପଡୁଥିଲା। ଏଣିକି ଉଭୟ ହାଇକୋର୍ଟ ଓ ନିମ୍ନ ଅଦାଲତ ଗୁଡିକ ପାଇଁ ହେଉଥିବା ଭିତ୍ତିଭୂମି ନିର୍ମାଣ ତଥା ଅଦାଲତ କୋଠା, ବିଚାରପତି ଓ ଅନ୍ୟ କର୍ମଚାରୀଙ୍କ କ୍ୱାର୍ଟର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ଉପରୋକ୍ତ ସଂସ୍ଥା ନୋଡାଲ ଏଜେନ୍ସି ଭଳି କାମ କରିବ। ନ୍ୟାୟପାଳିକା ଭିତ୍ତିଭୂମି ସହିତ ଜଡିତ ପ୍ରକଳ୍ପ ଗୁଡିକ ଜିମା ତଦାରଖରେ ଚାଲିବ। ଆଜିର ଉଦଘାଟନ କାର୍ଯ୍ୟକ୍ରମରେ ହାଇକୋର୍ଟ ବିଲଡିଂ କମିଟି ଅଧ୍ୟକ୍ଷ ଜଷ୍ଟିସ ଯଶୱନ୍ତ ସିଂହ, ନିମ୍ନ ଅଦାଲତ ଗୁଡିକ ପାଇଁ ରହିଥିବା ହାଇକୋର୍ଟ ବିଲଡିଂ କମିଟି ଅଧ୍ୟକ୍ଷ ଡକ୍ଟର ଜଷ୍ଟିସ ବି.ଆର.ଷଡଙ୍ଗୀ, ଉଭୟ କମିଟି ସଦସ୍ୟମାନେ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଡକ୍ଟର ଆର. ବାଲକ୍ରିଷ୍ଣ, ଅର୍ଥ ବିଭାଗ ସଚିବ ବିଶାଳ ଦେବ, ଆଇନ ବିଭାଗର ସଚିବ ସତ୍ୟପୀର ମିଶ୍ରଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀ ,ଆର ଆଣ୍ଡ ବି ମୁଖ୍ୟଯନ୍ତ୍ରୀ, ହାଇକୋର୍ଟ ବାର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଏସ୍‌ଏଚ୍‌ଜି ଗ୍ରୁପ୍ କରିବ ରାସ୍ତାପାର୍ଶ୍ୱ କେନ୍ଦ୍ରର ରକ୍ଷଣାବେକ୍ଷଣା

**ଭୁବନେଶ୍ୱର :** ଓଡ଼ିଶାର ବିଭିନ୍ନ ରାଜପଥ ଓ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ପରିଚାଳନା ସଂପୃକ୍ତ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେସନ୍ ମାଧ୍ୟମରେ କରାଯିବ। କେନ୍ଦ୍ରଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣା ବିଭାଗ ଦ୍ୱାରା ସଂପୃକ୍ତ ପରିଚାଳକ ସଂଘର ସକ୍ରିୟ ସହଯୋଗରେ ହେବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ମୁଖ୍ୟ ସଡ଼କ ପାର୍ଶ୍ୱରେ ୮୪ଟି ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି। ଏସବୁ କେନ୍ଦ୍ରରେ ଗାଡ଼ି ପାର୍କିଂ, ମହିଳା ଓ ପୁରୁଷ ଶୌଚାଳୟ, ପ୍ରସାଧନ ଓ ବସିବା ସ୍ଥାନ, ଚା, କଫି ଓ ଜଳଖିଆ ଆଦି ସ୍ଥାନ ନିର୍ମାଣ ହୋଇଛି। ତହିଁରୁ ୩୫ଟି କେନ୍ଦ୍ର ପର୍ଯ୍ୟଟନ ବିଭାଗ ଓ ୪୯ଟି କେନ୍ଦ୍ର ପୂର୍ତ୍ତ ବିଭାଗ ଜରିଆରେ ନିର୍ମାଣ କରାଯାଇଛି। ଏହାସହ ପ୍ରକୃତି ପର୍ଯ୍ୟଟନ-ସ୍ଥଳୀମାନଙ୍କରେ ଜଙ୍ଗଲ ଓ ପରିବେଶ ବିଭାଗ ମାଧ୍ୟମରେ ପର୍ଯ୍ୟଟନ ସୁବିଧା କେନ୍ଦ୍ର ନିର୍ମାଣ ହୋଇଛି। କେନ୍ଦ୍ରଗୁଡ଼ିକୁ ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ସହଜ, ଆତିଥ୍ୟପୂର୍ଣ୍ଣ ଓ ନିରାପଦ କରାଯିବ। ଏଥିପାଇଁ ନିର୍ଦ୍ଦିଷ୍ଟ




କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପୂର୍ତ୍ତ, ପର୍ଯ୍ୟଟନ ଓ ମିସନ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭ୍ରମଣକାରୀ ଓ ପର୍ଯ୍ୟଟକମାନେ ସାଧାରଣତଃ ଯିବାଆସିବା କରୁଥିବା ରାସ୍ତା ନିକଟସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେସବୁର ସଂକ୍ଷିପ୍ତ ବିବରଣୀ ଭିତ୍ତିକ ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ଏସବୁ ସୁନ୍ଦର ସ୍ଥାନର ମଧ ବିକାଶ ସହିତ ଛୋଟ ପାର୍କର ବ୍ୟବସ୍ଥା ରହିଲେ ପର୍ଯ୍ୟଟକମାନେ ଦୀର୍ଘଯାତ୍ରାର କ୍ଳାନ୍ତିରୁ ବିରାମ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଓଡ଼ିଶା ଭ୍ରମଣ ସେମାନଙ୍କ ପାଇଁ ଅଧିକ ଉପଭୋଗ୍ୟ ଓ ସ୍ମରଣୀୟ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବୈଠକରେ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ, ମିସନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।

## ଜିଲ୍ଲା ପରିଷଦର ଦ୍ୱିତୀୟ ସାଧାରଣ ବୈଠକ

**ଜଗତସିଂହପୁର :** ଜିଲ୍ଲାପରିଷଦ ସମ୍ମିଳନୀକକ୍ଷ ଠାରେ ଜଗତସିଂହପୁର ଜିଲ୍ଲା ପରିଷଦ ଦ୍ୱିତୀୟ ସାଧାରଣ ବୈଠକ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସରକାରୀ ମୁଖ୍ୟସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇକହିଥିଲେ ଯେ ଜିଲ୍ଲାର କେଉଁ କେଉଁ ବ୍ଲକରେ କେତେ ଉଠାଜଳସେଚନ ପଏଂଟ ରହିଛି ଓ ସେଥିମଧ୍ୟରୁ କେତେ ଆଜିସୁଦ୍ଧା କାର୍ଯ୍ୟକ୍ଷମ ରହିଛି ଏବଂ ଖରାପ ଅଛି ତାହାର ରିପୋର୍ଟ ପ୍ରଦାନ କରିବାକୁ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିପରି ମୃର୍ତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଫାର୍ମ ପଣ୍ଡର ସ୍ୱଷ୍ଟ ଅନୁସନ୍ଧାନ କରାଯିବା ପାଇଁ ଆଲୋଚନା ବି କରିଥିଲେ। ଏହି ବୈଠକରେ ଯୋଗଦେଇ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ



କହିଥିଲେ ଯେ ଜିଲ୍ଲାର ଜନସାଧାରଣଙ୍କ ଯାହାସବୁ ମୌଳିକ ସମସ୍ୟା ସବୁ ରହିଛି ତାହାର ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା ଏରସମା ବିଧାୟକ ତଥା ପୂର୍ବତନମ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ ଯେ ନିର୍ବାଚିତ ପ୍ରତିନିଧୀ ମାନେ ଲୋକମାନଙ୍କ ସହ ଜଡିତ ହୋଇ ସରକାରୀ ଅଧିକାରୀମାନଙ୍କ ମାଧ୍ୟମରେ ସମସ୍ୟା ସମାଧାନ କରିବାପାଇଁ ସହଯୋଗର ହାତ ବଢାଇବା ଉଚିତ୍। ସେହିପରି ତିର୍ତ୍ତୋଲ ବିଧାୟକ ଓ ପାରାଦ୍ୱୀପ ବିଧାୟକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ପାରୁଲ ପଟୱାରୀ କହିଥିଲେ ଯେ ସମସ୍ତ ସରକାରୀ ଅଧିକାରୀମାନେ ଜନପ୍ରତିନିଧୀ ମାନଙ୍କୁ ପ୍ରତ୍ୟେକ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହିତ ସେମାନଙ୍କ ପ୍ରଶ୍ନର ଉତର ଦେବାପାଇଁ ଚେଷ୍ଟା କରନ୍ତୁ। ଏହି ବୈଠକରେ ପୂର୍ବ ବୈଠକର ବିବରଣୀକୁ ଦୃଢୀକରଣ କରାଯାଇଥିଲା। ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାସ ଆଲୋଚନାକୁ ଆଗକୁ ନେଇ ଜିଲ୍ଲାପରିଷଦ ସଭ୍ୟମାନଙ୍କର ପ୍ରଶ୍ନର ଉତର ମଧ୍ୟ ପ୍ରଦାନ କରିଥିଲେ। ଏହି ବୈଠକ ଚାଲିଥିବା ବେଳେ ଶାସକ ଦଳର କିଛି ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟାଙ୍କ ପ୍ରଶ୍ନ ଶୁଣାଯାଉନାହିଁ କହି ହୋ ହାଲା କରୁଥିବାର ଦେଖିବାକୁ ମିଳିଥିଲା। ଏହି ବୈଠକରେ ଜିଲ୍ଲା ପରିଷଦ ସମସ୍ତ ସଦସ୍ୟ, ସଦସ୍ୟା, ପଂଚାୟତସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, କ୍ଷତ୍ରିୟ ଅଧିକାରୀ ଓ ବିଡିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ଉପ-ସଭାପତି ସୁଜାତା ମହାନ୍ତି ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ ହେଲାବୋଲି ଘୋଷଣା କରିଥିଲେ।

## ୨ ହଜାର ସ୍କୁଲର ୪୩,୦୦୦ ପିଲାଙ୍କୁ ମିଳିବ ମାଗଣା ଫୁଟବଲ୍

**ଭୁବନେଶ୍ୱର :** ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। ହକି ଭଳି ଫୁଟବଲ୍‌ର ମଧ ବିକାଶ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ସ୍କୁଲ ପିଲାଙ୍କ ପାଇଁ ଫୁଟବଲ ଖେଳ ପ୍ରତି ଆଗ୍ରହ ସୃଷ୍ଟି ଲାଗି ଯୋଜନାର ଶୁଭାରମ୍ଭ କରିଛନ୍ତି। ସ୍କୁଲ ପିଲାଙ୍କୁ ଫୁଟବଲ ପ୍ରତି ଆଗ୍ରହୀ କରାଇବା ପାଇଁ 'ଫୁଟବଲ୍ ଫର୍ ଅଲ୍' ଯୋଜନା ଆରମ୍ଭ ହୋଇଯାଇଛି। ରାଜ୍ୟର ୨ ହଜାର ସ୍କୁଲରେ ପିଲାମାନଙ୍କୁ ୪୩ ହଜାର ଫୁଟବଲ ବଣ୍ଟନ ହେବ। ଏହି ପଦକ୍ଷେପ ଦ୍ୱାରା ଆମ ରାଜ୍ୟରେ ତୃଣମୂଳସ୍ତରରେ ଫୁଟବଲ୍ ଖେଳର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଶାରେ ଫୁଟବଲ ଖେଳର ବିକାଶ ପାଇଁ କିଟ୍-କିସ୍‌ର ଭାଗିଦାରୀରେ ଫିଫା ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ଭାରତରେ ଫୁଟବଲ୍‌ର ବିକାଶ ପାଇଁ ଫିଫା ପକ୍ଷରୁ ପ୍ରଥମ ଥର ଏକ ବଡ଼ଧରଣର ପଦକ୍ଷେପ ହାତକୁ ନିଆଯାଇଛି। ଭର୍ଚୁଆଲ ମାଧ୍ୟମରେ ଯୋଡ଼ିହୋଇ




ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଫୁଟବଲ ହେଉଛି ଏକ ଲୋକପ୍ରିୟ ଖେଳ। ଏହି ଖେଳ ସହିତ ପୂରା ବିଶ୍ୱ ଯୋଡ଼ି ହୋଇଛି। ଆଶା କରୁଛି, କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଫୁଟବଲ ଖେଳର ବିକାଶ ହୋଇପାରିବ। ବିଶେଷ ଭାବରେ ଆମକୁ ମହିଳା ଫୁଟବଲ ଉପରେ ଅଧିକ ଗୁରୁତ୍ୱ ଦେବାର ଅଛି। ବିଶ୍ୱକପକୁ ଦୃଷ୍ଟିରେ ରଖି ଆମେ ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରିଛେ। ସେହିପରି ଖେଳାଳିଙ୍କ ବିକାଶ ପାଇଁ କୋଚ୍ ନିଯୁକ୍ତ କରିଛେ। ଫିଫା ୧୭ ବର୍ଷରୁ କମ ମହିଳା ବିଶ୍ୱକପ ପାଇଁ ଓଡ଼ିଶା ଆୟୋଜକ ହୋଇପାରିଛି। ଏହା ଓଡ଼ିଶା ପାଇଁ ଗୌରବର ମୁହୂର୍ତ୍ତ। ଆମେ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ଓ ଫିଫା ସହିତ ଯୋଡ଼ିହୋଇଛେ। ଏହି ବିଶ୍ୱକପ୍ ରାଜ୍ୟରେ ଫୁଟବଲ୍ ଖେଳର ବିକାଶରେ ସହାୟକ ହେବ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ଫିଫା ଚୟନ କରିବା ଓ ଡ. ଅଚ୍ୟୁତ ସାମନ୍ତଙ୍କ ଭୂମିକାକୁ ଧନ୍ୟବାଦ ଜଣାଉଛି। ଭର୍ଚୁଆଲ ବୈଠକରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, କନ୍ଧମାଳ ସାଂସଦ ତଥା କିଟ-କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫିଫାର ସେକ୍ରେଟାରୀ ଜେନେରାଲ ଫାତମା ସମୌରା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫ଟି ସଚିବ ଭିକେ ପାଣ୍ଡିଆନ୍ ଓ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱିନ୍ତି ଏସ୍ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ବେହେରା ଭୁବନେଶ୍ୱରସ୍ଥିତ ୟୁନିଟ-୯ ବାଳିକା ବିଦ୍ୟାଳୟ ଓ କ୍ୟାପିଟାଲ ହାଇସ୍କୁଲର ପିଲାମାନଙ୍କୁ ଫୁଟବଲ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ସମୂହ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଜଗତସିଂହପୁର :** ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଜିଲ୍ଲପାଳ ପାରୁଲ ପଟୱାରୀ ମୁଖ୍ୟଅତିଥ ଭାବେ ଯୋଗଦେଇ କ୍ରୀଡା ପତାକା ଉତୋଳନ କରି ଜିଲ୍ଲା ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ବାଳକବାଳିକା ୨ଟି ଟିମ୍ ଯୋଗଦେଇଛନ୍ତି। ପ୍ରତ୍ୟେକ ଟିମ୍‌ରେ ୧୬ଜଣ କ୍ରୀଡାବିତ୍ ରହିଛନ୍ତି। ଓଡିଶା ରାଜ୍ୟ ସମସ୍ତ ପ୍ରକାର କ୍ରୀଡାରେ ଉନ୍ନତି ପ୍ରଦାନ କରିଆସୁଛି ଓ ମୁଖ୍ୟମନ୍ତ୍ରୀ ରାଜ୍ୟରେ କ୍ରୀଡାର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମମାନ ରଖିଛନ୍ତି। ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ପାଇଁ ଏହାଏକ ସୁଯୋଗ ଓ ପ୍ରଦର୍ଶନ ପାଇଁ ପୃଷ୍ଠଭୂମି ବୋଲି ପ୍ରକାଶ କରିଥିଲେ। କ୍ରୀଡାକୁ ଖେଳୁଆଡ ମନବୃତିରେ ଗ୍ରହଣ କରିବାପାଇଁ ଉପସ୍ଥିତି ଥିବା କ୍ରୀଡାବିତ୍‌ମାନଙ୍କୁ ଉପଦେଶ ଦେଇଥିଲେ। କ୍ରୀଡା ଶାରିରୀକ ସୁସ୍ଥତା ପ୍ରଦାନ କରିଥାଏ ଏବଂ କ୍ରୀଡା ଦ୍ୱାରା ମସ୍ତିଷ୍କ ଓ ଶରୀର ବିକଶିତ ହୋଇଥାଏ। ଏହି ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ବେହେରା କହିଥିଲେ ଯେ, କ୍ରୀଡା ପ୍ରତିଯୋଗିତାରେ ହାରଜିତ୍ ବଡ କଥା ନୁହେଁ। ରାଜ୍ୟ ସରକାର କ୍ରୀଡାର ବିକାଶ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ହକି ଜଗତରେ ସାରା ବିଶ୍ୱରେ ଓଡିଶା ତାର ସୁନାମ ବଜାୟ ରଖିଛି। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ରାଜ୍ୟଶ୍ରୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଉତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡା ନିତ୍ୟାନ୍ତ ଅପରିହାର୍ଯ୍ୟ। ଉତମ ସ୍ୱାସ୍ଥ୍ୟ ରହିଲେ ଛାତ୍ରଛାତ୍ରୀମାନେ ସବୁଥିରେ ଆଗେଇ ପାରିବେ। ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନେ ଫୁଟବଲ ଖେଳିବା ସହିତ ଅଂଶଗ୍ରହଣ କରିବାପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶାରିରୀକ ଶିକ୍ଷା ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଶାରିରୀକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଜଗତସିଂହପୁରର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା, କ୍ରୀଡା କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


## ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ବିଶିଷ୍ଟ ସମାଜସେବୀ ବିପିନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ :** ବରଗଡ଼ ଜିଲ୍ଲା ଅତାବିରାର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବିପିନ ପ୍ରଧାନଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଜି ଅତାବିରା ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂଗଠନର ସଭାପତି ସମାଜସେବୀ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା କ୍ରମେ ଏହି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସଂଗଠନର ସମ୍ପାଦକ ଲେଶଦେବ ପ୍ରଧାନ, କୋଷାଧ୍ୟକ୍ଷ ଅଜିତ ପ୍ରଧାନ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ଦୁର୍ଯ୍ୟୋଧନ ଗଡତିଆ, ଦିଲୀପ ସାହୁ, ବିଶ୍ୱ ଭୋଇ, ମନୋରଞ୍ଜନ ପ୍ରଧାନ (ଅଗି), ରଘୁନାଥ ବିଶ୍ୱାଳ, ସାମ୍ବାଦିକ ଆକାଶ ମିଶ୍ର, ଅନୁସୂୟା ଦେବତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭା ଅତାବିରା ଅଞ୍ଚଳର ଜନବସତି ଠାରୁ ଦୂର ଏକ ସ୍ଥାନରେ ପ୍ରାକୃତିକ ଓ ଶାନ୍ତ ପରିବେଶ ଭରା ପରିବେଷ୍ଟନୀରେ




ଅନୁଷ୍ଠିତ ହୋଇଥିଲା। ତାଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତେ ସ୍ୱର୍ଗତ ପ୍ରଧାନଙ୍କ ସମାଜସେବା ଉପରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପ୍ରଧାନ ଜାଣେ ଖାଲି ସମାଜ ସେବୀ ନଥିଲେ, ସେ ଜଣେ ଶିକ୍ଷା ପ୍ରେମୀ ମଧ ଥିଲେ ବୋଲି ସଂଗଠନର ସଭାପତି କହିଥିଲେ। ସେ ଲାଦେରପାଲି ସ୍ଥିତ ଅରବିନ୍ଦ ଶିକ୍ଷା କେନ୍ଦ୍ରର ଉପଦେଷ୍ଟା ସଭ୍ୟ ଭାବରେ ଦୀର୍ଘ ବର୍ଷ ଧରି ରହି ଆସିଥିଲେ। ଏହା ବ୍ୟତୀତ ସେ ଦେବାହାଲ ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ମଧ ରହିଥିଲେ। କିନ୍ତୁ ଚାକିରି ଠାରୁ ସମାଜ ସେବାକୁ ଅଧିକ ଗୁରୁତ୍ୱ ମନେକରି ସେ ଚାକିରୀ ଛାଡି ସମାଜସେବା କୁ ଆପଣେଇ ନେଇଥିଲେ। ଏହାଛଡ଼ା ସେ ଲାୟାଂସ କ୍ଲବ୍‌ର ସଭାପତି, ଗ୍ରାମ୍ୟ କମୀଟିର ସଭାପତି, ପଶ୍ଚିମ ଓଡ଼ିଶା କୁଳିତା ସମାଜର ସଭାପତି ଭାବେ ଦୀର୍ଘ ଦିନ ରହି ଦାୟିତ୍ୱ ତୁଲାଇଥିଲେ। ତାଙ୍କରି ଆଦର୍ଶକୁ ଆପଣେଇ ନେଇ ନିଜ ଜୀବନରେ ତାକୁ ପ୍ରୟୋଗ କରି ପାରିଲେ ତାଙ୍କର ଦେଖିଥିବା ସପ୍ନ ପୂରଣ ହୋଇପାରିବ ବୋଲି ସଂଗଠନର ସଭାପତି କହିଥିଲେ। ଶେଷରେ ଲେସଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


### ହାଇକୋର୍ଟରେ ଆପାର୍ଟମେଣ୍ଟ ମାଲିକାନା ଆଇନ ମାମଲା

## ଓରେରା ଆବେଦନ ଖାରଜ; ନଭେମ୍ବର ୨୪ରେ ପରବର୍ତ୍ତୀ ଶୁଣାଣି

**କଟକ :** ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ 'ଆସୋସିଏସନ୍ ଅଫ୍ ଆଲଟିଜ୍' ପଞ୍ଜୀକରଣ ପ୍ରସଂଗରେ ୨୦୨୨, ସେପ୍ଟେମ୍ବର ୨୮ରେ ପ୍ରକାଶିତ ନିର୍ଦ୍ଦେଶନାମା ଉପରେ ରହିତାଦେଶ ଜାରି ରହିଛି। ପୂର୍ବରୁ ସେପ୍ଟେମ୍ବର ୩୦ରେ ଜାରି କରାଯାଇଥିବା ରହିତାଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୩୦ର ଅନ୍ତରୀଣ ରହିତାଦେଶ ଉଠାଇବା ପାଇଁ ଓରେରା ପକ୍ଷରୁ ଦାଖଲ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ମାମଲା ବିଚାରାଧୀନ ଥିବାବେଳେ ଓରେରା ପକ୍ଷରୁ ସେପ୍ଟେମ୍ବର ୨୮ରେ ବିଜ୍ଞପ୍ତି ପ୍ରକାଶ କରାଯିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏଥିସହିତ ଏପରି ବିଜ୍ଞପ୍ତି ଉପରେ ଜାରି କରାଯାଇଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ନୂଆ ଆପର୍ଟମେଣ୍ଟ ଓନରସିପ୍ ଆଇନ ଆଣିବାକୁ ସବୁ ପ୍ରକାର ଚେଷ୍ଟା କରାଯାଉଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଯଥାଶୀଘ୍ର ନୂଆ ଓଡ଼ିଶା ଆପାର୍ଟମେଣ୍ଟ ଓନରସିପ୍ ଆଇନ ଲାଗୁ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହିତ ନଭେମ୍ବର ୨୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ସମସ୍ତ ମାମଲାର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**